

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-147 ♦SUNDAY ♦23 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୪୭ ♦ରବିବାର ♦୨୩ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


# ଲଘୁଚାପ ରୂପ ନେଲା ଘୂର୍ଣ୍ଣିବଳୟ

## ୨୪ରେ ଅବପାତ; ୨୭ରେ ସ୍ପଷ୍ଟ ହେବ ବାତ୍ୟାର ଚିତ୍ର

■ ଭୁବନେଶ୍ୱର, ୨୨।୧୧ (ସମିସ): ଶୁକ୍ରବାର ମଲକ୍କା ପ୍ରଣାଳୀର ମଧ୍ୟଭାଗ ଉପରେ ଥିବା ଘୂର୍ଣ୍ଣିବଳୟ ଶନିବାର ଲଘୁଚାପର ରୂପ ନେଇଛି। ସୃଷ୍ଟ ଲଘୁଚାପଟି ଆସନ୍ତା ୨୪ ତାରିଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ।

ସେ କହିଛନ୍ତି ଯେ ଶନିବାର ସକାଳ ପ୍ରାୟ ୮ଟା ୩୦ ମିନଟରେ ମଲକ୍କା ପ୍ରଣାଳୀ ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଆସନ୍ତା ୨୪ ତାରିଖ ସୁଦ୍ଧା ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି । ରାଜ୍ୟରେ ଆଗାମୀ ୬ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ସେଥିପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ। ସେହିପରି ଦିନ କିମ୍ବା ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।



ଅପରପକ୍ଷେ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୨୭ ତାରିଖରୁ ଶୁଷ୍କ ଥଣ୍ଡା ଉତ୍ତରା ପବନ ରାଜ୍ୟକୁ ବହିବ। ଫଳରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବ। ଗତ ସପ୍ତାହ ପରି ଅନେକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀରୁ କମିବ ଏବଂ ଶୀତ ବଢ଼ିବ। ସେହିପରି ରାଜ୍ୟର ଉପକୂଳ ଓ ସଂଲଗ୍ନ ବଙ୍ଗୋପସାଗରରେ ତାପମାତ୍ରା କମିବା ଯୋଗୁଁ ଗୋପାଳପୁରରୁ ଉତ୍ତରରେ ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଜଳପତ୍ତନର ତାପମାତ୍ରା ୨୭ ଡିଗ୍ରୀରୁ କମିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଉପ-ଉଷ୍ଣମଣ୍ଡଳୀୟ ଗୁରୁଚାପ ବଳୟ ଓ ଉପର ବାୟୁମଣ୍ଡଳର ଜେଟ୍ ଷ୍ଟ୍ରିମରେ ଘୂର୍ଣ୍ଣିବଳୟର ଅବସ୍ଥିତିରେ ପରିବର୍ତ୍ତନ ସହ ଓଡ଼ିଶା ଉପକୂଳକୁ ଶୁଷ୍କ ବାୟୁର ସମ୍ଭାବ୍ୟ ପ୍ରବାହ ଓ ଥଣ୍ଡା ବଢ଼ିବା କାରଣରୁ ସମ୍ଭବତଃ ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବାକୁ ପ୍ରତିକୂଳ ରହିବ। ତେବେ ସମ୍ଭାବ୍ୟ ବାତ୍ୟା ଲ୍ୟାଣ୍ଡଫଲର ଚିତ୍ର ୨୭ ତାରିଖ ବେଳକୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# 'ସକାଳ' ପକ୍ଷରୁ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଆଜି

■ ଭୁବନେଶ୍ୱର, ୨୨।୧୧ (ସମିସ): ଆସନ୍ତା ଡ଼ିସେମ୍ବର ୧ ତାରିଖରେ ପଞ୍ଚମ ସ୍ୱନକ୍ଷତ୍ର ଦିବସ ପାଳନ କରିବ ଦୈନିକ 'ସକାଳ'। ଏହି ଅବସରରେ ସାରା ରାଜ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା। ସବୁ ଜିଲ୍ଲା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁର ସହରରେ ଦୁଇ ପର୍ଯ୍ୟାୟରେ କନିଷ୍ଠ ଓ ବରିଷ୍ଠ ବର୍ଗଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଛି। କନିଷ୍ଠ ବର୍ଗରେ ଅଷ୍ଟମରୁ ଦଶମ ଶ୍ରେଣୀ ଓ ବରିଷ୍ଠ ବର୍ଗରେ କଲେଜ, ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଜିଲ୍ଲାସ୍ତରରେ ଉଭୟ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ଡିସେମ୍ବର ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହେବେ ।




# ମହଙ୍ଗା ହେବ ଔଷଧ ମୂଲ୍ୟ

■ ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଜିଏସ୍‌ଟି ହାର ହ୍ରାସ ପରେ ଜନତାଙ୍କୁ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଥିଲା। ମାତ୍ର ଏହାର ସେତେ ଲାଭ ଜନସାଧାରଣଙ୍କୁ ମିଳି ନ ଥିଲା। କିଛି କମ୍ପାନୀ ଅସାଧୁ ଭାବେ ମୂଲ୍ୟ ସହିତ ପରିମାଣ କମାଇ ଅଧିକ ଲାଭ ଅର୍ଜନ କରୁଥିବା ଦେଖିବାକୁ ମିଳୁଥିଲା। ଏବେ ପୁଣି ଜନତାଙ୍କୁ ବଡ଼ ଝଟ୍‌କା ଲାଗିବାକୁ ଯାଉଛି। ସରକାର ଫାର୍ମା କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଅର୍ଥାତ ଫାର୍ମାସ୍ୟୁଟିକାଲ୍ସ ଇନ୍‌ପୁଟ ପାଇଁ ସର୍ବନିମ୍ନ ଆମଦାନୀ ମୂଲ୍ୟ (ଏମଆଇପି) ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁଁ



ଔଷଧ ମୂଲ୍ୟ ବଢ଼ିପାରେ। ଫାର୍ମା ଉଦ୍ୟୋଗ ସହ ଜଡ଼ିତ ଅନେକ ବିଶେଷଜ୍ଞ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କ ଅନୁଯାୟୀ, କିଛି ଜରୁରୀ କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଆକ୍ଟିଭ ଫାର୍ମାସ୍ୟୁଟିକାଲ ଇନଗ୍ରିଡିଆଣ୍ଟ (ଏଆଇପି ) ଏବଂ ଔଷଧ ଉତ୍ପାଦନ କରୁଥିବା କମ୍ପାନୀଙ୍କ ବ୍ୟୟ ବଢ଼ିବ। ବ୍ୟୟ ବଢ଼ିଲେ ଔଷଧ ମୂଲ୍ୟ ବୃଦ୍ଧି କରାଯିବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ରୋଗୀଙ୍କ ଉପରେ ପଡ଼ିବ।

ରିପୋର୍ଟ ଅନୁଯାୟୀ ଚୀନ୍ ଭଳି ଦେଶରୁ ଆସୁଥିବା ବିପୁଳ କଞ୍ଚାମାଲ ଆମଦାନୀ ହ୍ରାସ କରିବା ଏହାର ଉଦ୍ଦେଶ୍ୟ। କାରଣ ଏହା ଭାରତର ଘରୋଇ ଉତ୍ପାଦକଙ୍କ ସ୍ଥାୟୀ କ୍ଷମତାକୁ ପ୍ରଭାବିତ କରୁଛି। ତେବେ ଅନେକ ମେଡିକାଲ ବିଶେଷଜ୍ଞ ଏହି ପଦକ୍ଷେପ ଫାର୍ମା ଉଦ୍ୟୋଗ ପାଇଁ କ୍ଷତିକାରକ ହେବ ବୋଲି କହିଛନ୍ତି। ଏବେ ସରକାର ପେନସିଲିନ-ଜି, ଆମୋକ୍ସିଲିନ ପାଇଁ ଏମଆଇପି ଧାର୍ଯ୍ୟ କରିବାକୁ ବିଚାର କରୁଛନ୍ତି। ଆଣ୍ଟିବାୟୋଟିକରେ ପ୍ରସ୍ତୁତ ଏହି କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଏମଏସଏମଇ ଉପରେ ପ୍ରଭାବ ପଡ଼ିପାରେ। ଏହା ଦ୍ୱାରା ୧୦ ହଜାରରୁ ଅଧିକ ଏମଏସଏମଇ ପ୍ରଭାବିତ ହୋଇପାରନ୍ତି। ଅନେକ ମଧ୍ୟ ବନ୍ଦ ହୋଇପାରେ। ଏହା ଦ୍ୱାରା ୨ ଲକ୍ଷ ଲୋକଙ୍କ ନିଯୁକ୍ତି ଯାଇପାରେ।

### ଠକେଇ ମାମଲାରେ ଆମେରିକା କୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ

# ବାଇଜୁ ରବୀନ୍ଦ୍ରନଙ୍କୁ ୯ ହଜାର କୋଟି ଟଙ୍କା ଜୋରିମାନା




■ ୱାସିଂଟନ, ୨୨।୧୧ (ଏଜେନ୍ସି): ଏଡ୍‌ଟେକ କମ୍ପାନୀ ବାଇଜୁସର ପ୍ରତିଷ୍ଠାତା ବାଇଜୁ ରବୀନ୍ଦ୍ରନଙ୍କୁ ବଡ଼ ଝଟ୍‌କା ଲାଗିଛି। ଆମେରିକାର ବ୍ୟାଙ୍କରପ୍‌ସି କୋର୍ଟ ତାଙ୍କ ଉପରେ ୧ ବିଲିୟନ ଡଲାର ତଥା ୯ ହଜାର କୋଟି ଟଙ୍କାର ଜୋରିମାନା ଲଗାଇଛନ୍ତି। ଋଣ ଭାରରେ ବୁଡ଼ିଥିବା ରବୀନ୍ଦ୍ରନଙ୍କ ପାଇଁ ଏହା ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି। ବାଇଜୁସ ଆଲ୍‌ଫା ଏବଂ ଋଣ ଦେଇଥିବା ଆମେରିକା କମ୍ପାନୀ ଗ୍ଲାସ ଟ୍ରଷ୍ଟ ଏଲଏଲସିର ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବାଇଜୁସ ଆଲ୍‌ଫା ଏକ ଆମେରିକୀୟ କମ୍ପାନୀ। ଏହା ଭାରତୀୟ ଏଡଟେକ୍ ବାଇଜୁସର ସହାୟକ । ୨୦୨୧ରେ ଡେଲାୱେୟର (ଆମେରିକା) ରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ବାଇଜୁସ୍ ପାଇଁ ପାଣ୍ଠି ସଂଗ୍ରହ କରିବା ଏହାର ଉଦ୍ଦେଶ୍ୟ ଥିଲା। ସୂଚନା ଅନୁଯାୟୀ ବାଇଜୁ ରବୀନ୍ଦ୍ରନଙ୍କ କମ୍ପାନୀ ବାଇଜୁସ ୨୦୨୧ରେ ଆମେରିକା ବ୍ୟାଙ୍କ ଏବଂ ଲେଣ୍ଡର୍ସଙ୍କ ଏକ ଗ୍ରୁପଠାରୁ ପ୍ରାୟ ୧.୨ ବିଲିୟନ ଡଲାର ଅର୍ଥାତ୍ ୧୧ ହଜାର କୋଟି ଟଙ୍କା ଋଣ ନେଇଥିଲା। ଏହା ବାଇଜୁସର ପରିଚାଳନାରେ ବ୍ୟବହାର କରାଯାଇଥିଲା। ଋଣ ପରିଶୋଧରେ ବିଫଳ ହେବା ପରେ ୨୦୨୪ ଏପ୍ରିଲରେ ବାଇଜୁସ୍ ଆଲ୍‌ଫା ଏହାର ପ୍ରତିଷ୍ଠାତା ରବୀନ୍ଦ୍ରନ, ତାଙ୍କ ପତ୍ନୀ ଦିବ୍ୟା ଗୋକୁଳନାଥ, ଭାଇ ରାଜୁ ଏବଂ ଅନ୍ୟମାନଙ୍କ ଉପରେ ୫୩୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୪,୫୦୦ କୋଟି ଟଙ୍କାର ଚୋରି ଓ ଠକେଇ ଅଭିଯୋଗ ଲଗାଇ ମାମଲା ରୁଜୁ କରିଥିଲା। କିଛି ଦିନ ତଳେ କୋର୍ଟ ଏହି ମାମଲାରେ ରାୟ ଦେଇ ୧ ବିଲିୟନ ଡଲାର ଜୋରିମାନା ଲଗାଇ ଥିଲେ।

**ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ**

# କେନ୍ଦ୍ରର ପ୍ରତ୍ୟାଖ୍ୟାନ; ରାଜ୍ୟକୁ ଧକ୍କା

## ଏକାଧିକ କାରଣ ଦର୍ଶାଇ ମିଶ୍ରଣ ପ୍ରସ୍ତାବକୁ ବିରୋଧ କରିଥିଲେ ଶକ୍ତି ସମୀକ୍ଷକ

■ ଭୁବନେଶ୍ୱର, ୨୨।୧୧ (ସମିସ): ଓଡ଼ିଶା କୋଲ ଏଣ୍ଡ ପାୱାର ଲିମିଟେଡ (ଓସିପିଏଲ)କୁ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ସହିତ ମିଶ୍ରଣ ନିମନ୍ତେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ରୋକଠୋକ ଖାରଜ କରି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ମନୋନୀତ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଓସିପିଏଲକୁ ସୂଚନା ଦେଇଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କୁ ଘେରିଛନ୍ତି। କେଉଁ ଆଧାରରେ ସରକାର ଦୁଇ ସଂସ୍ଥାକୁ ମିଶ୍ରଣ ପାଇଁ ଯୋଜନା କରିଥିଲେ ଓ କ'ଣ ପାଇଁ କେନ୍ଦ୍ର ଏହାକୁ ଖାରଜ କଲେ ସେ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ଥିବା ବିରୋଧୀ କହିଛନ୍ତି।

ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡ଼ିଶା ସରକାର ଗତ ଅକ୍ଟୋବର ୮ ତାରିଖରେ ନୀତିଗତ ନିଷ୍ପତ୍ତି ନେବାପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଏକାନ୍ତ ଆବଶ୍ୟକ ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବାପାଇଁ ଗତ ନଭେମ୍ବର ୧ ତାରିଖରେ ଓସିପିଏଲ ଏକ ପତ୍ର ମାଧ୍ୟମରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟକୁ ଆବେଦନ କରିଥିଲେ। ଓସିପିଏଲର ଆବେଦନକୁ ବିଚାରକରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ନିଜର ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖାନ କରିଛନ୍ତି।

**ମିଶ୍ରଣ ପାଇଁ ରାଜ୍ୟ ସରକାର ଗତ ମାସରେ ନେଇଥିଲେ ନୀତିଗତ ନିଷ୍ପତ୍ତି**

କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ମନୋହରପୁର କୋଇଲା ଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହିତ ଓସିପିଏଲ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଦ୍ୱିତୀୟରେ ଟାଙ୍ଗରଡିହି ଉତ୍ତର କୋଇଲାଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ-ଇନ ଅବଧିରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ସେହିପରି ଟାଙ୍ଗରଡିହି ଉତ୍ତର କୋଇଲାଖଣି ପାଇବା ପରେ ଓସିପିଏଲ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାଂପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ। ଅର୍ଥାତ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଓସିପିଏଲ-ଓପିଜିସି ମିଶ୍ରଣ ପାଇଁ ଓସିପିଏଲର ଆବେଦନକୁ ଅଗ୍ରାହ୍ୟ କରିବା ସହିତ ଓଡ଼ିଶା ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଖାରଜ କରିଦେଇଛନ୍ତି।

ଗତ ଅକ୍ଟୋବର ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏକ ନୋଟସିଟରେ ଶକ୍ତିବିଭାଗକୁ ସୂଚିତ କରି ରାଜ୍ୟ ସରକାର ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବାପାଇଁ ନୀତିଗତ ନିଷ୍ପତ୍ତି ନେଇଥିବା ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତି ବିରୁଦ୍ଧରେ ସେତେବେଳେ ପ୍ରବଳ ସ୍ୱର ଉତ୍ତୋଳନ କରିଥିଲେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର। ଶ୍ରୀ ମହାପାତ୍ର କହିଥିଲେ ଯେ ମିଶ୍ରଣ ନିଷ୍ପତ୍ତି ସପକ୍ଷରେ ଓପିଜିସିର ଯୁକ୍ତି ହେଉଛି ଯେ ମିଶ୍ରଣ ହୋଇଗଲେ ଜିଏସଟି କ୍ଷତିପୂରଣ ସେସ୍ ବାବଦକୁ ଟନ ପିଛା ୪୦୦ ଟଙ୍କା ଦେବାକୁ ▸ପୃଷ୍ଠା-୭

**ନୂଆପଡ଼ା ବ୍ୟବଚ୍ଛେଦ**

# ବୁଥ୍‌ୱାରୀ ତଦନ୍ତ କରିବ ଦଳ



**ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ**

**ବିଜେପିର ଜାଲିଆତିକୁ ବରଦାସ୍ତ କରିବନି ବିଜେଡି**

**କୌଶଳ କରି ଭୋଟ ଦେବାରୁ ଲୋକଙ୍କୁ ରୋକାଯାଇଛି**

■ ଭୁବନେଶ୍ୱର, ୨୨।୧୧ (ସମିସ): ନୂଆପଡ଼ା ଉପ ନିର୍ବାଚନରେ ଶାସକ ବିଜେପି କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମକୁ ବ୍ୟବହାର କରି ଭୋଟ ହାତେଇଛନ୍ତି। ନୂଆପଡ଼ାବାସୀଙ୍କ ଜନାଦେଶ ଗୋଟିଏ ପଟେ ଥିବାବେଳେ ବିଜେପି ବହୁ ଉପାୟରେ ମତ ପରିବର୍ତ୍ତନ କରିବାରେ ସଫଳ ହୋଇଛି। ନିର୍ବାଚନମଣ୍ଡଳୀର ୬୩ଟି ବୁଥରେ ବିଜେପି ଜାଲିଆତି କରିଛି। ଏହି ୬୩ଟି ବୁଥରେ ଦଳ ପକ୍ଷରୁ ତଦନ୍ତ, ତର୍ଜମା କରାଯିବ ବୋଲି ସୂଚନା ଦେଇଛନ୍ତି ବିଜେଡିର ରାଜନୈତିକ ବ୍ୟାପାର କମିଟି ସଦସ୍ୟା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଶନିବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜନୈତିକ ବ୍ୟାପାର କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ବୈଠକରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଯେପରି ଭାବେ କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମ୍‌କୁ ଶାସକ ଦଳ ବ୍ୟବହାର କରି ଭୋଟ ହାତେଇଛନ୍ତି, ସେ ▸ପୃଷ୍ଠା-୭

# ମା'ର ବେକ କାଟି ମାରିଦେଲା

■ ସେମିଳିଗୁଡ଼ା, ୨୨।୧୧ (ସମିସ): ମା'ର ବେକ କାଟି ମାରିଦେଲା ପୁଅ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ଅଧୀନ ଉପରସାହିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଭାନୁ ଖରା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବଳରାମ ଖରାକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂଚନାନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ମା'-ପୁଅଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବଳରାମ ଏକ ଧାରୁଆ ଅସ୍ତ୍ରରେ ଭାନୁଙ୍କ ବେକ କାଟି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଭାନୁଙ୍କ ଭଣଜା ରାମଚନ୍ଦ୍ର ଖରା ଅଭିଯୋଗ କରିବା ପରେ କୋରାପୁଟ ସାଇଣ୍ଟିଫିକ ଟିମ୍ ସହ ସେମିଳିଗୁଡ଼ା ଥାନା ଅଧିକାରୀ ଅନିତା କୁଜୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଭାନୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି।

**ପୁଲିସ ଚାକିରି ବେପାର**

# ପୁଣି ୪ ପରୀକ୍ଷାର୍ଥୀଙ୍କୁ ସିବିଆଇର ଜେରା

■ ଭୁବନେଶ୍ୱର, ୨୨।୧୧ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ୪ଜଣ ପରୀକ୍ଷାର୍ଥୀଙ୍କୁ ଜେରା କରିଛି। ନୋଟିସ ଅନୁଯାୟୀ ଆଶାୟୀମାନେ ସକାଳେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେମାନଙ୍କୁ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପଚରାଉଚରା କରିଥିଲା। ତେବେ ଆଗକୁ ସିବିଆଇ କାର୍ଯ୍ୟାଳୟରେ ଏସ୍‌ଆଇ ପରୀକ୍ଷା ବଡ଼ବଡ଼ିଆ ହାଜର ହେବେ। ସେମାନଙ୍କୁ ଜେରା କରିବାକୁ ସିବିଆଇ ଯୋଜନା ପ୍ରସ୍ତୁତ କରୁଛି।

**ଆଗକୁ ବଡ଼ବଡ଼ିଆଙ୍କ ପାଳି!**

ଏମାନଙ୍କ ମଧ୍ୟରୁ କେତେକ ପୁଲିସ ଦ୍ୱାରା ଗିରଫ ହୋଇଥିଲା ବେଳେ କିଛି ଆଶାୟୀ ସିବିଆଇ ତଦନ୍ତରେ ସ୍ୱଚ୍ଛାକୃତ ଭାବେ ସହଯୋଗ କରିବାକୁ ଆସିଥିଲେ। ସିବିଆଇ ସେମାନଙ୍କୁ ୬ଘଣ୍ଟା ଧରି ପଚରାଉଚରା କରିଥିଲା। ଆଶାୟୀମାନେ ଚାକିରି ରାକେଟ୍ ସମ୍ପର୍କରେ କିଭଳି ଆସିଲେ। ଦଲାଲ୍ ସେମାନଙ୍କୁ କେଉଁ ମାଧ୍ୟମରେ ଯୋଗାଯୋଗ କରିଥିଲା। ଆଶାୟୀମାନେ କାହାକୁ ଟଙ୍କା ଦେଇଛନ୍ତି ଓ କେତେଟଙ୍କା ଦେଇଛନ୍ତି। ଏଥିରେ କେଉଁ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଆଶାୟୀମାନଙ୍କୁ ଆନ୍ଧ୍ର କଣ ପାଇଁ ନିଆଯାଇଥିଲା। ଏଠାରେ ଦଲାଲଙ୍କ ଭୂମିକା କଣ ରହିଥିଲା। ଏଭଳି ଅନେକ ପ୍ରଶ୍ନ ପଚାରିବା ପରେ ଶେଷରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ତେବେ ସିବିଆଇ ସେମାନଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା କୁହାଯାଉଛି ।

ଅନ୍ୟପକ୍ଷରେ ଆଶାୟୀଙ୍କ ଠାରୁ ତଥ୍ୟ ନେବା ପରେ ସିବିଆଇ ବଡ଼ବଡ଼ିଆଙ୍କୁ ଡାକି ପଚରାଉଚରା କରିବାକୁ ଯୋଜନା ପ୍ରସ୍ତୁତ କରୁଛି। ଫଳରେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଏହି ମାମଲାରେ ମାଷ୍ଟରମାଇଣ୍ଡ ତଥା ସିଲିକନ୍‌ର ସିଇଓ ସୁରେଶ ନାୟକ ତାଙ୍କ ସହଯୋଗୀ ଶଙ୍କର ପୃଷ୍ଟି ଓ ସେମାନଙ୍କର କିଛି ସହଯୋଗୀ ଗିରଫ ହୋଇ ଜେଲରେ ଅଛନ୍ତି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା !

■ ବ୍ରହ୍ମପୁର, ୨୨।୧୧ (ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ମିଳନ ନାୟକ ନାମକ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ମା' ସାଇବାଣୀ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ଡାକି ପୁଲିସ ପଚରାଉଚରା କରୁଛି। ସୂଚନାଯୋଗ୍ୟ, ରାଧାକୃଷ୍ଣ ହରିଜନ ସାହିର ସାଇବାଣୀଙ୍କ ପୁଅ ମିଳନ ଅତ୍ୟଧିକ ନିଶା ସେବନ କରୁଥିବାରୁ ପରିବାର ଲୋକ ଚିନ୍ତାରେ ଥିଲେ। ଏହି ସମୟରେ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଭେଟି ମିଳନଙ୍କୁ ଆମ କେନ୍ଦ୍ରରେ ଭର୍ତ୍ତି କଲେ ନିଶା ଅଭ୍ୟାସ ଆମେ ଦୂରେଇଦେବୁ ବୋଲି କହିଥିଲେ। ଗତ ୧୬ ତାରିଖରେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ପରିବାରଲୋକେ ମିଳନଙ୍କୁ ଛାଡ଼ିଥିଲେ। ପୁଅର ସ୍ୱାସ୍ଥ୍ୟବସ୍ଥା ଠିକଠାକ ଥିଲା। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଦୁଇଟାରେ ଉକ୍ତ କେନ୍ଦ୍ରର ପରିଚାଳକ ଫୋନ କରି ତାଙ୍କୁ ଏମ୍‌କେସିଜି ମେଡିକାଲ ଆସିବାକୁ କହିଥିଲେ। ମିଳନ ଅସୁସ୍ଥ ହେବାରୁ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି କହିଥିଲେ। ମାତ୍ର ମେଡିକାଲରେ ପହଞ୍ଚି ପୁଅ ମରି ପଡ଼ିଥିବା ଦେଖିବାକୁ ପାଇଥିଲୁ। ମିଳନର ହାତ, ଗୋଡ଼ରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ଉକ୍ତ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀ ହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, ଗତ ୨ମାସ ତଳେ ସଦର ଥାନା ଅନ୍ତର୍ଗତ ଲାଠିରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ।



# ଦେଶ ବିଦେଶ



## ଚୀନ୍ ନିର୍ମାଣ କରୁଛି ପ୍ରଥମ କୃତ୍ରିମ ଭାସମାନ ଦୀପ



ବେଜିଂ, ୨୨।୧୧(ଏଜେନ୍ସି): ଚୀନ୍ ସବୁବେଳେ ନୂଆ ନୂଆ ଆବିଷ୍କାର ଓ ଉଦ୍ଭାବନ ନେଇ ସାରା ବିଶ୍ୱକୁ ଚକିତ କରିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଚୀନ୍ ଏବେ ଏକ ବିଶାଳ ଭାସମାନ ଦୀପ ନିର୍ମାଣ କରୁଛି । ପରମାଣୁ ଆକ୍ରମଣର ସକ୍‌ୱେଭ୍‌ରୁ ବର୍ତ୍ତି ପାରିବା ଭଳି ଏହି ଦୀପର ଡିଜାଇନ୍ କରାଯାଇଛି । ୭୮ ୦୦୦ ଟନ୍ ଓଜନ, ଅଧା ବୁଡି ପାରୁଥିବା ଏହି ଭ୍ରାମ୍ୟମାଣ ଦୀପ ସମୁଦ୍ରରେ ଦୀର୍ଘ ସମୟ ଧରି ତିଷ୍ଠି ପାରିବ । ଏହି କୃତ୍ରିମ ହ୍ରଦ ଉପରେ ୨୩୮ ଲୋକ ରହିପାରିବେ । ଏହାର ଭିତ୍ତିଭୂମି ଚୀନ୍‌ର ଫୁଜିଆନ ବିମାନ ବାହକ ଜାହଜ ଭଳି ବୃହତ୍ । ଏହା ୨୦୨୮ରେ କାର୍ଯ୍ୟକ୍ଷମ ହେବ । ଏହା ୬-୯ ମିଟର ଲମ୍ବ ତରଙ୍ଗ ଓ ବଡ଼ ବଡ଼ ବାତ୍ୟାର ସମ୍ମୁଖୀନ ହେବା ସହ ଅଶାନ୍ତ ସମୁଦ୍ରକୁ ସହ୍ୟ କରିପାରିବ । ଏହାର ଲମ୍ବ ୧୩୮ ମିଟର ହୋଇଥିବା ବେଳେ ଚଉଡା ୮୫ ମିଟର ରହିଛି । ଏହାର ମୁଖ୍ୟ ଡେକର ଉଚ୍ଚତା ୪୫ ମିଟର ରହିଥିବା ବେଳେ ଏହା ପରମାଣୁ ଆକ୍ରମଣକୁ ସହ୍ୟ କରିବାର କ୍ଷମତା ବହନ କରିବ । ଏହା କ୍ୟାଟାଗୋରି-୧୭ ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୋଇପାରିବ । ଏହାକୁ ଚୀନ୍ ବିବାଦୀୟ ଦକ୍ଷିଣ ଚୀନ୍ ସାଗରରେ ନିୟୋଜିତ କରିପାରିବ । ଏହାର ଆକାର, ଗତିଶୀଳତା, ସହନ ଶକ୍ତି କାରଣରୁ ଚୀନ ଏହାକୁ ଯେକୌଣସି ସ୍ଥାନରେ ବ୍ୟବହାର କରିପାରିବ । କିନ୍ତୁ ଚୀନ୍ ଏହାକୁ ଏକ ନାଗରିକ ପରିଯୋଜନା ବୋଲି କହୁଛି । ଯଦି ପରମାଣୁ ଆକ୍ରମଣ ହୁଏ, ତେବେ ଏହା ତିଷ୍ଠି ପାରିବ ଓ ନିଜ କାର୍ଯ୍ୟ ଜାରି ରଖିପାରିବ । ଚୀନ୍‌ର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ କିପରି କାର୍ଯ୍ୟ କରିବ ତାହା ୨୦୨୮ ପରେ ହିଁ ଜଣାପଡ଼ିବ ।

## ଇଣ୍ଡୋନେସିଆରେ ଅଗ୍ନି ଉଦ୍‌ଗୀରଣ

### ଉଦ୍ଧାର ହେଲେ ୧୭୦ ପର୍ବତାରୋହୀ



ଜାକର୍ତ୍ତା, ୨୨।୧୧(ଏଜେନ୍ସି): ଇଣ୍ଡୋନେସିଆର ଜାଭା ଦୀପରେ ଥିବା ସେମେରୁ ଆଗ୍ନେୟଗିରିରେ ଅଗ୍ନିଉଦ୍‌ଗିରଣ ହୋଇଛି । ଫଳରେ ଆକାଶରେ ୬, ୫୦୦ ଫୁଟ୍ ଉଚ୍ଚର ପାଉଁଶର ଏକ ଲମ୍ବା ଧାର ଦେଖିବାକୁ ମିଳିଛି । ଏହି ଆଗ୍ନେୟଗିରିରୁ ଅତ୍ୟନ୍ତ ଉତପ୍ତ ଲାଭା ୨୦ କିମି ପର୍ଯ୍ୟନ୍ତ ପ୍ରବାହିତ ହୋଇଛି । ରାସ୍ତା, ପୋଲ ଓ ଆଖପାଖ ଅଞ୍ଚଳ ପାଉଁଶ ଦ୍ୱାରା ଆଚ୍ଛାଦିତ ହୋଇଛି । ନିକଟବର୍ତ୍ତୀ ଗାଁଗୁଡିକରୁ ଲୋକଙ୍କୁ ଖାଲି କରାଯାଇଛି । ୩ ଗାଁରୁ ପାଖାପାଖି ୧, ୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଆକାଶରେ ଧୂଆଁ ଉଡିବା କାରଣରୁ କେତୋଟି ଗାଁରେ ଦିନରେ ମଧ୍ୟ ଅନ୍ଧାର ଆଚ୍ଛାଦିତ ହୋଇଥିଲା । ସଲଫରର ଗନ୍ଧ ଉତ୍କଟ ସ୍ଥିତି ସୃଷ୍ଟି କରିଥିଲା । ଏପରିକି ଉତ୍ତପ୍ତ ଲାଭାରେ କିଛି ଲୋକ ଜଳିଯାଇଛନ୍ତି । ପ୍ରତିବର୍ଷ ଇଣ୍ଡୋନେସିଆରେ ୪ରୁ ୫ଟି ଜ୍ୱାଳାମୁଖି ଉଦ୍‌ଗିରଣ ହୋଇଥାଏ । ମାଉଣ୍ଟ ସେମେରୁ ହେଉଛି ଜାଭା ଦୀପର ଉଚ୍ଚତମ ଶୃଙ୍ଗ । ନଭେମ୍ବର ୧୯ରେ ଏଥିରେ ଉଦ୍‌ଗିରଣ ହୋଇଥିଲା । ଫଳରେ ସେଠାକାର ଶିବିରରେ ଥିବା ୧୭୦ରୁ ଊର୍ଦ୍ଧ୍ୱ ପର୍ବତାରୋହୀ ଫସି ରହିଥିଲେ । ସମସ୍ତଙ୍କୁ ଇଣ୍ଡୋନେସିଆର ଅଧିକାରୀମାନେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି । ଏହା ପୂର୍ବରୁ ୨୦୨୧ ଡିସେମ୍ବରରେ ମାଉଣ୍ଟ ସେମେରୁରେ ବଡ଼ ଧରଣର ବିସ୍ଫୋଟ ହୋଇଥିଲା । ଏହି ବିସ୍ଫୋଟରେ ୫୧ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ହଜାର ହଜାର ଘର ନଷ୍ଟ ହୋଇଥିଲା । ଉଲ୍ଲେଖଥାଉ କି, ଇଣ୍ଡୋନେସିଆ 'ରିଙ୍ଗ ଅଫ୍ ଫାୟାର' ଅଞ୍ଚଳରେ ଅବସ୍ଥିତ । ଏହି କାରଣରୁ ଏଠାରେ ଭୂକମ୍ପ ଓ ଜ୍ୱାଳାମୁଖୀ ବିସ୍ଫୋରଣ ଏକ ସାଧାରଣ କଥା ।

## ଧରାବୀରେ ନିଆଁ; ରେଳ ଚଳାଚଳ ବାଧାପ୍ରାପ୍ତ

ମୁମ୍ବଇ, ୨୨।୧୧(ଏଜେନ୍ସି): ମୁମ୍ବଇର ଧରାବୀ ନିକଟସ୍ଥ ରେଳ ଲାଇନ୍ ପାଖରେ ନବରଙ୍ଗ କମ୍ପାଉଣ୍ଡରେ ଶନିବାର ଅପରାହ୍ଣରେ ନିଆଁ ଲାଗିଛି । ଫଳରେ ୱେଷ୍ଟର୍ଣ୍ଣ ରେଳବାଇର ମୁମ୍ବଇ ସେଣ୍ଟ୍ରାଲ ଡିଭିଜନ୍‌ରେ ରେଳ ଚଳାଚଳ ଆଂଶିକ ଭାବେ ବାଧାପ୍ରାପ୍ତ ହୋଇଛି । ବାନ୍ଦ୍ରା ଓ ମାହିମ୍ ମଧ୍ୟରେ ଝୁପି ହାର୍ବର ଲାଇନରେ ଥିବା ଝୁମ୍ପୁଡି ଘରେ ଅଗ୍ନିକାଣ୍ଡ ଘଟିବା ପରେ ଏହି ସମସ୍ୟା ଉପୁଜିଛି । ଅପରାହ୍ଣ ୧୨.୨୫ରେ ଅଗ୍ନିକାଣ୍ଡ ଆରମ୍ଭ ହୋଇଥିଲା । ଫଳରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଧିକାରୀମାନେ ଉପରେ ଯାଇଥିବା ଇଲେକଟ୍ରିକ୍ ଯୋଗାଣକୁ ବନ୍ଦ କରିଥିଲେ । ଅଗ୍ନିକାଣ୍ଡଠାରୁ ରେଳ ଚଳାଚଳ ନିରାପଦ ଦୂରରେ ଥିବାରୁ ଟ୍ରେନ୍ ଓ ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ ବୋଲି ଅଧିକାରୀମାନେ କହିଛନ୍ତି । ଘଟଣାସ୍ଥଳରେ ଦମକଳ ବାହିନୀ ଓ ରେଳବାଇ କର୍ମଚାରୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ସନ୍ଧ୍ୟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ଅପରାହ୍ଣ ୨ଟାରେ ଟ୍ରେନ୍ ଚଳାଚଳ ପୁଣି ଆରମ୍ଭ ହୋଇଥିଲା । ତେବେ ଟ୍ରେନ୍‌ର ଗତିକୁ ଘଣ୍ଟା ପ୍ରତି ୪୫ କିମିରେ ସୀମିତ ରଖାଯାଇଥିଲା ।

## ଉତ୍ତରାଖଣ୍ଡରେ ହ୍ରଦ ପାଲଟିଲା ବରଫ

ନୂଆଦିଲ୍ଲୀ, ୨୨।୧୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି କାରଣରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ହିମାଳୟ କ୍ଷେତ୍ରରେ ଥିବା ରାଜ୍ୟମାନଙ୍କରେ ତୁଷାରପାତ ଆରମ୍ଭ ହୋଇଛି । ସମତଳ ଅଞ୍ଚଳରେ ଖାସ୍ କରି ମଧ୍ୟପ୍ରଦେଶରେ ମଧ୍ୟ ପ୍ରବଳ ଶୀତର ପ୍ରଭାବ ଦେଖିବାକୁ ମିଳିଛି । ଫଳରେ ଗତ ଦୁଇଦିନ ମଧ୍ୟରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଭୋପାଳ, ଇନ୍ଦୋର ସମେତ ୭ଟି ଜିଲ୍ଲାରେ ଶୀତ ଲହରି ଖେଳିଯାଇଛି । ସେପଟେ ଉତ୍ତରାଖଣ୍ଡର ଚାମୋଲି ସ୍ଥିତ ବଦ୍ରିନାଥ ଧାମରେ ଏବର୍ଷ ଗୁରୁବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି । ଫଳରେ ପୂରା ମନ୍ଦିର ପରିସର ବରଫର ଧଳା ଚାଦରରେ ଛାଇ ହୋଇଯାଇଛି । ଏଠାରେ ତାପମାତ୍ର ୬ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି । ସେହିପରି ଉତ୍ତରାଖଣ୍ଡରେ ହ୍ରଦ ପୂରା ବରଫ ପାଲଟିଯାଇଛି । ଚମୋଲି ଜିଲ୍ଲାର ଶେଷନେତ୍ର ହ୍ରଦ ଜମିଯାଇଛି । ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ତାପମାତ୍ରାରେ ହ୍ରାସ ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି ।

## ଡ୍ରାଇଭରଙ୍କୁ ହୃଦ୍‌ଘାତ: ୪-୫ ବାଇକ୍ ଉପରେ ଚଢ଼ିଗଲା କାର୍; ୪ ମୃତ

ଥାଣେ, ୨୨।୧୧(ଏଜେନ୍ସି): ମହାରାଷ୍ଟ୍ରର ଥାଣେ ଜିଲ୍ଲାରେ ଅମ୍ବରନାଥ ସହରରେ ଶୁକ୍ରବାର ସନ୍ଧ୍ୟା ୬.୪୨ରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଜଣେ ଡ୍ରାଇଭର ହୃଦ୍‌ଘାତ୍‌ର ସମ୍ମୁଖୀନ ହେବା ଫଳରେ ନିୟନ୍ତ୍ରଣ ହରାଇ ଏକ ଟାଟା ନେକ୍ସନ କାର୍ ସାମ୍ନାପଟୁ ଆସୁଥିବା ବାହାନଗୁଡିକୁ ଧକ୍କ ଦେବା ପଲଟି ଯାଇଥିଲା । କାର୍‌ଟି ୪-୫ ବାଇକ୍‌କୁ ଧକ୍କା ଦେଇଥିଲା । ସହରର ଫ୍ଲାଏଓଭର ଉପରେ ହିଁ ଏହି ଦୁର୍ଘଟଣା ଘଟିଛି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏଥିରେ ୪ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । କାର ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବାଇକ୍ ଚଢ଼ିଥିବା ଜଣେ ଲୋକ ଫ୍ଲାଏ ଓଭର ଉପରୁ ଉପରକୁ ଉଠି ତଳେ ଖସି ପଡ଼ିଥିଲେ । ସମ୍ପୂର୍ଣ୍ଣ ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି ।ଦୁର୍ଘଟଣା ପରେ ଫ୍ଲାଏଓଭର ଓ ସଡ଼କର ଦୁଇପଟେ ଲୋକଙ୍କ ଭିଡ଼ ଜମା ହୋଇଥିଲା । ଏହାପରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା । ଆହତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣା କାରଣ ନେଇ ଯାଞ୍ଚ ଆରମ୍ଭ କରିଛି । ମୃତକ ଓ ଆହତଙ୍କ ପରିଚୟ ପାଇବାକୁ ପୁଲିସ ପ୍ରୟାସ ଜାରି ରଖିଛି ।

# ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ-ମମ୍‌ଦାନୀ ଭେଟଘାଟ

- ନିର୍ବାଚନ ବେଳେ ବିଷୋଦଗାର
- ଏବେ ଏକାଠି ହେଲେ
- ଭାରତରେ କେବେ? : ଥରୁର



ୱାଶିଂଟନ, ୨୨।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ନ୍ୟୁୟର୍କ ସିଟିର ନବନିର୍ବାଚିତ ମେୟର ଜୋହରାନ ମମ୍‌ଦାନୀ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ ପ୍ରଥମଥର ପାଇଁ ପରସ୍ପରକୁ ସାକ୍ଷାତ କରିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ଏହି ସାକ୍ଷାତ ଆଲୋଚନା ଆମେରିକା ରାଜନୀତିରେ ଚର୍ଚ୍ଚାର କେନ୍ଦ୍ର ହୋଇଛି । କାରଣ ମେୟର ନିର୍ବାଚନ ବେଳେ ଦୁଇ ନେତା ପରସ୍ପରକୁ ଅତି କଡ଼ା ଭାଷାରେ ସମାଲୋଚନା କରିଥିଲେ । ଏପରିକି ପରସ୍ପର ବିରୋଧରେ ବିଷୋଦଗାର କରିବାକୁ ପଛାଇ ନଥିଲେ । ନିର୍ବାଚନ ପରେ ଏହି ଦୁଇ ନେତା ହ୍ୱାଇଟ୍ ହାଉସରେ ଏକାଠି ହୋଇ ସାକ୍ଷାତ ଆଲୋଚନା କରିବା ଏବଂ ଆଲୋଚନା ବେଳେ ପରିବେଶ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିବା ଘଟଣା ଦେଶବାସୀଙ୍କୁ ଆଶ୍ୱସ୍ତ କରିଛି । ସାକ୍ଷାତ ଆଲୋଚନା ପରେ ଉଭୟ ଟ୍ରମ୍ପ ଏବଂ ମମଦାନୀ ଗଣମାଧ୍ୟର ସାମନା ମଧ୍ୟ କରିଛନ୍ତି । ସେମାନଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ରହିଥିବା ଦୁଇ ନେତା କହିଛନ୍ତି । ତେବେ ଜଣେ ସମ୍ବାଦିକ ମମ୍‌ଦାନୀଙ୍କୁ ଏମିତି ଏକ ପ୍ରଶ୍ନ ପଚାରିଥିଲେ, ଯାହାକି ଟିକିଏ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା । କିନ୍ତୁ ଟ୍ରମ୍ପ ଏହାର ଏମିତି ଉତ୍ତର ଦେଲେ ଯେ ଗଣମାଧ୍ୟମ ପ୍ରତିନିଧି ଆଚମ୍ବିତ ହୋଇପଡ଼ିଥିଲେ । ମମଦାନୀଙ୍କୁ ସାମ୍ବାଦିକଙ୍କ ପ୍ରଶ୍ନ ଥିଲା-ଆପଣ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ନେତା ବୋଲି ବିବେଚନା କରୁଛନ୍ତି କି? ମମଦାନୀଙ୍କୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ ମମଦାନୀଙ୍କୁ କହିଥିଲେ ଯେ, ହଁ କହିଦିଅ, ମତେ କିଛି ଫରକ ପଡ଼ିବ ନାହିଁ । ସୂଚନାଯୋଗ୍ୟ ଯେ ନ୍ୟୁୟର୍କ ମେୟର ନିର୍ବାଚନ ସମୟରେ ଟ୍ରମ୍ପ ମମ୍‌ଦାନୀଙ୍କୁ କମ୍ୟୁନିଷ୍ଟ ପାଗଳ ଓ ଜିହାଦୀ ବୋଲି କହିଥିଲେ । ସେହିପରି ମମ୍‌ଦାନୀ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ଓ ଫାସିଷ୍ଟ ବୋଲି କହିଥିଲେ । ତେବେ ବର୍ତ୍ତମାନ ମମ୍‌ଦାନୀଙ୍କୁ ମୁଁ ଜିହାଦୀ ବୋଲି ମାନୁନାହିଁ ବୋଲି ଟ୍ରମ୍ପ କହିଥିଲେ । ନ୍ୟୁୟର୍କ ପୁଣି ସୁନ୍ଦର ହେବା ଆବଶ୍ୟକ । ତେଣୁ ନ୍ୟୁୟର୍କକୁ ପୁଣି ସୁନ୍ଦର କରିବା ସହ ଏହାର ବିକାଶ କରିବା ଦିଗରେ ମମ୍‌ଦାନୀ କାର୍ଯ୍ୟ କଲେ ଅଧିକ ଖୁସି ହେବି ବୋଲି ଟ୍ରମ୍ପ କହିଥିଲେ । ସେହିପରି ଟ୍ରମ୍ପଙ୍କ ସହ ସାକ୍ଷାତକୁ ବହୁତ ଫଳପ୍ରଦ ବୋଲି ମମ୍‌ଦାନୀ କହିଛନ୍ତି ।

ଟ୍ରମ୍ପ ଓ ମମ୍‌ଦାନୀଙ୍କ ସାକ୍ଷାତକୁ କଂଗ୍ରେସ ସାଂସଦ ଶଶୀ ଥରୁର ପ୍ରଶଂସା କରିଛନ୍ତି । ସେ ମଧ୍ୟ ଏହାର ଭିଡିଓ ସେୟାର କରିଛନ୍ତି । ଗଣତନ୍ତ୍ରରେ ଏହି ଭଳି କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି । ନିର୍ବାଚନରେ ନିଜର ବିଚାରଧାରା ସହ ପୂରା ଶକ୍ତି ଓ ସାମର୍ଥ୍ୟ ଖଟାଇ ଲଢ଼ିବା ଉଚିତ । କିନ୍ତୁ ନିର୍ବାଚନ ସରିଲେ ଦେଶହିତ ପାଇଁ ସାଥୀ ହୋଇ କାର୍ଯ୍ୟ କରିବା ଉଚିତ । ଭାରତରେ ମଧ୍ୟ ଏଭଳି ପରିବେଶ ସୃଷ୍ଟି ହେଉ ବୋଲି ଥରୁର କହିଛନ୍ତି । ଥରୁରଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରଶଂସା କରିଛି ।

## ଆତଙ୍କବାଦ-ନିଶା ଚାଲାଣ ମେଣ୍ଟ ଭଙ୍ଗାଯାଉ

ଜୋହାନ୍ସବର୍ଗ, ୨୨।୧୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଯୋଗଦେଇ ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନର



ମୁକାବିଲା ପାଇଁ ଭାରତର ଆଭିମୁଖ୍ୟ ରଖିଛନ୍ତି ।। ଆତଙ୍କବାଦ ଓ ନିଶା କାରବାର ବିରୋଧରେ ବିଶ୍ୱ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ ସାରା ବିଶ୍ୱରେ ସିନ୍ଥେଟିକ୍ ଡ୍ରଗ୍ସ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଏହା କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ନୁହେଁ, ସାମାଜିକ ସ୍ଥିରତା ଓ ସୁରକ୍ଷା ପ୍ରତି ସବୁଠାରୁ ବଡ଼ ବିପଦ । ଏଭଳି ନିଶା କାରବାର ବିଶ୍ୱରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବାରେ ସହାୟକ ହେଉଛି । ନିଶା କାରବାର ଏବଂ ଆତଙ୍କବାଦର ଏହି ନେଟୱାର୍କକୁ ଧ୍ୱଂସ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ଏହା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଆଉ ତିନିଟି ନୂଆ ପ୍ରସ୍ତାବ ଦେଇଛନ୍ତି । ଏଥିରେ ଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଏବଂ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ପ୍ରସ୍ତାବ ରହିଛି । ଏହା ସାମୂହିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ମୋଦୀ କହିଛନ୍ତି ।

- ଜି-୨୦ ସମ୍ମିଳନୀରେ ମୋଦୀ ଦେଲେ ପ୍ରସ୍ତାବ

ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ ସାମିଲ ହୋଇନାହାନ୍ତି । ଜିନପିଙ୍ଗ ଅସୁସ୍ଥତା କାରଣରୁ ଆସିପାରିନଥିବା ବେଳେ ପୁଟିନ ଗିରଫ ଭୟରେ ଆସି ନାହାନ୍ତି । ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସମ୍ମିଳନୀକୁ ବର୍ଜନ କରିଛନ୍ତି । ଆସନ୍ତା ବର୍ଷ ପାଇଁ ଆମେରିକାକୁ ଜି-୨୦ର ଅଧକ୍ଷତା ମିଳିବାର ଥିଲା । କିନ୍ତୁ ଆମେରିକାର କୌଣସି ପ୍ରତିନିଧି ଆଜି ଏଥିରେ ସାମିଲ ହୋଇ ନାହାନ୍ତି । ତେଣୁ ଆୟୋଜକ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରାମଫୋସା 'ଖାଲି ଚୌକି'କୁ ଅଧକ୍ଷତା ପ୍ରଦାନ କରିବେ ବୋଲି କହିଛନ୍ତି । ଟ୍ରମ୍ପଙ୍କ ଅନୁପସ୍ଥିତି ସତ୍ତ୍ୱେ ଅନ୍ୟ ଦେଶ ଦକ୍ଷିଣ ଆଫ୍ରିକା ପ୍ରସ୍ତୁତ କରିଥିବା ଘୋଷଣାପତ୍ରକୁ ମଞ୍ଜୁରି ଦେଇଛନ୍ତି ।

## ୨୧୫ ଛାତ୍ରଙ୍କୁ ଅପହରଣ

ଅବୁଜା, ୨୨।୧୧(ଏଜେନ୍ସି): ନାଇଜେରିଆ ସ୍କୁଲ୍‌ରେ ପୁଣି ଏକ ଅପହରଣ କାଣ୍ଡ ଘଟିଛି । ଏକ କ୍ୟାଥେଲିକ୍ ବୋର୍ଡିଂ ସ୍କୁଲ୍‌ରେ କେତେଜକ ଅଜଣା ବନ୍ଧୁକଧାରୀ



ଲୋକ ୨୨୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ଅପହରଣ କରିଛନ୍ତି । ଖ୍ରୀଷ୍ଟିଆନ୍ ଆସୋସିଏସନ ଅଫ୍ ନାଇଜେରିଆ (ସିଏଏନ୍) ତରଫରୁ କୁହାଯାଇଛି ଯେ, ସ୍କୁଲ୍‌ରୁ ୨୨୭ ଜଣ ଲୋକଙ୍କୁ ଅପହରଣ କରାଯାଇଛି । ଏମାନଙ୍କ ମଧ୍ୟରେ ୨୧୫ ଜଣ ଛାତ୍ର ଓ ୧୨ ଜଣ ଶିକ୍ଷକ ସାମିଲ ରହିଛନ୍ତି । ବନ୍ଧୁକଧାରୀମାନେ ସ୍କୁଲ୍‌ରେ ଧସେଇ ପସିବା ସହ ଛାତ୍ର, ଶିକ୍ଷକ ଓ ଜଣେ ସୁରକ୍ଷାକର୍ମୀଙ୍କୁ ଉଠାଇ ନେଇଥିଲେ । ସୁରକ୍ଷାକର୍ମୀଙ୍କୁ ସେମାନେ ଗୁଳି ମଧ୍ୟ ମାରିଥିଲେ । କିଛି ଛାତ୍ର ଦୌଡ଼ି ପଳାଇବା ସହ ନିଜକୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ । ଏବେ ଏହି ସ୍କୁଲ୍‌କୁ ବନ୍ଦ କରାଯାଇଛି । ପିତାମାତା ନିଜ ପିଲାଙ୍କୁ ଘରକୁ ନେବା ପାଇଁ ସ୍କୁଲ୍‌ରେ ପହଞ୍ଚିଛନ୍ତି । ଶୁକ୍ରବାର ସକାଳେ ନାଇଜର ରାଜ୍ୟର ଅଗୱାରା ଜିଲ୍ଲାରେ ପାପରି କମ୍ୟୁନିଟିସ୍ଥିତ ସେଣ୍ଟ ମେରୀ ସ୍କୁଲରେ ଏହି ଘଟଣା ଘଟିଥିଲା । ଭୋରରୁ ଏହି ଘଟଣା ଘଟିଥିଲା ବୋଲି ପୁଲିସ କହିଛି । ନିଜ ପିଲାଙ୍କୁ ଖୋଜି ପାଉ ନଥିବାରୁ ପିତାମାତା ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏହାର କିଛିଦିନ ପୂର୍ବରୁ ନାଇଜେରିଆର ଉତ୍ତର ପଶ୍ଚିମ ରାଜ୍ୟର କେବି ଜିଲ୍ଲାରେ ଏକ ସେକେଣ୍ଡାରୀ ସ୍କୁଲ୍‌ରେ ପଶି ୨୫ ଜଣ ଛାତ୍ରୀଙ୍କୁ ଅପହରଣ କରିଥିଲେ । ଏମାନଙ୍କ ମଧ୍ୟରୁ ଜଣେ ଖସିଆସିଥିବା ବେଳେ ବାକି ୨୪ଜଣ ଛାତ୍ର ଏବେ ମଧ୍ୟ ନିଖୋଜ ଅଛନ୍ତି ।

## ପାକିସ୍ତାନ ଦେଇ ଆସୁଛି ଚୀନ-ତୁର୍କୀ ନିର୍ମିତ ଅସ୍ତ୍ରଶସ୍ତ୍ର

- ପଞ୍ଜାବ ଗ୍ୟାଙ୍ଗର ପର୍ଦ୍ଦାଫାସ୍


ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଦିଲ୍ଲୀ ପୁଲିସ ଶନିବାର ଏକ ବଡ଼ଧରଣର ବେଆଇନ ଅସ୍ତ୍ରଶସ୍ତ୍ର କାରବାର କରୁଥିବା ଅନ୍ତର୍ଜାତୀୟ ର୍ୟାକେଟର ପର୍ଦ୍ଦାଫାସ ହୋଇଛି । ଏହି ନେଟୱର୍କରେ ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସାମିଲ ରହିଛି । ଚୀନ୍, ତୁର୍କୀରୁ ଅସ୍ତ୍ରଶସ୍ତ୍ର ଅଣଯାଇ ପାକିସ୍ତାନରୁ ଭାରତ ପଠା ଯାଉଥିଲା । ଏଥିପାଇଁ ଡ୍ରୋନ ବ୍ୟବହାର କରାଯାଉଥିଲା । ଏହି ମାମଲାରେ ଦିଲ୍ଲୀ ପୁଲିସ ଚାରି ଜଣଙ୍କୁ ଗିରଫ କରିଛି । ଏମାନଙ୍କ ମଧ୍ୟରେ ପଞ୍ଜାବର ୱାଣ୍ଟେଡ ଅପରାଧୀ ମନଦୀପ ସାମିଲ ରହିଛି । ଉତ୍ତର ପ୍ରଦେଶର ତାର ଦୁଇ ସହଯୋଗୀ ରୋହନ ଏବଂ ମନୁକୁ ମଧ୍ୟ ଧରାଯାଇଛି । ପୁଲିସ ୧୦ ମହଙ୍ଗା ବିଦେଶୀ ପିସ୍ତଲ ଏବଂ ୯୨ ଜୀବନ କ୍ୟାଟ୍ରିଜ ଜବତ କରିଛି । ସୋନୁ ଖତ୍ରି ଗ୍ୟାଙ୍ଗ ସହ ସାମିଲ ମନଦୀପ ବିରୋଧରେ ହତ୍ୟା ସହିତ ଅନେକ ମାମଲା ରହିଛି । ତଦନ୍ତରୁ ଜଣାପଡ଼ିଛି ଯେ ପାକିସ୍ତାନରୁ ଡ୍ରୋନ ମାଧ୍ୟମରେ ଭାରତକୁ ଅସ୍ତ୍ରଶସ୍ତ୍ର ଅଣଯାଇ ଥିଲା । ଏହା ଜଣା ନ ପଡ଼ିବା ଲାଗି କାର୍ବନ ପେପର ବ୍ୟବହାର କରାଯାଉଥିଲା । ପରେ ଏହାକୁ ଦିଲ୍ଲୀ ଏବଂ ଅନ୍ୟ ସ୍ଥାନକୁ ପଠା ଯାଉଥିଲା । ଏହା ଅପରାଧୀଙ୍କୁ ଯୋଗା ଯାଉଥିଲା । ଏବେ ଭାରତକୁ କେତେ ଅସ୍ତ୍ରଶସ୍ତ୍ର ଆସିଛି ଏବଂ କାହାକୁ ବିକାଯାଇଛି ତାହା ଜାଣିବା ପାଇଁ ଦିଲ୍ଲୀ ପୁଲିସ ପ୍ରୟାସ କରୁଛି । ଜନପ୍ରୀତ ଓରଫ ଜସା ଏହି ନେଟୱର୍କର ମୁଖ୍ୟ କାର୍ପଟଦାର ବୋଲି କୁହାଯାଉଛି । ସେ ଆମେରିକାରେ ରହି ପାକିସ୍ତାନୀ ଚୋରାଚାଲାଣକାରୀଙ୍କ ମାଧ୍ୟମରେ ଏହି ନେଟୱର୍କ ଚଳାଉ ଥିଲା ।

## ଏଟିଏମ୍ ଭ୍ୟାନରୁ ୭ କୋଟି ଲୁଟ୍‌ରେ ପୁଲିସ

ବେଙ୍ଗାଲୁରୁ, ୨୨।୧୧(ଏଜେନ୍ସି): କିଛିଦିନ ତଳେ ବେଙ୍ଗାଲୁରୁରେ ଏଟିଏମ୍ ଭ୍ୟାନ୍‌ରୁ ୭.୧୧ କୋଟି ଟଙ୍କା ଲୁଟ୍ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା । ଏବେ ପୁଲିସ ଏହି ମାମଲାର ପର୍ଦ୍ଦାଫାସ୍ କରିଛି । ପୁଲିସ ଜଣେ କାର୍ଯ୍ୟରତ କନଷ୍ଟେବଲଙ୍କ ସହିତ କମ୍ପାନୀ ପୂର୍ବତନ କର୍ମଚାରୀଙ୍କ ସହ ମୋଟ୍ ୩ ଜଣଙ୍କୁ ଗିରଫ କରିଛି । ଏମାନଙ୍କଠାରୁ ୫.୭୬ କୋଟିର ନଗଦ ଟଙ୍କା ଜବତ କରାଯାଇଛି । କମ୍ପାନୀର ଜଣେ ପୂର୍ବତନ କର୍ମଚାରୀ ଭ୍ୟାନର ଇନଚାର୍ଜ ତଥା ଗୋବିନ୍ଦପୁର ପୁଲିସ ଥାନାରେ ନିୟୋଜିତ କନଷ୍ଟେବଲଙ୍କ ସହ ସାଥି ହୋଇ ଲୁଟ୍ ଷଡଯନ୍ତ୍ର ରଚିଥିଲେ । ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କମିଶନର ସିମନ୍ତ କୁମାର ସିଂ କହିଛନ୍ତି । ୭.୧୧ରୁ ଏମାନଙ୍କଠାରୁ ୫.୭୬ କୋଟି ଟଙ୍କା ଜବତ କରାଯାଇଛି ବୋଲି ସେ କହିଛନ୍ତି । ଏମାନେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଓ ଆୟକର ଅଧିକାରୀ ଭାବେ ନିଜର ପରିଚୟ ଦେଇ ଲୁଟ୍ କରିଥିଲେ । ଗତ ବୁଧବାର ଦ୍ୱିପହର ପାଖାପାଖି ୧୨ଟା ବେଳେ ଦକ୍ଷିଣ ବେଙ୍ଗାଲୁରୁର ଏକ ବ୍ୟସ୍ତବହୁଳ ଫ୍ଲାଏ ଓଭର ବ୍ରିଜ୍‌ରେ ହିଁ ଏହି କାଣ୍ଡ ଘଟାଯାଇଥିଲା । ସିଏମ୍‌ଏସ୍ ଇନଫୋ ସିଷ୍ଟମ ନାମକ ଏକ କମ୍ପାନୀର ଏହି କ୍ୟାଶ ଭ୍ୟାନକୁ ଜେପି ନଗରର ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୨୨ କିମି ଦୂରରେ ଥିବା ଏସ୍‌ବିଆଇର ଲେଟ୍‌ଆଉଟ୍‌କୁ ନିଆଯାଉଥିବା ବେଳେ ଏହି କାଣ୍ଡ ଘଟିଥିଲା । ଏହି ମାମଲାରେ ୧୧ ଟିମ୍‌ରେ ୨୦୦ ପୁଲିସକର୍ମୀ ଅପରାଧୀଙ୍କୁ ଖୋଜୁଥିଲେ ।

# ଶେଷରେ ମୁହଁ ଖୋଲିଲେ ଜଗଦୀପ ଧନଖଡ଼

### ଇସ୍ତଫା କାରଣ ପଚାରିବାରୁ ହାତ ଯୋଡ଼ିଦେଲେ



ଭୋପାଳ, ୨୨।୧୧ (ଏଜେନ୍ସି): ଅଚାନକ ନିଜ ପଦରୁ ଇସ୍ତଫା ଦେଇଥିବା ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦୀର୍ଘ ଦିନ ପରେ ମୁହଁ ଖୋଲିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ମନମୋହନ ବୈଦ୍ୟଙ୍କ ପୁସ୍ତକ 'ହମ୍ ଔର ୟହ ବିଶ୍ୱ' ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇ 'ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ' ବୋଲି କହିଛନ୍ତି । ଗତକାଲି ସନ୍ଧ୍ୟାରେ ସେ ଦେଇଥିବା ଏଭଳି ଟିପ୍ପଣୀକୁ ନେଇ ରାଜନୀତି ସରଗରମ ହୋଇ ଉଠିଛି । ଇସ୍ତଫାର କାରଣ ପଚାରିବାରୁ ସେ ଏଭଳି ମନ୍ତବ୍ୟ କାହିଁକି ଓ କାହା ଉଦ୍ଦେଶ୍ୟରେ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଲାଣି ।

ଧନଖଡ଼ କହିଥିଲେ ଯେ 'ଭଗବାନ କୃପାରୁ କେହି ଅପପ୍ରଚାରର ଶିକାର ହୋଇ ନ ଫସନ୍ତୁ । ଯିଏ କିଛି ବୁଝିବାକୁ ଚାହେଁ ନାହିଁ, ଯେତେ ବୁଝାଇଲେ ବି ସେ ଅର୍ଥକୁ ଅନର୍ଥ କରିବ । ଯିଏ ଶୋଇ ରହିଛି ତାକୁ ନିଦରୁ ଉଠାଇ ହେବ, କିନ୍ତୁ ଯିଏ ଚେଇଁ କି ଶୋଇଛି ତାକୁ କେହି ଉଠାଇ ପାରିବେ ନାହିଁ ।' ତେବେ କାର୍ଯ୍ୟକ୍ରମ ଶେଷରେ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାର କାରଣ ପଚାରିବାରୁ ସେ ହାତ ଯୋଡ଼ି ଦେଇଥିଲେ । ଧନଖଡ଼ କିଛି ନ କହି ଗାଡ଼ିରେ ବସି ଚାଲି ଯାଇଥିଲେ ।

ସମ୍ବୋଧନରେ ପୂର୍ବତନ ଉପ-ରାଷ୍ଟ୍ରପତି କହିଥିଲେ ଯେ ବହୁତ ବିଚାରବିମର୍ଶ ପରେ ଏବେ ଇଂରାଜୀରେ ସମ୍ବୋଧନ କରିବାକୁ ନିଷ୍ପତ୍ତି ନେଇଛି । କାରଣ ଯିଏ ବୁଝିବାକୁ ଚାହେଁ ନାହିଁ, ସେ କଥାର ଭୁଲ୍ ଅର୍ଥ ବାହାର କରିବା ନିଶ୍ଚିତ । ରାଷ୍ଟ୍ରର ବ୍ୟାପକ ଅବଧାରଣାକୁ ସୀମିତ କରିଦିଆଯାଇଛି । ବ୍ୟକ୍ତି ଏକାକୀ ଲଢ଼ିପାରିବ ନାହିଁ, କିନ୍ତୁ ସଂସ୍ଥା ଲଢ଼ି ପାରିବ । ଯିଏ ଚେଇଁ କି ଶୋଇଛି ବଳ ପ୍ରୟୋଗ କଲେ ବି ସେ ଉଠି ପାରିବ ନାହିଁ । ଏହି ସମ୍ବୋଧନ ସମୟରେ ଜଣେ ସହଯୋଗୀ ବିମାନ ସମୟ ହୋଇଗଲାଣି କହିବାରୁ ଧନଖଡ଼ କହିଥିଲେ ଯେ ବିମାନ ପାଇଁ ମୁଁ କର୍ତ୍ତବ୍ୟକୁ ଛାଡ଼ିପାରିବି ନାହିଁ । କିଛି ଲୋକ ବଡ଼ ହଇଚଇ ସ୍ଥିତି ସୃଷ୍ଟି କରିଛନ୍ତି । ଆହ୍ୱାନ ମଧ୍ୟରେ ନିଜକୁ ମଝଭୁତ ରଖ । ଦେଶଭକ୍ତି ସବୁଠୁ ଜରୁରୀ । ଦେଶ ପ୍ରତି ନିଜ କର୍ତ୍ତବ୍ୟକୁ ଜାଣ ଏବଂ ଦେଶହିତରେ କାମ କର । ଏହା ହିଁ ଦେଶଭକ୍ତି । କୌଣସି କଥାକୁ ନ ବୁଝି ତାହାର ଅପ୍ରପଚାରରେ ସାମିଲ ହୁଅ ନାହିଁ । ପ୍ରଥମେ କଥାକୁ ଭଲ ଭାବେ ବୁଝ ।

ସୂଚନାଯୋଗ୍ୟ, ନିଜ କାର୍ଯ୍ୟକାଳ ସରିବା ପୂର୍ବରୁ ଗତ ଜୁଲାଇ ୨୧ରେ ଧନଖଡ଼ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ଏହାକୁ ନେଇ ସେତେବେଳେ ଅନେକ ଚର୍ଚ୍ଚା ହୋଇଥିଲା । ସରକାରଙ୍କ ସହ ବିବାଦ କାରଣରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିବା କୁହାଯାଇଥିଲା । ତେବେ ସେ ଇସ୍ତଫାର କାରଣରେ ସ୍ୱାସ୍ଥ୍ୟ ସମସ୍ୟା ବୋଲି ଉଲ୍ଲେଖ କରିଥିଲେ ।

ଅନ୍ୟପଟେ ବିମାନବନ୍ଦରରେ ଧନଖଡ଼ଙ୍କୁ ଉପଯୁକ୍ତ ସମ୍ମାନ ଦେଇ ନ ଥିବାରୁ ଏହି କାର୍ଯ୍ୟକ୍ରମରେ ସାମିଲ ଦିଗବିଜୟ ସିଂହ ବିଜେପି ସରକାରଙ୍କୁ ନିନ୍ଦା କରିଛନ୍ତି । 'ବ୍ୟବହାର କର ଏବଂ ଫୋପାଡ଼' ବିଜେପିର ନୀତି ବୋଲି ଦିଗବିଜୟ କହିଛନ୍ତି ।

## ଏସ୍‌ଆଇଆର୍ ଚାପ : ପଶ୍ଚିମବଙ୍ଗରେ ଆଉ ଜଣେ ବିଏଲ୍‌ଓ ମୃତ

କୋଲକାତା, ୨୨।୧୧(ଏଜେନ୍ସି): ସ୍ପେଶାଲ ଇନଟେନସିଭ ରିଭିଜନ (ଏସ୍‌ଆଇଆର୍) ଚାପ କାରଣରୁ ପଶ୍ଚିମବଙ୍ଗରେ ଆଉ ଜଣେ ଶିକ୍ଷୟିତ୍ରୀ ତଥା ବ୍ଲକ ଲିଭେଲ ଅଫିସର (ବିଏଲ୍‌ଓ) ମୃତ୍ୟୁବରଣ କରିଛନ୍ତି । ଏସ୍‌ଆଇଆର ପ୍ରକ୍ରିୟା ଚାଲିଥିବାରୁ ସେ ପ୍ରବଳ ଚାପରେ ଥିଲେ ଓ ଏଥିପାଇଁ ସେ ଜୀବନ ହରାଇଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି । ଏହି ଶିକ୍ଷୟିତ୍ରୀ ହେଉଛନ୍ତି ୫୪ ବର୍ଷୀୟା ରିଙ୍କୁ ତରଫଦାର । ସେ ବେଙ୍ଗଲି ସ୍ୱାମୀ ବିବେକାନନ୍ଦ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଥିଲେ । କ୍ରିଷ୍ଣାନଗର ବାସଭବନରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ତାଙ୍କ ପ୍ରକୋଷ୍ଠରୁ ଏକ ନୋଟ୍ ଉଦ୍ଧାର କରାଯାଇଛି । ଯଦି ବିଏଲ୍‌ଓ ଭାବେ କାର୍ଯ୍ୟ ସମ୍ପାଦନ ନ କରିପାରିବି, ତେବେ ପ୍ରଶାସନ ତରଫରୁ ମୋ ଉପରେ ଚାପ ବୃଦ୍ଧି ପାଇବ ବୋଲି ଏହି ନୋଟ୍‌ରେ ଲେଖାଯାଇଛି । ବିଏଲ୍‌ଓ ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଉପରେ ପ୍ରବଳ ମାନସିକ ଚାପ ଥିଲା ବୋଲି ରିଙ୍କୁଙ୍କ ଦିଅର କହିଛନ୍ତି ।। ଗୁଜରାଟରେ ମଧ୍ୟ ଆଜି ଆଉ ଜଣେ ବିଏଲ୍‌ଓଙ୍କ ଏହି କାରଣରୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

# ଲଢ଼େଇରେ ଗଲା ଦନ୍ତା ଜୀବନ

ରାସଗୋବିନ୍ଦପୁର, ୨୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ସାରୁମୂଳା ବିଟ୍‌ର ବେତନାସିଆ ସଂରକ୍ଷିତ ଜଙ୍ଗଲରୁ ଆଜି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି । ହାତୀଟିର ବୟସ ୧୦ରୁ ୧୨ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି । ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା କିଛି



ଲୋକଙ୍କଠାରୁ ଖବର ପାଇ ବାରିପଦା ଡିଏଫଓ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ୍ ମେହେରବାନ ଅଲ୍ଲୀ, ଆରସିସିଏଫ ପ୍ରକାଶଚନ୍ଦ୍ର ଗୋଗିନେନି, ରାସଗୋବିନ୍ଦପୁର ରେଞ୍ଜର୍ ଘନଶ୍ୟାମ ସିଂ, ଫରେଷ୍ଟର୍ ମାଳତୀଲତା ସିଂ, ଗାର୍ଡ ଚିତ୍ତରଞ୍ଜନ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।

ଶୁକ୍ରବାର ଦନ୍ତାଟି ଅନ୍ୟ ଏକ ହାତୀ ସହ ଜଙ୍ଗଲରେ ଲଢ଼େଇ କରୁଥିବା ବନ ବିଭାଗ କର୍ମଚାରୀ ଦେଖିଥିବା କହିଛନ୍ତି । ପରସ୍ପର ଲଢ଼େଇରୁ ଦନ୍ତାର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ସୂଚନାଯୋଗ୍ୟ, ଶୁକ୍ରବାର ବାଙ୍କବଣରେ ୪୦ଟି ଝାଡ଼ଖଣ୍ଡୀ ହାତୀ ଥିବା ବେଳେ ସନ୍ଧ୍ୟାରେ ସାରମୂଳା ବିଟର ବେତନସିଆ ଜଙ୍ଗଲରେ ପ୍ରବେଶ କରିଥିଲେ ।

# ଦୁଇ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ଉଦଳା, ୨୨।୧୧ (ସମିସ): ଏକ ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ଉଦଳା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଆଜି ଦୁଇଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି । ବିଚାରପତି ପ୍ରଦୀପ କୁମାର ବେହେରା ମାମଲାର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଛନ୍ତି । ଆସାମୀଦ୍ୱୟ ହେଲେ, କପ୍ତିପଦା ଥାନା ଅନ୍ତର୍ଗତ ବୃନ୍ଦାଗଡ଼ି ଗ୍ରାମର ସାଗର ହାଁସଦା ଏବଂ ସୁରେନ୍ଦ୍ର ସୋରେନ୍ ।

ଅଭିଯୋଗ ଅନୁଯାୟୀ, ଗତ ୨୦ ଏପ୍ରିଲରେ ପୀଡ଼ିତାଙ୍କୁ ନିଶା ଖୁଆଇ ସାଗର ଓ ସୁରେନ୍ଦ୍ର ତାଙ୍କୁ ଦୁଷ୍କର୍ମ କରିଥିଲେ । ପରେ ଏ ସଂପର୍କରେ ଜଣାପଡ଼ିବା ପରେ ପରିବାରଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲା । ଅଭିଯୋଗ ଆଧାରରେ ପୁଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଅତିରିକ୍ତ ପିପି ଲିଲେଶ କୁମାର ଜେନା ପରିଚାଳନା କରୁଥିଲେ ।

# ଡାକ ଶୁଣିଲେ ମହାପ୍ରଭୁ!

## ନିସ୍ତେଜ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର

ପୁରୀ, ୨୨।୧୧(ସମିସ): ଚଳିତ ମାସ ୯ ତାରିଖରେ ଶ୍ରୀମନ୍ଦିର ସିଂହଦ୍ୱାରରେ ଏକ ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା । ଜଣେ ବ୍ୟକ୍ତି ତାଙ୍କ ୫ବର୍ଷର ଅସୁସ୍ଥ ପୁଅକୁ ଦୁଇହାତରେ କୋଳେଇ ଆଣି ପହଞ୍ଚିଥିଲେ । ପୁଅ ନାକରେ ଖାଦ୍ୟନଳୀ ଲାଗିଥିଲା । ପୁଅକୁ ସିଂହଦ୍ୱାରରେ ଗଡ଼ାଇ ଭୋଭୋ ହୋଇ କାନ୍ଦି ପକାଇଥିଲେ । ବ୍ରେନ୍ ଷ୍ଟ୍ରୋକ୍‌ରେ ପୀଡ଼ିତ ପୁଅକୁ ପତିତପାବନଙ୍କ ନିକଟରେ ଗଡ଼ାଇ ଜୀବନ ଭିକ୍ଷା ମାଗିଥିଲେ । ଶ୍ରୀମନ୍ଦିର ସେବାୟତ ମହାପ୍ରଭୁଙ୍କ ଫୁଲ, ତୁଳସୀ ପ୍ରଦାନ କରିଥିଲେ । ବ୍ୟକ୍ତି ଜଣଙ୍କ ଏମିତି କାନ୍ଦୁଥିଲେ ଯେ ଶ୍ରଦ୍ଧାଳୁଙ୍କ ଆଖିରୁ ଲୁହ ଜକେଇ ଆସିଥିଲା । ସମସ୍ତେ ଆହା ପଦେ କହି କାଳିଆ ତୁ ନିରାଶ କରନା, ଜଣେ ଅସହାୟ ବାପାକୁ ଖାଲି ହାତରେ ଫେରାନା ବୋଲି କହୁଥିଲେ ।

ଶେଷରେ ବ୍ୟକ୍ତିଜଣଙ୍କ ପୁଅକୁ କୋଳରେ ଧରି ବାଇଶିପାହଚ ଚଢ଼ି ଶ୍ରୀମନ୍ଦିର ଭିତରକୁ ଯାଇଥିଲେ । ୧୩ ଦିନ ପରେ ପୁଣି ସେହି ବ୍ୟକ୍ତିଙ୍କୁ ସିଂହଦ୍ୱାର ନିକଟରେ ଦେଖିବାକୁ



ମିଳିଥିଲା । ସେଦିନ ନିସ୍ତେଜ ଥିବା ତାଙ୍କ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବେଶ୍ ସୁଧାର ଆସିଥିଲା । ସେ ହାତ ଗୋଡ଼ ହଲାଉଥିଲେ । ଆଉ ବ୍ୟକ୍ତି ଜଣଙ୍କ ଏଥିପାଇଁ ମହାପ୍ରଭୁଙ୍କୁ ଧନ୍ୟବାଦ ଦେବା ସହ 'ମୋ ପୁଅ ଉପରେ ଆପଣଙ୍କ କୃପା ଥାଉ ଶ୍ରୀଜଗନ୍ନାଥ' କହି କାନ୍ଦି ପକାଉଥିଲେ ।

ଏହି ବ୍ୟକ୍ତିଜଣଙ୍କ ହେଉଛନ୍ତି, ରାଜସ୍ଥାନ ପାସ୍‌ୱାଡାର ନିଖିଲ ଭୋଇ । ତାଙ୍କ ୫ ବର୍ଷର ପୁଅର ମସ୍ତିଷ୍କାଘାତ ହେବା ପରେ ବିଭିନ୍ନ ଜାଗାରେ ଡାକ୍ତରଙ୍କୁ ଦେଖାଇଥିଲେ ।

### ୧୩ ଦିନ ତଳେ ଶରଣ ପଶିଥିଲେ ବାପା

ହେଲେ କୌଣସି ସୁଫଳ ନମିଳିବାରୁ ଗତ ୯ ତାରିଖରେ ପୁରୀ ଆସି ମହାପ୍ରଭୁଙ୍କ ନିକଟରେ ନିଜ ପୁଅର ଜୀବନ ଭିକ୍ଷା କରିଥିଲେ । ଇତିମଧ୍ୟରେ ତାଙ୍କ ପୁଅ ଧୀରେଧୀରେ ସୁସ୍ଥ ହେଉଥିବା ଉପଲବ୍ଧି କରିବା ପରେ ଶନିବାର ନିଖିଲ ପୁଅକୁ ଧରି ପୁରୀରେ ପହଞ୍ଚିଥିଲେ । ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇବା ସହ ପୁଅକୁ ଗଡ଼ାଇ ଶରଣ ପଶିଥିଲେ । ଆପଣଙ୍କ କୃପାରୁ ପୁଅ ଏବେ ସୁସ୍ଥ ହେଉଛି, ଏମିତି କୃପା ରଖିଥାନ୍ତୁ ପ୍ରଭୁ ଜଗନ୍ନାଥ କହି କାନ୍ଦି ପକାଇଥିଲେ ନିଖିଲ । ପୁରୀରେ ସେ ୧୦ଦିନ ରହି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବେ ବୋଲି କହିଛନ୍ତି । ତେବେ ପୁଅର ଔଷଧ ଖର୍ଚ୍ଚ ବାବଦ ଆବଶ୍ୟକ ଅର୍ଥ ସହୃଦୟ ବ୍ୟକ୍ତିଙ୍କଠାରୁ ନିଖିଲ ମାଗୁଥିବା ମଧ୍ୟ ଦେଖିବାକୁ ମିଳିଥିଲା । ତେବେ କିଛି ସହୃଦୟ ବ୍ୟକ୍ତି ତାଙ୍କୁ ସହଯୋଗ କରିବା ସହ ଏ ସମ୍ପର୍କରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ । ସିଡିଏମ୍‌ଓ ଏକ ଆମ୍ବୁଲାନ୍ସ ପଠାଇ ତାଙ୍କୁ ହସ୍ପିଟାଲ ନେଇଛନ୍ତି । ମେଡିସିନ୍ ୱାର୍ଡରେ ତାଙ୍କ ପୁଅଙ୍କୁ ଆବଶ୍ୟକ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି ।

# ଶଶୁର ଘର ଉପରେ ଜ୍ୱାଇଁର ବୋମାମାଡ଼

## ଖସିଗଲେ ଜ୍ୱାଇଁ; ୨ ସାଙ୍ଗଙ୍କୁ ମାଡ଼ିବସିଲେ ଗ୍ରାମବାସୀ

ଭଦ୍ରକ, ୨୨।୧୧(ସମିସ): ପ୍ରେମ ବିବାହ କରିଥିଲେ । କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ସମ୍ପର୍କରେ ଭଟ୍ଟା ପଡ଼ିଗଲା । କଥା ଏତେ ଆଗକୁ ଚାଲିଗଲା ଯେ ଦୁହିଁଙ୍କର ବିଚ୍ଛେଦ ହୋଇଗଲା । ଏଥିପାଇଁ ଶ୍ୱଶୁରଘର ଲୋକଙ୍କୁ ଦାୟୀ କରି ପ୍ରତିଶୋଧରେ ଜଳୁଥିବା ଜ୍ୱାଇଁ ୨ ସାଙ୍ଗଙ୍କ ମିଶି ଶଶୁର ଘର ଉପରକୁ ବୋମା ଫିଙ୍ଗିଲା । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା କରଣପଲ୍ଲୀ ଅଞ୍ଚଳରେ ।

ସୂଚନାନୁଯାୟୀ, ବନ୍ତ ଅଞ୍ଚଳର ପାଣ୍ଡୁଆ ଗ୍ରାମର ଶ୍ରୀଧର ନାୟକ କରଣପଲ୍ଲୀ ଗ୍ରାମର ରମେଶ ମହାଲିକଙ୍କ ଝିଅ ମାମୁନିଙ୍କୁ ପ୍ରେମ ବିବାହ କରିଥିଲେ । ବିବାହର କିଛି ଦିନ ଠିକ୍‌ଠାକ୍ ଚାଲିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା । ପରେ କରଣପଲ୍ଲୀ ଅଞ୍ଚଳର ଭଦ୍ର ଲୋକଙ୍କ ଉପସ୍ଥିତିରେ ଦୁହିଁଙ୍କର ବିବାହ ବିଚ୍ଛେଦ ହୋଇଥିଲା । ବିଚ୍ଛେଦ ପରେ ଦୁହେଁ ନିଜ ନିଜ



ଘରେ ରହୁଥିଲେ । କିନ୍ତୁ ଶ୍ରୀଧର ଏହାକୁ ସହ୍ୟ କରିପାରିନଥିଲେ । ବିବାହ ବିଚ୍ଛେଦ ପାଇଁ ମାମୁନିଙ୍କ ବାପଘରଲୋକଙ୍କୁ ସେ ଦାୟୀ କରି ପ୍ରତିଶୋଧ ନେବାକୁ ମୌକା ଖୋଜୁଥିଲେ । ଗତକାଲି ବିଳମ୍ବିତ ରାତିରେ ଦୁଇ ସାଙ୍ଗ, ଅଶୋକ ଦାସ ଓ କିଶୋର ନାୟକଙ୍କ ସହ ସେ କରଣପଲ୍ଲୀର ପହଞ୍ଚିଥିଲେ । ସେଠାରେ ସେମାନେ ରମେଶଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ । ଏଥିରେ ରମେଶଙ୍କ ଆଜବେଷ୍ଟସ୍ ଘରର କିଛି ଅଂଶ ଭାଙ୍ଗିଯାଇଥିଲା । ଅପରପକ୍ଷେ, ବୋମାମାଡ଼ ଶବ୍ଦରେ ଗ୍ରାମବାସୀ ଉଠିପଡ଼ିଥିଲେ ଓ ଖସି ପଳାଉଥିବା ୩ଜଣଙ୍କ ମଧ୍ୟରୁ ଦୁଇ ସାଙ୍ଗଙ୍କୁ ମାଡ଼ି ବସିଥିଲେ । କିନ୍ତୁ ଶ୍ରୀଧର ଖସି ପଳାଇଥିଲେ । ଗ୍ରାମବାସୀଙ୍କଠାରୁ ଖବର ପାଇ ବାଂଶଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶ୍ରୀଧରଙ୍କ ୨ ସାଙ୍ଗଙ୍କୁ ଥାନାକୁ ନେଇ ଅଟକ ରଖିଛି । ରମେଶଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମହାଲିକଙ୍କ ଲିଖିତ ଅଭିଯୋଗ ପରେ ତଦନ୍ତ ଚାଲିଛି ।

# ଆତ୍ମସମର୍ପଣ କଲେ ୩୭ ମାଓବାଦୀ




ମାଲକାନଗିରି,୨୨।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ୩୭ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଛତିଶଗଡ଼ ମାଓ ସଂଗଠନର ଦୁଇଜଣ ଟପ୍ ମାଓନେତା ତଥା ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ କୋୟାଡା ସାମ୍ବାଇ ଓରଫ ଆଜାଦ୍ ଏବଂ ଆପ୍ପାସି ନାରାୟଣ ଓରଫ ରମେଶ ରହିଛନ୍ତି । ସେହିପରି, ୩ଜଣ ଷ୍ଟେଟ୍ କମିଟି ସଦସ୍ୟ, ୩ଜଣ ଡିଭିସିଏମ ମେମ୍ବର, ୯ଜଣ ଏରିଆ କମିଟି ମେମ୍ବର ଓ ୨୨ଜଣ ପାର୍ଟି ମେମ୍ବର ଅଛନ୍ତି । ଏମାନେ ତେଲେଙ୍ଗାନା ଡିଜିପିଙ୍କ ନିକଟରେ ଏହି ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଦୁଇଜଣ ଆନ୍ଧ୍ର କ୍ୟାଡର୍‌ଙ୍କୁ ଛାଡ଼ିଦେଲେ ବାକି ସମସ୍ତ ମାଓବାଦୀ ହେଉଛନ୍ତି ଛତିଶଗଡ଼ ବିଜାପୁର ଓ ସୁକୁମା ଜିଲ୍ଲାର । ଏମାନେ ସମସ୍ତେ ଟପ୍ ମାଓନେତା ହିଡ଼ମାଙ୍କୁ ସହଯୋଗ କରୁଥିଲେ ବୋଲି ତେଲେଙ୍ଗାନା ଡିଜିପି କହିଛନ୍ତି । ହିଡମାଙ୍କ ଏନ୍‌କାଉଣ୍ଟର୍ ପରେ ଭୟଭୀତ ହୋଇ ସମସ୍ତେ ତେଲେଙ୍ଗାନା ଯାଇ ପୁଲିସ ପାଖରେ ଆତ୍ମସମର୍ପଣ କରିଥିବା ନେଇ ସୂଚନା ଦେଇଛନ୍ତି ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଆଜାଦ୍ । ଏମାନଙ୍କଠାରୁ ମୋଟ ୮ଟି ବନ୍ଧୁକ ଜବତ କରାଯାଇଛି ।

## ପୁଣି ଜନନୀ ଯନ୍ତ୍ରଣା

# ଖଟରେ ବୁହା ହେବା ବେଳେ ସନ୍ତାନ ପ୍ରସବ

ଶରତ, ୨୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତ ଧନାସାହିରୁ ଜନନୀ



ଯନ୍ତ୍ରଣାର ଆଉ ଏକ ଚିତ୍ର ସାମ୍ନାକୁ ଆସିଛି । ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେବା ବେଳେ ବାଟରେ ମହିଳାଜଣଙ୍କ ପ୍ରସବ କରିଛନ୍ତି ।

ସୂଚନାନୁସାରେ, ପଦ୍ମପୋଖରୀ ପଞ୍ଚାୟତ ଧନାସାହିର ସମା ମହାକୁଡ଼ଙ୍କ ସ୍ତ୍ରୀ ନାନ୍ଦୀ ମହାକୁଡ଼ଙ୍କ ଶନିବାର ପ୍ରସବଯନ୍ତ୍ରଣା ହୋଇଥିଲା । ପରିବାରଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ । କିନ୍ତୁ, ଗାଁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଗାଁଠାରୁ ୫ କିମି ଦୂରରେ ଛିଡ଼ା ହୋଇଥିଲା । ଏପଟେ ନାନ୍ଦୀଙ୍କ ପ୍ରସବ ଯନ୍ତ୍ରଣା ବଢ଼ି ଚାଲିଥିଲା । ତେଣୁ ଅନ୍ୟ ଉପାୟ ନ ପାଇ ପରିବାରଲୋକ ଏକ ଖଟରେ ନାନ୍ଦୀଙ୍କୁ ବୋହିବୋହି ଆମ୍ବୁଲାନ୍ସ ନିକଟକୁ ନେଉଥିଲେ । ତେବେ ଅଧା ବାଟରେ ନାନ୍ଦୀ ଏକ ସନ୍ତାନ ପ୍ରସବ କରିଥିଲେ । ସ୍ଥାନୀୟ ଆଶା ଓ ଅଙ୍ଗନବାଡି କର୍ମୀ ଏନେଇ କୌଣସି ସୂଚନା ପାଇ ନ ଥିବାରୁ ପ୍ରସୂତିଙ୍କୁ କୌଣସି ସହାୟତା ମିଳିପାରିନାହିଁ ।

ସୂଚନାଯୋଗ୍ୟ, ଗାଁ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ଗ୍ରାମବାସୀ ମରାମତି ନିମନ୍ତେ କପ୍ତିପଦା ବିଡିଓଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ । ଫଳରେ ଏହି ଗାଁର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## କିମ୍ସ ଜାତୀୟ ସମ୍ମିଳନୀ-୨୦୨୫

# ଡ. ଶିବାନନ୍ଦ ମହାନ୍ତିଙ୍କୁ ପ୍ରଥମ 'ହିରୋ' ପୁରସ୍କାର

ଭୁବନେଶ୍ୱର,୨୨।୧୧(ସମିସ): କିମ୍ସ ଜାତୀୟ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଦିବସବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିତ୍ସା, ଜନସ୍ୱାସ୍ଥ୍ୟ, ଜୈବଚିକିତ୍ସା ନବସର୍ଜନା, ସ୍ୱାସ୍ଥ୍ୟସେବା ନୀତି ଏବଂ ଚିକିତ୍ସା ଶିକ୍ଷା ଆଦି କ୍ଷେତ୍ରରୁ ଭାରତର ବହୁପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ବିଶେଷଜ୍ଞ ଯୋଗ ଦେଇଥିଲେ । ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଲୋକଙ୍କ ମଧ୍ୟରେ



ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ସ୍ଥାନୀୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗବେଷଣା, ଗବେଷଣାଲବ୍ଧ ଜ୍ଞାନକୁ କିପରି ଲୋକଙ୍କ ଉପକାରରେ ଲଗାଯାଇପାରିବ, ସ୍ଥାନୀୟ ସମ୍ବଳ ଏବଂ କମ୍ ଖର୍ଚ୍ଚରେ କିପରି ଗବେଷଣା କରାଯାଇପାରିବ, ସାଧାରଣ ଲୋକଙ୍କୁ କମ୍ ଖର୍ଚ୍ଚରେ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଆଦି ଯୋଗାଇ ଦେବା ବିଷୟରେ ବିଶେଷଜ୍ଞମାନେ ମତ ପ୍ରଦାନ କରିଥିଲେ । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ମୁକାବିଲା ଓ ମାତୃ ଯତ୍ନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଡା. ଶିବାନନ୍ଦ ମହାନ୍ତିଙ୍କୁ କିମ୍ସ ପକ୍ଷରୁ ପ୍ରଥମ 'ହେଲ୍‌ଥ ଏମ୍ପାୱାରମେଣ୍ଟ ଇନ୍ ରୁରାଲ୍ ଓଡିଶା' (ହିରୋ) ପୁରସ୍କାର ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଆଇସିଏମ୍ଆରର ମହାନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା. ରାଜୀବ ବାହାଲ, ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ଗ୍ରାମୀଣ ସ୍ୱାସ୍ଥ୍ୟ ସଶକ୍ତିକରଣ ଓ ଗବେଷଣା ଜନିତ କ୍ଲିନିକାଲ୍ ଅଭ୍ୟାସର ଭବିଷ୍ୟତ ଉପରେ ଆଲୋଚନା କରିଥିଲେ । କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଓଡିଶାର ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସ ତାର ପ୍ରୟାସ ଜାରି ରଖିଥିବା କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଆପୋଲୋ କର୍କଟ କେନ୍ଦ୍ର ହେମାଟୋ-ଅଙ୍କଲୋଜି ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ବିଭାଗୀୟ ମୁଖ୍ୟ ଡା. ଭେଲୁ ନାୟାର, ଚେନ୍ନାଇସ୍ଥିତ ଏମଜିଏମ ସ୍ୱାସ୍ଥ୍ୟ ସେବାର ହୃଦ୍ ଏବଂ ଫୁସ୍‌ଫୁସ୍ ପ୍ରତିରୋପଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. କେ. ଆର. ବାଲକୃଷ୍ଣନ୍ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ୫ଶହରୁ ଉର୍ଦ୍ଧ୍ୱ ଡାକ୍ତରୀ ଓ ସ୍ୱାସ୍ଥ୍ୟସେବାର ତଥା କ୍ଷେତ୍ରର ଛାତ୍ରଛାତ୍ରୀ, ଅଧ୍ୟାପକମାନେ ଯୋଗ ଦେଇଥିଲେ ।




ସକାଳ THE SAKALA




### କଳାହାଣ୍ଡିରେ ଜଙ୍ଗଲ ଅଧିକାର ସ୍ୱୀକୃତି ପ୍ରକ୍ରିୟା ମନ୍ଥର

# ତହସିଲରେ ପଡ଼ିରହିଛି ରାଜସ୍ୱଗ୍ରାମ ପ୍ରସ୍ତାବ ଫାଇଲ

**ଭବାନୀପାଟଣା, ୨୨।୧୧(ସମିସ)**

ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ନ୍ୟାୟ ଦେବାକୁ ଜଙ୍ଗଲ ଅଧିକାର ଆଇନ -୨୦୦୬ ପ୍ରଣୀତ ହେବା ଇତିମଧ୍ୟରେ ୧୯ ବର୍ଷ ବିତିଗଲାଣି। ଆଇନର ଧାରା ୩ (୧) (ଷ )ରେ ଥିବା ବ୍ୟବସ୍ଥା ଅନୁଯାୟୀ ଜଙ୍ଗଲ ଗ୍ରାମ, ଅଣସର୍ଭେ ଗ୍ରାମ ଗୁଡିକୁ ରାଜସ୍ୱ ଗ୍ରାମରେ ପରିଣତ କରାଯିବା ସହ ଗ୍ରାମବାସୀଙ୍କୁ ଜମି ଅଧିକାର ପ୍ରଦାନ କରାଯିବ। ଏହି କ୍ରମରେ କଳାହାଣ୍ଡି ଜିଲ୍ଲାର ଏକାଧିକ ଜଙ୍ଗଲ ଏବଂ ଅଣସର୍ଭେ ଗ୍ରାମ ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ପାଇଁ ହକଦାର। କିନ୍ତୁ ବିଡମ୍ବନାର ବିଷୟ ଆଇନ ପ୍ରଣୟନ ର ୧୯ ବର୍ଷ ବିତିଯାଇଥିଲେ ମଧ୍ୟ କଳାହାଣ୍ଡି ଜିଲ୍ଲାରେ ପ୍ରଶାସନିକ ଉଦାସୀନତା ଯୋଗୁଁ ଜଙ୍ଗଲ ଗ୍ରାମ ଓ ଅଣସର୍ଭେ ଗ୍ରାମ ଗୁଡିକ ଏଥିରୁ ଅଦ୍ୟାବଧି ବଞ୍ଚିତ ରହିଆସିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅନୁସୂଚିତ ଅଞ୍ଚଳ ଥୁଆମୂଳରାମପୁର ବ୍ଲକ କଥା ଉଦାହରଣ ହିସାବରେ ନେଲେ, ଏହି ବ୍ଲକର ୩ ଟି ଗ୍ରାମ ଛାଟିକନା (ଶାଟିକନା), ସେମେଲପଦର ଏବଂ ତେନ୍ତୁଳିପଦର ବହୁ ବର୍ଷଧରି ସେମାନଙ୍କ ଦାବି ଉପସ୍ଥାପନ କରିଆସିଥିଲେ ମଧ୍ୟ ସେସବୁ ଗ୍ରାମକୁ ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମରେ ପରିଣତ କରାଯାଇ ନାହିଁ।ଏମିତିକି ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ତରଫରୁ ୩ ନଭେମ୍ବର ୨୦୧୮ ରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଆସିବା ପରେ ୧୪ ନଭେମ୍ବର ୨୦୧୮ ରେ ତତ୍କାଳୀନ ଜିଲ୍ଲାପାଳ ଗାଭାଲି ପରାଗ ହର୍ଷଦ, ଥୁଆମୂଳ ରାମପୁର ତହସିଲଦାରଙ୍କୁ ଏବଂ ଦକ୍ଷିଣ ବନଖଣ୍ଡ ଅଧିକାରୀଙ୍କୁ ଏସଂକ୍ରାନ୍ତରେ ଚିଠି ଲେଖି ଯଥାଶୀଘ୍ର ଏହି ତିନିଖଣ୍ଡ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବାଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତାପରେ ଛାଟିକନା ଏବଂ ସେମେଲପଦର ଗ୍ରାମ ଦୁଇଟିରେ ଏହି ପ୍ରକ୍ରିୟା କରାଗଲା ଏବଂ ବିଳମ୍ବରେ ହେଲେ ମଧ୍ୟ ୨୭ ଏପ୍ରିଲ ୨୦୨୩ ମସିହାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ରାଜସ୍ୱ ପରିଷଦକୁ ପ୍ରସ୍ତାବ ଗଲା।କିନ୍ତୁ ରେକର୍ଡପତ୍ର ରେ କିଛି ତ୍ରୁଟି ଥିବା ଯୋଗୁଁ ତାହା ସଂଶୋଧନ ପାଇଁ ଜିଲ୍ଲାପାଳଙ୍କ ନିକଟକୁ ଫେରି ଆସିଲା। ସେସବୁ କାଗଜପତ୍ର ଜିଲ୍ଲା କାର୍ଯ୍ୟାଳୟରୁ ଥୁଆମୂଳରାମପୁର ତହସିଲଦାରଙ୍କୁ ୯ଫେବୃଆରୀ ୨୦୨୪ ରେ ପଠାଇଦିଆଗଲା ଯାହାକି ଆଜିପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟର ଫାଇଲ ଭିତରେ ପଡ଼ିରହିଛି। ବିଳମ୍ବହେବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଦୁଇ ଦୁଇ ଥର ତାଗିଦ ଚିଠି ପଠାଯାଇଥିବା ସତ୍ତ୍ୱେ ତହସିଲଦାର ଥୁଆମୂଳରାମପୁରଙ୍କ ନିଦ ଭାଙ୍ଗୁନାହିଁ କି ସଂଶୋଧିତ କାଗଜାତ ଆସୁନାହିଁ ଯାହାଫଳରେ ଲୋକଙ୍କ ଅଧିକାର ବାଟବଣା ହୋଇଯାଇଛି। ତେନ୍ତୁଳିପଦର ଗ୍ରାମର ବିଷୟ ଆହୁରି ଦୟନୀୟ। ଜିଲ୍ଲାପାଳ ନିର୍ଦ୍ଦେଶ ଦେବାପରେ ମଧ୍ୟ ଏହି ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପ୍ରକ୍ରିୟା ଆରମ୍ଭ ହେଲା ନାହିଁ। ପରବର୍ତ୍ତି ସମୟରେ ଲୋକଙ୍କ ଦାବି ଫଳରେ, ତହସିଲଦାର ଥୁଆମୂଳରାମପୁର୨୯ ଡିସେମ୍ବର ୨୦୨୩ ରେ ଜିଲ୍ଲାପାଳଙ୍କୁ ଚିଠି ଲେଖି ତେନ୍ତୁଳିପଦର ଗ୍ରାମ ରାଜସ୍ୱଗ୍ରାମ ହେବାକୁ ଯୋଗ୍ୟ ବୋଲି ମତାମତ ପ୍ରଦାନ କରିଥିଲେ। କିନ୍ତୁ ତାଙ୍କ ସୁପାରିଶ ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ସମୟକ୍ରମେ ମୋ ଜଙ୍ଗଲ ଜମି ଯୋଜନା ଲାଗୁ ହେବା ପରେ ତେନ୍ତୁଳିପଦର ଗ୍ରାମର ଅଧିବାସୀଙ୍କୁ ୧୩ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଶିରୋନାମା ଗତ ୨୧ ଫେବୃଆରୀ ୨୦୨୫ରେ ପ୍ରଦାନ କରାଯାଇଛି ଓ ଗୋଷ୍ଠୀ ଜଙ୍ଗଲ ଅଧିକାର ସମ୍ବନ୍ଧରେ ତାଲିମ ଦିଆଯାଇଛି କିନ୍ତୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। କାର୍ଲାପାଟ ପଞ୍ଚାୟତ ଅଧିନସ୍ଥ ସେମେଲପଦର ଏକ ପ୍ରମୁଖ ଅଣସର୍ଭେ ଗ୍ରାମ। ଏଠାକାର ଗ୍ରାମବାସୀ ୨୦୦୮ ମସିହା ଠାରୁ ବାରମ୍ବାର ନିଜର ଦାବିସମୂହ ଉପସ୍ଥାପନ କରିଥିଲେ ସୁଦ୍ଧା ସେମାନଙ୍କର ଦାବିଗୁଡିକ ପଡ଼ିରହିଥିଲା।ଏପରିକି ଜିଲ୍ଲାପାଳଙ୍କ ୧୪ ନଭେମ୍ବର ୨୦୧୮ର ନିର୍ଦ୍ଦେଶ ପରେ ହୋଇଥିବା ସର୍ଭେର କାଗଜପତ୍ର ସରକାରୀ ଫାଇଲ ଭିତରେ ପଡ଼ିରହିଲା। ଶେଷରେ ୨୦୨୩ ମସିହାରେ ମୋ ଜଙ୍ଗଲଜମି ଯୋଜନା କାର୍ଯ୍ୟକାରୀ ହେବାପରେ ଏଦିଗରେ କିଛି ଅଗ୍ରଗତି ହେଲା ଓ ୨୦୨୪ ନଭେମ୍ବର ୨୦ ତାରିଖରେ ସରପଞ୍ଚ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଏବଂ ଜଙ୍ଗଲ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଚୂଡାନ୍ତ ଗ୍ରାମସଭା ବସି ୬୩ଟି ବ୍ୟକ୍ତିଗତ ଦାବି ସହିତ ଗୋଷ୍ଠୀ ଜଙ୍ଗଲ ଏବଂ ଗୋଷ୍ଠୀ ଜଙ୍ଗଲ ସମ୍ପଦ ଦାବି ଅନୁମୋଦନ ଲାଭକରି ଉପଖଣ୍ଡ ସ୍ତରୀୟ କମିଟି ଜରିଆରେ ଜିଲ୍ଲା କମିଟିକୁ ଗଲା। କିନ୍ତୁ ପରିତାପର ବିଷୟ ଯେ, ଏକବର୍ଷ ବିତିଯାଇଥିଲେ ବି ଆଜି ପର୍ଯ୍ୟନ୍ତ ସେସବୁ ଦାବି ଗୁଡିକର ଶିରୋନାମା ପ୍ରଦାନ କରାଯାଇନାହିଁ। ରାଜସ୍ୱ ଗ୍ରାମ ମାନ୍ୟତା ପ୍ରସଙ୍ଗ ଏବେବି ଶୀତଳଭଣ୍ଡାର ଭିତରେ ପଡ଼ିରହିଛି। ଜିଲ୍ଲାର ଅନ୍ୟ ବ୍ଲକ ଗୁଡିକର ଜଙ୍ଗଲ ଗ୍ରାମ କଥା ବିଚାରକୁ ନେଲେ ସମାନ କଥା ଦେଖିବାକୁ ମିଳେ।୨୦୨୩ ମସିହାରୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଜୁଗସଇପାଟଣା ପଞ୍ଚାୟତର ଗୁରୁପାଙ୍ଗ, ରୁକୁଣୀବଣ୍ଡେଲ, ହେର୍ଲାଗୁଡା ଓ ରୂପାଙ୍ଗପଦର, ମଦନପୁର ରାମପୁର ବ୍ଲକର ବିମଳାପଦର ଓ ଜୁରାଖମନ ଏବଂ ଗୋଲାମୁଣ୍ଡା ବ୍ଲକର କଙ୍କରାଖୋଲା ଓ ଡକାଡଙ୍ଗରି ସମେତ ୮ ଖଣ୍ଡ ଜଙ୍ଗଲଗ୍ରାମର ପ୍ରସ୍ତାବ ଗୁଡିକ ମଧ୍ୟ ସମ୍ପୃକ୍ତ ତହସିଲଦାରମାନଙ୍କ ଉଦାସୀନତା ଯୋଗୁଁ ତହସିଲ କାର୍ଯ୍ୟାଳୟ ଗୁଡିକରେ ଧୂଳି ଜମା ହେବାରେ ଲାଗିଛି। ଏହିସବୁ ଗ୍ରାମ ଗୁଡିକର ପ୍ରସ୍ତାବ ସମୂହ ୨୦୨୩ ମସିହାରେ ପର୍ଯ୍ୟାୟକ୍ରମେ ରାଜସ୍ୱ ପରିଷଦକୁ ପଠା ଯାଇଥିଲେ ବି ଆବଶ୍ୟକ ନଥିପତ୍ର ଅଭାବରୁ ଫେରସ୍ତ ଆସିଥିଲା ଏବଂ ସେଗୁଡିକୁ ସମ୍ପୃକ୍ତ ତହସିଲଦାରମାନଙ୍କୁ ପ୍ରେରଣ କରାଯାଇଥିଲା।୨୬ ଡିସେମ୍ବର ୨୦୨୪ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ତାଗିଦ କରାଯାଇଥିଲେ ବି ସମ୍ପୃକ୍ତ ତହସୀଲଦାରମାନେ ଆଜି ପର୍ଯ୍ୟନ୍ତ ସଂଶୋଧିତ କାଗଜାତ ଦାଖଲ କରିନଥିବା ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି।


OFFICE OF THE TAHASILDAR, TH. RAMPUR
Letter No 3141 / Date 27/11/2023
To
The Collector,
Kalahandi.
Sub: - Conversion of Forest Village Tentulipadar to Revenue Village: Reg.
Madam,
In inviting a reference to the subject cited above, I am to bring to your kind notice that the villagers of TENTULIPADAR under Karlapat GP has been demanding for conversion of forest village Tentulipadar to revenue village.
As per joint report submitted by RI, Gunpur and Revenue Supervisor, it revealed that the forest village Tentulipadar, which is situated under Karlapat reserved forest has total 12 no. of house hold with approximately 60 nos of population. This forest village Tentulipadar is eligible to convert into revenue village.
This is for favour of kind information and necessary action.
Yours faithfully,
Tahasildar, Th.Rampur
Memo No 3142 / Date 27/11/2023
Copy Submitted to the ADM (Revenue) Kalahandi, Bhawanipatna/ Sub - Collector, Bhawanipatna for favour of kind information and necessary action.
Tahasildar, Th.Rampur
Memo No 3143 / Date 27/11/2023
Copy submitted to the DWO Kalahandi, Bhawanipatna for favour of kind information and necessary action.
Tahasildar, Th.Rampur

### ମିଟର ଟ୍ୟାମ୍ପରିଂ ଅଭିଯୋଗ

## ଡେଲି ମାର୍କେଟର ବିଦ୍ୟୁତ୍ କାଟିଦେଲା ବିଭାଗ



**କେସିଙ୍ଗା, ୨୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଦୀର୍ଘ ବର୍ଷରୁ ସରକାରୀ ମେଡିକାଲ ପାର୍ଶ୍ୱରେ ଡେଲି ମାର୍କେଟ ରହି ଆସିଛି। କେସିଙ୍ଗା ଏନ୍ଏସି ପକ୍ଷରୁ ସ୍ଥାପିତ ଉକ୍ତ ଡେଲି ମାର୍କେଟକୁ ଏନ୍ଏସି ସମୟ ସମୟରେ ମରାମତି କରି ପନିପରିବା ବିକାଳିଙ୍କୁ ବିଜୁଳି, ପିଇବା ପାଣି, ୟୁରୀନାଲ, ଲାଟରିନ ଭଳି ଆନୁସାଙ୍ଗିକ ବ୍ୟବସ୍ଥା ମଧ୍ୟ କରିଛି। କିଛି ବେପାରୀ ଭିତରେ ବସୁଛନ୍ତି କିଛି ବେପାରୀ ବାହାରେ ବସି ନିଜ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି।ହେଲେ ବିଗତ ତିନି ଚାରି ଦିନ ହେଲାଣି କେସିଙ୍ଗା ବିଦ୍ୟୁତ୍ ବିଭାଗ ଡେଲି ମାର୍କେଟର ବିଦ୍ୟୁତ୍ ବିଚ୍ଛିନ୍ନ କରି ଦେଇଛି। ଲାଇନ କାହିଁକି ବିଦ୍ୟୁତ୍ ବିଭାଗ ବିଚ୍ଛିନ୍ନ କଲା କୌଣସି ବେପାରୀ ଜାଣି ନାହାନ୍ତି।କିଛି ବେପାରୀ କହୁଛନ୍ତି କେସିଙ୍ଗା ଏନ୍ଏସି କୁଆଡେ ବିଦ୍ୟୁତ୍ ବିଲ ଦେଇ ନାହିଁ ବୋଲି ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ବିଚ୍ଛିନ୍ନ କଲା। ଆମେ ଏହାର ସତ୍ୟା ସତ୍ୟ ଜାଣିବା ପାଇଁ ଏନ୍ଏସିରେ ବିଦ୍ୟୁତ୍ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଡେଲି ମାର୍କେଟ ଭିତରେ ବସିଥିବା କିଛି ବେପାରୀ ମିଟରରୁ ଟ୍ୟାମ୍ପରିଂ କରି ଲାଇଟ୍ ଜଳାଉଥିବା ବିଦ୍ୟୁତ୍ ବିଭାଗ ଦେଖିବାକୁ ପାଇଲେ। ପରେ ବିଦ୍ୟୁତ୍ ବିଭାଗର ଅଧିକାରୀ ଏନ୍ଏସିକୁ ଫୋନ୍ କରି ଲାଇନ ଟ୍ୟାମ୍ପରିଂ ବିଷୟରେ ଜଣାଇ ଏଥିପାଇଁ ଏନ୍ଏସିକୁ ଫାଇନ ଦେବାକୁ ପଡ଼ିବ ବୋଲି କହିଥିଲେ। ସବୁ କଥା ଶୁଣିବା ପରେ ଏନ୍ଏସି ପକ୍ଷରୁ ଯିଏ ଲାଇନ ଟ୍ୟାମ୍ପରିଂ କରିଛି ତା ନାମରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଜବାବ ଦେଇଥିଲେ। ହେଲେ ବିଦ୍ୟୁତ୍ ବିଭାଗ କିଏ ଟ୍ୟାମ୍ପରିଂ କଲା ବା କରିଛି ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚାରି ଦିନ ହେଲା ଡେଲି ମାର୍କେଟର ପୁରା ଲାଇନ କାଟି ଦେଇଥିବା ଏନ୍ଏସିର କାର୍ଯ୍ୟରତ ଅଧିକାରୀ ପ୍ରକାଶ କରିଛନ୍ତି। ଲାଇନ କାଟି ଚାରି ଦିନ ହେଲାଣି ଏନ୍ଏସିପକ୍ଷରୁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରାଗଲାଣି ଦିନେ ଦୁଇ ଦିନ ଭିତରେ ଲାଇନ ଲାଗିଯିବ ବୋଲି ପ୍ରକାଶ କରିଥିଲେ। ଉକ୍ତ ବିଷୟ ଉପରେ ବିଦ୍ୟୁତ୍ ବିଭାଗର ଏସଡିଓଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କୁ ଫୋନ୍ କରିଥିଲୁ ହେଲେ ସେ ଫୋନ୍ ଉଠାଇ ନ ଥିଲେ।

## ଶିରୋଲ ନାଏବ ସରପଞ୍ଚଙ୍କ ପରଲୋକ

**କେସିଙ୍ଗା, ୨୨।୧୧(ସମିସ):** କେସିଙ୍ଗା ବ୍ଲକ ଶିରୋଲ ପଞ୍ଚାତର ନାଏବ ସରପଞ୍ଚ ପଙ୍କଜ ମାଝୀ(୫୫)ଙ୍କ ଶନିବାର ପରଲୋକ ହୋଇଯାଇଛି। କିଛି ଦିନ ଧରି ଜ୍ୱରରେ ପଡ଼ିଥିଲେ। ଶନିବାର ସକାଳେ ବହୁତ ଜ୍ୱର ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ କେସିଙ୍ଗା ମେଡିକାଲକୁ ନିଆ ଯାଇଥିଲା।ସେଠାରେ ପୁଣି ଗୁରୁତର ହେବାରୁ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତରିତ କରା ଯାଇଥିଲା। କିନ୍ତୁ ଶ୍ରୀ ମାଝି ଜିଲ୍ଲା ମେଡିକାଲ ପହଞ୍ଚାଇବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ପରେ ମୃତଦେହକୁ ହସ୍ପିଟାଲରୁ ଶନିବାର ନିଜ ଗ୍ରାମ ପୋଢ଼ଖମ୍ବ କୁ ଆଣି ସତ୍କାର କରା ଯାଇଥିଲା। ପଙ୍କଜ ମାଝୀଙ୍କ କାର୍ଯ୍ୟକାଳ ଭିତରେ ପଞ୍ଚାୟତ ଅନେକ ଉନ୍ନୟନ କାମ ହୋଇଛି। ତାଙ୍କ ବିୟୋଗରେ ଶିରୋଲ ପଞ୍ଚାୟତ ସରପଞ୍ଚ ଝରଣା ବାଗ, ପିଇଓ ଝସକେତନ ସାହୁଙ୍କ ସମସ୍ତ ୱାର୍ଡ ସଭ୍ୟ ସଭ୍ୟାଙ୍କ ବହୁ ବ୍ୟକ୍ତି ବିଶେଷ ଶୋକ ବ୍ୟକ୍ତ କରିଛନ୍ତି।



### ଖରିଫ ଧାନ ସଂଗ୍ରହ ପାଇଁ ଚିନ୍ତା କରୁନି ପ୍ରଶାସନ

## ଶୀଘ୍ର ଧାନ କିଣା ପ୍ରକ୍ରିୟା ଆରମ୍ଭ ଦାବି

**ନୂଆପଡ଼ା, ୨୨।୧୧(ସମିସ):** ସରକାର ଧାନ ଦର ବୃଦ୍ଧି, ବୋନସ ପ୍ରଦାନ ସହ ଚାଷୀଙ୍କୁ ସବୁ ପ୍ରକାର ସୁବିଧା ସଅଳ ଦେବାକୁ ଘୋଷଣା କରୁଛନ୍ତି। ହେଲେ ଯୋଜନାକୁ ଠିକ ସମୟରେ ସଠିକ ଜାଗାରେ କାର୍ଯ୍ୟାନ୍ୱୟନ ନକଲେ ଯୋଜନାରୁ ସୁଫଳ ମିଳିନଥାଏ। ନୂଆପଡ଼ା ଜିଲ୍ଲାରେ ଯୁଦ୍ଧକାଳୀନ ଭିତିରେ ଚାଷୀ ଧାନ ଅମଳ କରିବାରେ ଲାଗିଛି। କିଛି ଚାଷୀ ଅଭାବ ଅସୁବିଧାରୁ ତ୍ରାହି ପାଇବାକୁ ଧାନକୁ କମ ଦରରେ ଟେକି ଦେଉଥିବା ଦେଖାଯାଉଛି।ବେଳ ହୁଁ ପ୍ରଶାସନ ଧାନ କିଣା ଆରମ୍ଭ ନକଲେ ଅଭାବୀ ବିକ୍ରୀକୁ ଉତ୍ସାହିତ କରିବ ନିଶ୍ଚୟ। ଧାନ ନୂଆପଡ଼ା ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି।ସୂଚନା ଯୋଗ୍ୟ ଯେ ବିଭିନ୍ନ ବାଧା ବିଘ୍ନ ସତ୍ତ୍ୱେ ଜିଲ୍ଲାରେ ଖରିଫ ଧାନ ଚାଷ ସରିଯାଇଥିବା ବେଳେ ବର୍ତ୍ତମାନ ଚାଷୀ ଅମଳ କରିବାକୁ ବସିଛି। ନଭେମ୍ବର ପହିଲାରୁ ଚାଷୀ ଛୋଟ, ମଧ୍ୟମ ଏବଂ ବଡ଼ କିସମର ଧାନ ଅମଳ ପ୍ରାୟତଃ ଅଧାରୁ ଅଧିକ ଶେଷ ହେଲାଣି। ଚଳିତ ଖରିଫ ଋତୁ ପାଇଁ ଜିଲ୍ଲାର ୫୧ହଜାରରୁ ଊର୍ଦ୍ଧ୍ୱ ଚାଷୀ ଖରିଫ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି। ପ୍ରତି ବର୍ଷ ନଭେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ତେବେ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ଧାନ ସଂଗ୍ରହ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ହୋଇଥାଏ। ହେଲେ ଏଥର ଜିଲ୍ଲା ପ୍ରଶାସନ ଉପନିର୍ବାଚନ ପରିଚାଳନାରେ ନିୟୋଜିତ ରହିଥିବାବେଳେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିଲା। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ଚାଷୀଙ୍କ ଠାରୁ କମ ଦରରେ ଧାନ କିଣି ନେଇଥିବା ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନ ତରଫରୁ ତୁରନ୍ତ ଧାନ କିଣା ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।



## କୁଷ୍ଠ ରୋଗୀ ଚିହ୍ନଟ ଅଭିଯାନ



**ଗୋଲାମୁଣ୍ଡା, ୨୨।୧୧(ସମିସ):** ସାରା ଓଡ଼ିଶାରେ କୁଷ୍ଠ ରୋଗ ନିରାକରଣ ପାଇଁ ରୋଗୀ ଚିହ୍ନଟ ସର୍ଭେ ଅଭିଯାନ ଚାଲିଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧିନ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମଧ୍ୟ ସର୍ଭେ ଅଭିଯାନ ଆରମ୍ଭ ହୋଇଛି। ନଭେମ୍ବର ୧୬ ତାରିଖରେ ଗୋଲାମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ କୁଷ୍ଠ ରୋଗୀ କେମିତି ଚିହ୍ନଟ କରିବେ ସେନେଇ ଆଶା ଦିଦିମାନଙ୍କୁ ବିଶେଷ ଭାବରେ ତାଲିମ ପ୍ରଦାନ କରାଯାଇଛି। ଗ୍ରାମରେ ପ୍ରତ୍ୟେକ ଘର ଘର ବୁଲି ରୋଗୀ ଚିହ୍ନଟ କରିବ ଯେମିତି କି କୌଣସି ଘର ବାଦ ନ ପଡ଼ିବ ସେଥି ପ୍ରତି ଯତ୍ନଶୀଳ ହେବାକୁ ନିର୍ଦ୍ଦେଶ ରହିଛି। ସର୍ଭେ ଅଭିଯାନ ନଭେମ୍ବର ୧୭ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୩୦ ତାରିଖ ରେ ଶେଷ ହେବାକୁ ଥିବା ବେଳେ ସେନେଇ ଆଶା ଦିଦିମାନେ ଘର ଘର ବୁଲି ପ୍ରତ୍ୟେକ ଲୋକଙ୍କୁ ପଚାରି ରୋଗୀ ଚିହ୍ନଟ କରୁଥିବା ଦେଖିବାକୁ ମିଳିଛି। ତମାଲିଆ ବଧିରା ଛଉ ଥିଲେ ରୋଗର ଲକ୍ଷଣ ବୋଲି ଆଶା ଦିଦି ବିଦୁଲତା ମାଝି ଅବଗତ କରିଥିଲେ। ଯଦି ରୋଗୀ ଚିହ୍ନଟ ହୁଏ ତାହା ହେଲେ ମାଗଣାରେ ଔଷଧ ଦିଆଯିବାର ବ୍ୟବସ୍ଥା ରହିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଶିକ୍ଷକଙ୍କ ପରଲୋକ

**ଭବାନୀପାଟଣା, ୨୨।୧୧ (ସମିସ):** ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ କର୍ଲାସୁଡ଼ା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ କୁଞ୍ଜ ବିହାରି ମିଶ୍ର(୫୦)ଙ୍କ ପରଲୋକ ହୋଇଯାଇଛି। ଶୁକ୍ରବାର ଅପରାହ୍ନ ୪.୩୦ ସମୟରେ କର୍ଲାପଡ଼ା ନିକଟସ୍ଥ ହଳଦି ଛକରେ ଦୁଇ ବାଇକ୍ ମୁହାଁମୁହିଁ ହୋଇ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଭବାନୀପାଟଣା ମୁଖ୍ୟଚିକିତ୍ସାଳୟକୁ ଚିକିତ୍ସା ସକାଶେ ଅଣାଯାଇଥିଲା। ଶ୍ରୀ ମିଶ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ରାୟପୁର ମେଡିକାଲକୁ ଆମ୍ବୁଲାନ୍ସରେ ସ୍ଥାନାନ୍ତର କଲାବେଳେ ନୂଆପଡ଼ା ନିକଟରେ ରାତ୍ରି ୯.୪୦ ସମୟରେ ଦେହାନ୍ତ ହୋଇଯାଇଛି। ସେ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଏୟୁପିଟିଏଫର କୋଷାଧ୍ୟକ୍ଷ ଥିଲେ। ତାଙ୍କ ଅନ୍ତିମ ସଂସ୍କାର ବୋରଭଟା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ସଂସ୍କାର ସମୟରେ ପରିବାରବର୍ଗ, ଗ୍ରାମବାସୀ ସହ ଶିକ୍ଷକ ସଂଘର ରାଜ୍ୟ ସଭାପତି, ଜିଲ୍ଲା କର୍ମକର୍ତ୍ତା, ସଦର ବ୍ଲକର ସଭାପତି ସମ୍ପାଦକଙ୍କ ଶହ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## କ୍ଲଷ୍ଟରସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**କେସିଙ୍ଗା, ୨୨।୧୧(ସମିସ):** ଚାଞ୍ଚେର ସରକାରୀ ଉଚ୍ଚ ବିଦ୍ୟାଳୟରେ ଉତ୍କେଲା କ୍ଲଷ୍ଟରସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ୍ ପଧାନ ସଭାପତିତ୍ୱ କରିଥିବା ବେଳେ ଉତକେଲା କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ଭିଷ୍ମରଥି ସାହୁ ଆବାହକ ଭାବରେ କାର୍ଯ୍ୟ ତୁଲାଇ ଥିଲେ। ମୁଖ୍ୟ ଅତିଥି ତଥା ବିଚାରକ ଭାବେ ଲଇତରା କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତପନ କୁମାର ଦାଶ ଓ ଜୁଜୁରାଙ୍ଗ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ପ୍ରମୋଦ ମେହେର ଯୋଗ ଦେଇଥିଲେ। କନିଷ୍ଠ ବିଭାଗରୁ ୧୧, ବରିଷ୍ଠ ବିଭାଗରୁ ୬ ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା। ବିଚାରକମାନେ ସମସ୍ତଙ୍କ ପ୍ରକଳ୍ପ କୁ ବିଚାର କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ସମସ୍ତ ଅତିଥି ନିଜ ନିଜ ଅଭିମତ ପ୍ରକାଶ କରି କିପରି ଆଗକୁ ବିଜ୍ଞାନକୁ ଭଲ କାମରେ ବ୍ୟବହାର କରି ଏହାର ପ୍ରଚାର ପ୍ରସାର କରିହେବ ତାହା ଉପଦେଶ ଦେଇଥିଲେ। ସମ୍ପୂର୍ଣ କାର୍ଯ୍ୟକ୍ରମକୁ ସହ ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଉତ୍କେଲା କ୍ଲଷ୍ଟରର ପ୍ରାୟ ୨୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଉତ୍କେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ସାହୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।



### ବଡକୁଟ୍ଟ-ପାତ୍ରବସା ରାସ୍ତା ଶୋଚନୀୟ

# ଚେତାବନୀ ସତ୍ତ୍ୱେ ସୁଧୁରୁନି ଅବସ୍ଥା

**କଳମପୁର, ୨୨।୧୧(ସମିସ)**

ରାଜନେତାଙ୍କ ଭଳି ସରକାରୀ କର୍ମଚାରୀ ମଧ୍ୟ ମିଛ ପ୍ରତିଶ୍ରୁତି ଦେବାରେ ହେଳା କରୁ ନାହାନ୍ତି। କଳମପୁର +୨ ଓ +୩ କଲେଜ ଛାତ୍ରଛାତ୍ରୀ ରାସ୍ତାକୁ ନେଇ ବିଡ଼ିଓଙ୍କ ଅଫିସ ଘେରିଥିଲେ। ସେମାନଙ୍କ ଦାବି ଥିଲା ଯେ ସଂକିର୍ଣ୍ଣ ରାସ୍ତା ଯୋଗୁଁ ଯିବା ଆସିବା କରିବାରେ ବହୁତ ଅସୁବିଧା ହେଉଛି। ସଂକିର୍ଣ୍ଣ ରାସ୍ତା ସହିତ ରାସ୍ତା ପାର୍ଶ୍ୱରେ ଅନାବନା ଗଛ ସହ ରାସ୍ତା ପାର୍ଶ୍ୱ ମୁକ୍ତ ଶୌଚାଳୟ ପାଲଟିଛି। ଦୁର୍ଗନ୍ଧ ସହିତ ମଳମୂତ୍ର ଉପରେ ବାଧ ହୋଇ ଚାଲିବାକୁ ପଡୁଛି, ତୁରନ୍ତ ରାସ୍ତା ସଫା ଓ ପ୍ରଶସ୍ତିକରଣ କରିବାକୁ ସେମାନେ ଦାବି କରିଥିଲେ।କଳମପୁର ବିଡିଓ ବିଜୟ ମାଣ୍ଡାଙ୍ଗି ହସ୍ତକ୍ଷେପ କରି ତୁରନ୍ତ ବିଭାଗକୁ ସୂଚନା ଦେଲେ। ବିଭାଗୀୟ ଯନ୍ତ୍ରୀ କେଦାରନାଥ ଦାସ ରାତି ସୁଦ୍ଧା ଅନାବନା ଗଛ ସଫା କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତିକୁ ୧୫ ଦିନ ବିତିଲାଣି, ହେଲା ଅନାବନା ଘାସ ସଫା ହୋଇ ପାରିଲା ନାହିଁ। ସେହିଭଳି କଳମପୁର ଠାରୁ ଥୁଆମୂଳ ରାମପୁରକୁ ସଂଯୋଗ କରୁଥିବା ଏକମାତ୍ର ନିର୍ଭରଯୋଗ୍ୟ ସିଂଘାରି ଘାଟି ରାସ୍ତା ମଧ୍ୟ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତା ମରାମତି ଲାଗି ଜନସାଧାରଣ ଦୀର୍ଘ ଦିନ ହେଲା ଦାବି କରି ଆସୁଛନ୍ତି। ଏଥିପାଇଁ ଟେଣ୍ଡର ମଧ୍ୟ ହୋଇଥିଲା, ଠିକାଦାର କାମ ବିଳମ୍ବ କରିବାରୁ ଟେଣ୍ଡର ବାତିଲ କରି କିଛି ୫/୬ ଜଣ ବ୍ୟକ୍ତି ବିଶେଷଙ୍କୁ କାମ ଦିଆଯାଇ ଥିବା ବିଭାଗରୁ ଜଣାପଡ଼ିଛି। ସେହି କାମ ମଧ୍ୟ ଆଗେଇ ପାରୁନାହିଁ, ଫଳରେ ବିଭାଗୀୟ ଯନ୍ତ୍ରୀଙ୍କୁ ଲୋକେ ବାରମ୍ବାର ଜଣାଇଲେ। ଯନ୍ତ୍ରୀ ଦୁଇ ଦିନ ଦିନ ଭିତରେ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଲେ, ତାହା ମଧ୍ୟ ମାସେ ହେବାକୁ ବସିଲାଣି କାମ ଆଗେଇ ପାରୁନାହିଁ। ବଡକୁଟ୍ଟ ଠାରୁ ପାତ୍ରବସା ନବ ନିର୍ମିତ ରାସ୍ତା ମଧ୍ୟ ଶୋଚନୀୟ ହୋଇ ପଡ଼ିଛି। ବିଭିନ୍ନ ସ୍ଥାନରେ ଖାଲ ଖମା ହେବା ସହିତ ରାସ୍ତା ଭାଙ୍ଗି ଦୁର୍ଘଟଣାକୁ ଆମନ୍ତ୍ରଣ କରିଛି। ଏହି ନୂତନ ଭାବେ ତିଆରି ହୋଇଥିବା ମରାମତି ଅର୍ଥରାଶି ମହଜୁଦ ଥିବା ବିଭାଗରୁ ଜଣାପଡ଼ିଛି। ତେବେବି ବିଭାଗ ମରାମତି କାମ ନ କରି ଦୁର୍ଘଟଣାକୁ ଅପେକ୍ଷା କରିଛି। ଏଥିପାଇଁ ମଧ୍ୟ ଜନସାଧାରଣ ଅନେକ ଥର ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି, ଏଥିପାଇଁ ମଧ୍ୟ ମିଛ ପ୍ରତିଶ୍ରୁତି ମିଳିଛି, ବିଭାଗୀୟ ଯନ୍ତ୍ରୀ ତରୁଣ ନାଏକ ଆମ କଥା ଠିକାଦାର ଶୁଣୁନଥିବା କହି କିଛି ସମୟ ଟାଳି ଦେଲେ, ପରେ କହିଲେ ଦୁଇଦିନ ଭିତରେ ରାସ୍ତା ସମତୁଲ କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲେ। କିନ୍ତୁ ମାସେ ହେବାକୁ ବସିଲାଣି ସେହି କାମ ଆଗେଇ ପାରୁନାହିଁ। ଏହି ତିନୋଟି ଘଟଣା ବିଭାଗର ପାରଦର୍ଶିତାକୁ ଦର୍ଶାଉଥିବା ବେଳେ ନିର୍ବାଚିତ ଜନ ପ୍ରତିନିଧି ନା ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଅଭିଯୋଗ ଠାରୁ ନିଜକୁ ଦୁରେଇ ରଖିବା ପରିତାପର ବିଷୟ ପାଲଟିଛି। ରାଜକୋଷରୁ ବିପୁଳ ଅର୍ଥରାଶି ଖର୍ଚ୍ଚ ହେଉଛି, କିନ୍ତୁ ସ୍ଥାୟୀତ୍ୱ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏଥିପ୍ରତି କାହାରି ନିଘା ନାହିଁ, ଫଳରେ ଏଭଳି ଅଭିଯୋଗ ଦୃଷ୍ଟି ଗୋଚର ହେଉଛି।



### ପ୍ରଶାସନର ମିଛ ପ୍ରତିଶ୍ରୁତି ପାଇଁ ଲୋକ ହନ୍ତସନ୍ତ

## ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି




**ଭବାନୀପାଟଣା, ୨୨।୧୧(ସମିସ):** ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିବେକ ସେନା ତରଫରୁ ସ୍ଥାନୀୟ କେନ୍ଦୁଗୁଡା ଗ୍ରାମରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜଣେ ଓଡ଼ିଆ କଥାଚିତ୍ର ପ୍ରଚ୍ଛଦପଟ୍ଟ ଗାୟକ ଥିଲେ ହ୍ୟୁମାନ ସାଗର। ସଂଗୀତ ପ୍ରତି ତାଙ୍କର ଅହେତୁକ ଭଲ ପାଇବା ଯୋଗୁଁ ସେ ଡାକ୍ତରୀ ପାଠ ପଢ଼ା ଅଧାରୁ ଛାଡି ସଙ୍ଗୀତ ଦୁନିଆରେ ପାଦ ଥାପି ଥିଲେ। ବହୁ ଓଡ଼ିଆ ଚଳଚ୍ଚିତ୍ରରେ ଚମତ୍କାର କଣ୍ଠ ଯୋଗୁଁ କମ ଦିନରେ ସେ ଲୋକପ୍ରିୟତା ହାସଲ କରିଥିଲେ। ମାତ୍ର ୩୫ ବର୍ଷ ବୟସ ରେ ତାଙ୍କ ଦେହାନ୍ତ ଯୋଗୁଁ ସମଗ୍ର ଓଡ଼ିଆ ସିନେମା ତଥା ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି ହେଲା ବୋଲି ବିବେକ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶିବରାମ ନାୟକ ନିଜ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ଦେଇଥିଲେ। ଶତାଧିକ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ଥିବା ବେଳେ ପୂର୍ବତନ ସରପଞ୍ଚ ରାଜୁ କରୁଆ, ସୁଶାନ୍ତ ଗୌଡ଼, ପ୍ରକାଶ ମାଝୀ, ପୋକ ମାଝୀ, ସୋମନାଥ ଗୌଡ଼, ସମ୍ବର ମାଝୀ, ସମୀର ମାଝୀ, ପ୍ରଶାନ୍ତ ମାଝୀ, ଚିରବ ମାଝୀ ଓ ବଳରାମ ନାଏକ ସମେତ ବହୁ ବରିଷ୍ଠ ବିବେକ ସେନାର ସଦସ୍ୟ ଉପସ୍ଥିତ ଥିଲେ।

# ଯୁବୋଦୟ ବ୍ଲାଷ୍ଟ -୨୦୨୫



ବଲାଙ୍ଗିର,୨୨ ।୧୧(ସମିସ): ଓଡିଶାର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଯୁବୋଦୟର ସକମା କ୍ୟାମ୍ପସଠାରେ ସବୁବର୍ଷପରି ଏବର୍ଷ ମଧ୍ୟ ବାର୍ଷିକ ମ୍ୟୁଜିକାଲ ନାଇଟ୍ ଯୁବୋଦୟ ବ୍ଲାଷ୍ଟ -୨୦୨୫ ମହାସମାରୋହରେ ଆୟୋଜିତ ହୋଇଯାଇଛି । ଛାତ୍ରଛାତ୍ରୀ ନିଜର ବର୍ତ୍ତମାନ ସମୟର ସଦୁପଯୋଗ କରିବା, ନିଜକୁ ଆଗାମୀ ଚାଲେଞ୍ଜର ସାମ୍ନା କରିବାକୁ ପ୍ରସ୍ତୁତ କରିବାକୁ କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା । ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ସୂଚନା ଦିଆଯାଇଥିଲା । ଏହାସହ ପରୀକ୍ଷା ଫଳ କିପରି ସମଗ୍ର ଓଡ଼ିଶାରେ ଶ୍ରେଷ୍ଠ ହେବ ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଯୁବୋଦୟର ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଅତିଥି ଭାବେ ଯୋଗ ଦେଇ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଆ ଅଧ୍ୟାପକ ସନ୍ଦୀପ କୁଅଁର ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ମା' ଇଷ୍ଟ ଦେବୀ ମେଲୋଡି ଦ୍ୱାରା ଉମାକାନ୍ତ ବାରିକ ଓ ତାଙ୍କ ସାଥୀ ସଂଗୀତ ପରିବେଷଣ କରିଥିଲେ । ଯୁବୋଦୟର ଏନସିସି କ୍ୟାଡେଟ ତଥା ଲୋଇସିଂହା ପୁଲିସ ଦ୍ୱାରା ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା । ପ୍ରଶାସନିକ ଅଧିକାରୀ ତ୍ରୟମ୍ବକ ମିଶ୍ର, ପାଠ୍ୟକ୍ରମ ସଂଯୋଜକ ଅସିତ ଦାଶ, ମାର୍କେଟିଂ ଏକଜିକ୍ୟୁଟିଭ ତାରିଣୀ ମିଶ୍ର, ଅଧ୍ୟାପକ ରଜତରାଜ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମାନସିକ ଚାପକୁ କମାଇବାରେ ସାହାଯ୍ୟ କରିଥାଏ । ସେମାନଙ୍କୁ ଏକ ନୂତନ ଶକ୍ତି ପ୍ରଦାନ କରିଥାଏ । ଏହାଦ୍ୱାରା ସେମାନେ ଆଗକୁ ଥିବା ପରୀକ୍ଷାରେ ନିଜର ଶତ ପ୍ରତିଶତ ଦେବାରେ ସକ୍ଷମ ହୋଇପାରବେ ବୋଲି ଏଥିରେ କୁହାଯାଇଛି ।

## ପ୍ରକଳ୍ପ ପାଇଁ ଲୋକେ ଭିଟାମାଟି ଛାଡ଼ିଲେ

# ବିସ୍ଥାପିତଙ୍କ ସମସ୍ୟା ଭୁଲିଗଲେ ସରକାର

ବଲାଙ୍ଗିର,୨୨ ।୧୧ (ସମିସ)



ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ କେବଳ ଏକ ପ୍ରକଳ୍ପ ନୁହଁ । ଏହା ଅନେକ ବିସ୍ଥାପିତଙ୍କ ତ୍ୟାଗର ପ୍ରକଳ୍ପ । ଜିଲ୍ଲାବାସୀଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ଲୋକେ ଦିନେ ଭିଟାମାଟି ଛାଡି ଅନ୍ୟତ୍ର ବସବାସ ଆରମ୍ଭ କରିଥିଲେ । ସରକାର ମଧ୍ୟ ତାଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ଆଜି ବି ସେହିସବୁ ପ୍ରତିଶ୍ରୁତି ପାଳନ କରିପାରିଲେନି ରାଜ୍ୟ ସରକାର । ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ସମ୍ପୃକ୍ତ ବିସ୍ଥାପିତମାନେ ଅଧିକ ଅବହେଳିତ ହୋଇଥିବା ଅଭିଯୋଗ କରିଛନ୍ତି । ପ୍ରଶାସନ ପକ୍ଷରୁ କରାଯାଇଥିବା ବିଭିନ୍ନ କଲୋନୀରେ ଆଜି ବି ଲୋକଙ୍କୁ ମୌଳିକ ସୁବିଧା ମିଳି ନ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ପ୍ରାୟତଃ ବିସ୍ଥାପିତ କଲୋନୀର ଲୋକେ ଆସି ଅଭିଯୋଗ କରୁଛନ୍ତି । ନିଜ କାମ ଧନ୍ଦା ଛାଡି ଲୋକେ ନିଜ ସମସ୍ୟା କଥା ଚିନ୍ତା କରୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ନୀରବ ଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଏହା ଯେ ଆଗକୁ ବଡ ଧରଣର ଆନ୍ଦୋଳନର ରୂପ ନ ନେବ ତାହା କିଏ କହିବ ।

ବଲାଙ୍ଗିର ଜିଲ୍ଲାବାସୀଙ୍କ ସ୍ୱପ୍ନର ପ୍ରକଳ୍ପ ଲୋୟର ସୁକତେଲ ପ୍ରକଳ୍ପ । ଏହି ପ୍ରକଳ୍ପ ୨୦୨୪ରେ ଉଦ୍‌ଘାଟନ ହୋଇଥିବା ବେଳେ ହି ପ୍ରକଳ୍ପରୁ ଜଳ ସେଚନ କରିବା ପାଇଁ ପାଇପ୍ କାମ ମଧ୍ୟ ପ୍ରାୟତଃ ସରିଲାଣି । ଚଳିତ ବର୍ଷ ପରୀକ୍ଷା ମୂଳକ ଭାବେ ଏହା ଆରମ୍ଭ ହୋଇଛି । ସତେ ଯେମିତି ଚାଷୀଙ୍କ ସ୍ୱପ୍ନ ପୂରଣ ହୋଇଛି; କିନ୍ତୁ ଏହି ପ୍ରକଳ୍ପ ପଛରେ ୨୯ ଖଣ୍ଡ ଗାଁର ତ୍ୟାଗ ଓ ବଳିଦାନ ରହିଛି । ତାହାକୁ ସମସ୍ତେ ଭୁଲି ଯାଇଥିବା ଅଭିଯୋଗ ହୋଇଛି । ବିସ୍ଥାପିତମାନେ କେଉଁଠି ଓ କେଉଁ ପରିସ୍ଥିତିରେ ରହିଛନ୍ତି ଏହାଫଳରେ ଦିନେ ପ୍ରକଳ୍ପକୁ ବିରୋଧ କରୁଥିବା ବିସ୍ଥାପିତମାନେ ନିଜ ଇଚ୍ଛାରେ ଭିଟାମାଟି ଛାଡିଥିଲେ । ଏହାର ଅଢେଇ ବର୍ଷ ବିତି ସାରିଛି; କିନ୍ତୁ ଏବେ ବି ରାଜ୍ୟ ସରକାର ସେହି ସବୁ ସମସ୍ୟା ସମାଧାନ କରିବା ଦିଗରେ ବିଫଳ ହୋଇଛନ୍ତି । କିଛି ମାସ ତଳେ ଖରା ସମୟରେ ସଦେଇପାଲି ବିସ୍ଥାପିତ କଲୋନୀ ବାସିନ୍ଦା ପାଣି ପାଇଁ ଆନ୍ଦୋଳନ କରିଥିଲେ । ତାଙ୍କ ବସ୍ତିକୁ ଠିକ୍ ଭାବେ ପାନୀୟ ଜଳ ଯୋଗାଣ କରା ନ ଯିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ପୂର୍ବରୁ ବର୍ଷା ସମୟରେ କୁଶମେଳ, ଉପରବାହାଲ ବିସ୍ଥାପିତ କଲୋନୀରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଦିନ ଦିନ ଧରି ପଣି ଘେରରେ ରହିଥିଲେ ମଧ୍ୟ ସେମାନଙ୍କୁ ପ୍ରଶାସନ ଆଡ ଆଖିରେ ବି ଦେଖି ନ ଥିଲା ।

- ଅଢ଼େଇ ବର୍ଷ ପରେ ବି ପିଛା ଛାଡ଼ିଲାନି ସମସ୍ୟା
- ଅନେକ ସମୟରେ ପ୍ରଶାସନ ପାଖକୁ ଦୌଡ଼ୁଛନ୍ତି ବିସ୍ଥାପିତ
- ସରକାର ବଦଳିବା ପରେ ଅବହେଳା ଅଭିଯୋଗ

ସେଥିପ୍ରତି ସରକାରୀ ବାବୁ, ରାଜନେତା ଏପରିକି ରାଜ୍ୟ ସରକାର ମଧ୍ୟ ଭୁଲି ଯାଇଛନ୍ତି । ପ୍ରକଳ୍ପ ବିସ୍ଥାପିତମାନଙ୍କ ପାଇଁ ତତ୍କାଳୀନ ରାଜ୍ୟ ସରକାର ଅନେକ ବ୍ୟବସ୍ଥା କରିଥିଲେ । ସଦେଇପାଲି, ଲାଲଟିକର, କୁଶମେଳ, ହର୍ଡାଟାଳ ଭଳି ଅନେକ ସ୍ଥାନରେ ବିସ୍ଥାପିତଙ୍କୁ ଥଇଥାନ କରିବା ସହ ସମସ୍ତ ସହାୟତା କରିଥିଲେ ।




ବର୍ତ୍ତମାନ ବନଛୋରପାଲି ଗାଁର ଲୋକଙ୍କ ପାଇଁ ବିସ୍ଥାପିତ କଲୋନୀରେ ମୌଳିକ ସୁବିଧା ଉପଲବ୍ଧ କରାଯାଇ ନ ଥିବା ଅଭିଯୋଗ ହୋଇଛି । କଲୋନୀରେ ପିଇବା ପାଣି ବ୍ୟବସ୍ଥା ହୋଇନାହିଁ । ଲୋକେ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି । ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ଗତ ଅଢ଼େଇ ବର୍ଷରୁ ଅଧିକ ହେବ ବିସ୍ଥାପିତ ଛାତ୍ରୀଛାତ୍ର ପାଠ ପଢୁ ନ ଥିବା ଅଭିଯୋଗ କରିଛନ୍ତି । ସ୍କୁଲ ପାଇଁ ବାରମ୍ବାର ଦାବି କଲେ ମଧ୍ୟ ସ୍କୁଲ ଖୋଲା ଯାଉନାହିଁ ।

ଏହାସହିତ ସମସ୍ତ ବିସ୍ଥାପିତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇବା, ପଟ୍ଟା ଦିଆଯାଉ ନ ଥିବାରୁ ସେମାନେ ବାସସ୍ଥାନ ପ୍ରମାଣପତ୍ର ପାଉ ନ ଥିବା, ଉତ୍ତର କଲୋନୀରୁ ଦକ୍ଷିଣ କଲୋନୀକୁ ରାସ୍ତା କରାଯିବା, ସମସ୍ତ ପରିବାରକୁ ରାଶନ କାର୍ଡ ପ୍ରଦାନ କରିବା ଓ କଲୋନୀ ଭିତରେ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା କରାଯିବାକୁ ଜିଲ୍ଲା ପ୍ରଶାସନ ଆଗରେ ଦାବି କରିଥିଲେ । ବିସ୍ଥାପିତଙ୍କ ପାଇଁ କୌଣସି ରୋଜଗାର ବ୍ୟବସ୍ଥା କରାଯାଇନାହିଁ । ଏହି ଗାଁର ଯୁବକ, ଯୁବତୀ ଏବଂ ଲୋକ ବେକାର ହୋଇ ବସିଛନ୍ତି । ସେହିପରି ପୁନର୍ବାସ କଲୋନୀରେ ପାର୍କ ଓ ଶ୍ମଶାନ ନିର୍ମାଣ କରିବା, ବିସ୍ଥାପିତଙ୍କୁ ପରିଚୟପତ୍ର ପ୍ରଦାନ କରିବା ଏବଂ ପୁନର୍ବାସ କଲୋନୀରେ ନିୟମିତ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି । ତେବେ ବିସ୍ଥାପିତ ବାରମ୍ବାର ଜିଲ୍ଲା ପ୍ରଶାସନ, ବିଭାଗୀୟ ଅଧିକାରୀଙ୍କ ପାଖରେ ଗୁହାରି କରି ନୟାନ୍ତ ହୋଇଥିବା ବେଳେ ଶୀଘ୍ର ସମାଧାନ କରିବା ପାଇଁ କଡା ଚେତାବନୀ ଦେବାକୁ ମଧ୍ୟ ପଛାଇନାହାନ୍ତି । ସେମାନଙ୍କ ଦାବି ପୂରଣ ଦିଗରେ ପ୍ରଶାସନ କିମ୍ବା ସରକାର ଆନ୍ତରିକତା ଦେଖାଉ ନ ଥିବାରୁ ବିସ୍ଥାପିତମାନେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା କହିଛନ୍ତି । ଦିନେ ଜିଲ୍ଲା ବିକାଶ ପାଇଁ ଭିଟାମାଟି ଛାଡିଥିଲେ । ବର୍ତ୍ତମାନ ନିଜ ପରିବାର ଭବିଷ୍ୟତ ହାସଲ କରିବାକୁ ରାଜରାସ୍ତାକୁ ଓହ୍ଲାଇବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।

# ବରିଷ୍ଠ ନାଗରିକଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବଲାଙ୍ଗିର,୨୨ ।୧୧(ସମିସ): କନ୍ଧପାଲିପଡା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ତରଫରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ବରପାଲିପଡ଼ା ଭଗବତ ମନ୍ଦିରଠାରେ ଏହି ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହେଇଥିଲା ।

ଏହି ସ୍ୱାସ୍ଥ୍ୟ ଶିବିରରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିଃଶୁଳ୍କ ଔଷଧ ଦିଆଯାଇଥିଲା । ଏହାସହ ଆବଶ୍ୟ ରକ୍ତ ପରୀକ୍ଷା ମଧ୍ୟ କରାଯାଇଥିଲା । ସ୍ଥାନୀୟ ଆଶାକର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ । ଡାକ୍ତର ନନ୍ଦକିଶୋର ପାଢ଼ୀ, ଭୀମଭୋଇ ମେଡିକାଲ କଲେଜର ଡାକ୍ତର ହେମାନନ୍ଦ ସାହୁ ଓ ଡାକ୍ତର ଦିନେଶ ମୀନା ରୋଗୀ ଚିକିତ୍ସା କରିଥିଲେ । ରାଜେନ୍ଦ୍ର ଯୁବକ ସଂଘର ପରିଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଓ ଅନୁଶ୍ରୀ ମୁଖାର୍ଜୀ ସହଯୋଗ କରିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏପିଏମ ରାମାନୁଜ ପଣ୍ଡା ଓ ୟୁଡିଏମ ଅନିଲ ମହାକୁର ତଦାରଖ କରିଥିଲେ । ୧୧୫ରୁ ଅଧିକ ବରିଷ୍ଠ ରୋଗୀ ନିଃଶୁଳ୍କ ସ୍ୱାସ୍ଥ ସେବା ଲାଭ କରିଥିଲେ ।

# ସିଲେଇ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ

**ଟିଟିଲାଗଡ଼,୨୨ ।୧୧(ସମିସ):** ଟିଟିଲାଗଡ଼ ବ୍ଲକ୍ ଖୋଲାଣ ଅଞ୍ଚଳର ମହିଳାଙ୍କ ପାଇଁ ବୃନ୍ଦାବନସ୍ଥିତ ଶ୍ରୀ ରାଧାମାଧବ ସେବାଶ୍ରମ ଚାରିଟେବଲ ଟ୍ରଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଟ୍ରଷ୍ଟର ପ୍ରତିଷ୍ଠାତା ତଥା ପ୍ରଖ୍ୟାତ ଆଧ୍ୟାତ୍ମିକ କଥାକାର ସଞ୍ଜୀବ କୃଷ୍ଣ ଠାକୁର ଟିଟିଲାଗଡ଼ ଗସ୍ତରେ ଆସିଥିବା ବେଳେ ଖୋଲାଣଠାରେ ଏକ ସିଲେଇ ଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଏହି କେନ୍ଦ୍ରରେ ୩ ମାସ ପର୍ଯ୍ୟନ୍ତ ନିଃଶୁଳ୍କ ସିଲେଇ ଶିକ୍ଷା ପ୍ରଦାନ କରାଯିବ । ପରେ ସମସ୍ତ ଶିକ୍ଷାର୍ଥୀଙ୍କୁ ଗୋଟିଏ ଲେଖାଏଁ ସିଲେଇ ମେସିନ ପ୍ରଦାନ କରାଯିବ । ଟ୍ରଷ୍ଟ ପକ୍ଷରୁ ମାନବ ସେବା ଉଦ୍ଦେଶ୍ୟରେ ତଥା ମହିଳା ସଶକ୍ତ ହେଲେ ଦେଶ ସଶକ୍ତ ହେବା ଏହି ଅଭିଯାନର ଲକ୍ଷ୍ୟ ବୋଲି ସ୍ୱାମୀଜୀ କହିଛନ୍ତି ।

ଆଦିବାସୀ ବହୁଳ ଅଞ୍ଚଳରେ ଆହୁରି ଅନେକ ଏଭଳି ସ୍ୱାବଲମ୍ବୀ କେନ୍ଦ୍ର ଖୋଲାଯିବ ବୋଲି ସ୍ୱାମୀଜୀ କହିଥିଲେ । ଏହି ଅବସରରେ ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲ, ଟ୍ରଷ୍ଟର ସଚିବ ରାଜୀବ ଶର୍ମା, ରିଙ୍କୁ ଅଗ୍ରୱାଲ, ଶମ୍ଭୁ ଅଗ୍ରୱାଲ, ପ୍ରଦୀପ ରେଖାନି ପ୍ରମୁଖ ଉପସ୍ଥିତ ଥିଲେ ।



# ସେଣ୍ଟ ଜାଭିୟର୍ସ ସ୍କୁଲରେ ବିଜ୍ଞାନ ମେଳା

**ଟିଟିଲାଗଡ଼,୨୨ ।୧୧ (ସମିସ):** ଟିଟିଲାଗଡ଼ ବ୍ଲକ୍‌ପଡ଼ାସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ସ୍କୁଲର ପ୍ରତିଷ୍ଠାତା ସତ୍ୟବ୍ରତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ମେଳାରେ ସ୍କୁଲର ପ୍ରଥମରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ୧୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସୂର୍ଯ୍ୟତାପରୁ ବିଜୁଳି ଉତ୍ପାଦନ, ବିଶୁଦ୍ଧ ପାନୀୟ ଜଳ ପ୍ରସ୍ତୁତି, ଆଗ୍ନେୟ ଉଦ୍‌ଗୀରଣ, ସୂର୍ଯ୍ୟପରାଗ, ଚନ୍ଦ୍ର ଗ୍ରହଣ, ଗ୍ରହ ମଣ୍ଡଳ, ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଆଦି ବିଷୟରେ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ବିମଳ ଦୀପଙ୍କ ସହ ବାସନ୍ତୀ ନାଗ, ନିରୁପମା ସେଠ, ଝୁନୁ ନାଗ, ସ୍ୱପ୍ନା ତାଣ୍ଡି, ସାହୀନ ବେଗମ, ସ୍ୱପ୍ନା ଲାକ୍ରା, ବିନ୍ଦୁ କଟା, ସ୍ମିତାମୟୀ ଛତ୍ରର, ମନୀଷା ଦାସ, ରାଜେଶ ବାଗ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ଏବଂ କର୍ମଚାରୀ ସରସ୍ୱତୀ ସାଗର, ଗୌରୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

# ଡାକ୍ତର ସତ୍ୟନାରାୟଣ ସାହୁଙ୍କ ପରଲୋକ

**ବଲାଙ୍ଗୀର,୨୨ ।୧୧(ସମିସ):** ବଲାଙ୍ଗୀର ତେଲିଗୋଟପଡ଼ା ନିବାସୀ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସତ୍ୟ ନାରାୟଣ ସାହୁ(୭୪)ଙ୍କ ପରଲୋକ ହୋଇଛି । ହୃଦ୍‌ଘାତ ଯୋଗୁ ତାଙ୍କୁ ସମ୍ବଲପୁର ବିକାଶ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା; କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଦେହାନ୍ତ ହୋଇଥିଲା । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ମେଳାପୀ ଡାକ୍ତର ଭାବେ ସେ ପରିଚିତ ଥିଲେ । ଦୀର୍ଘ ଦିନ ବଲାଙ୍ଗିର ସରକାରୀ ହସ୍ପିଟାଲରେ ଚକ୍ଷୁ ବିଶେଷଜ୍ଞ ତଥା ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀରେ କାର୍ଯ୍ୟ କରି ଅବସର ନେଇଥିଲେ । ଚାକିରି ସମୟରେ ସେ ଆଗଲପୁର, ଲୋଇସିଂହା, ବେଲପଡ଼ା, ବିଜେପୁର ଫାସୀମାଲ, ସମ୍ବଲପୁର କାର୍ଯ୍ୟ କରିଥିଲେ । ଅବସର ପରେ ସେ ବଲାଙ୍ଗିର କାରାଗାରର ଡାକ୍ତର ଏବଂ ପରେ ଶାସ୍ତ୍ରୀ ନଗର ସହରାଞ୍ଚଳ ହସ୍ପିଟାଲରେ କାମ କରିଥିଲେ । ବିଭୁତିପଡା ସ୍ୱର୍ଗଦ୍ୱାରଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ପୁଅ ସୁରେଶ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି, ବ୍ୟବସାୟୀ ଓ ପଡାବାସୀଙ୍କ ସହ ବନ୍ଧୁବାନ୍ଧବ ତାଙ୍କ ତେଲିଗୋଟପଡ଼ା ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡାକ୍ତର ସାହୁଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



# ସଟ୍ଟା ଆଡ୍ଡାରୁ ଜଣେ ଗିରଫ

**ଲୋଇସିଂହା,୨୨ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଅଞ୍ଚଳରେ ବେଧଡକ ଭାବେ ସଟ୍ଟା କାରବାର ଚାଲିଛି । ଥାନାଠାରୁ ମାତ୍ର କିଛି ମିଟର ଦୂରରେ ଥିବା ଚାରି ଛକଠାରେ ଖୋଲାଖୋଲି ଭାବେ ସଟ୍ଟା ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ଜଣକୁ ଗିରଫ କରିଛି । ଲୋଇସିଂହା ଥାନା ଅଧିକାରୀ ସୁଜ୍ଞାନ ବାରିକ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ଚାରି ଛକରେ ବେଆଇନ ସଟ୍ଟା ଖେଳ ଚାଲିଥିବା ବେଳେ ଚଢ଼ଉ କରିଥିଲା । ସେଠାରୁ ପୁଲିସ ଇସ୍ମାଇଲ ନନ୍ଦକୁ ଗିରଫ କରି ୭ ଜଣ ହଜାର ଟଙ୍କା ଜବତ କରିଛି । ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଅସୁସ୍ଥ ଚାଷୀଙ୍କ ଅକାଳ ବିୟୋଗ

**ମୁରିବାହାଲ,୨୨ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ଚାଷୀ ଅରକ୍ଷିତ ମହାକୁର(୫୬)ଙ୍କ ଶନିବାର ବଲାଙ୍ଗିର ଭୀମଭୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ଶୁକ୍ରବାର ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ମୁରିବାହାଲ ଡାକ୍ତରଖାନା ନିଆଯାଇଥିଲା । ପରେ ଟିଟିଲାଗଡ ମେଡିକାଲ୍ ଓ ଶେଷରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଅକାଳ ବିୟୋଗ ଘଟିଛି । ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଏକମାତ୍ର ପୁତ୍ର ଆଦିତ୍ୟ ମହାକୁର ଓ ପୁତୁରା ରିଙ୍କୁ ମହାକୁର ମୁଖାଗ୍ନି ଦେଇଥିଲେ । ତେବେ ଅରକ୍ଷିତ ଯମୁନା ଗ୍ରାମର ଚନ୍ଦନ ଯାତ୍ରା ମହୋତ୍ସବରେ ଅଭିନୟ ମଧ୍ୟ କରୁଥିଲେ । ଅନ୍ୟପକ୍ଷେ ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ ।



# କବିତା ଆସରରେ ପୁସ୍ତକ ଉନ୍ମୋଚିତ



ବଲାଙ୍ଗିର,୨୨ ।୧୧(ସମିସ)

ସ୍ଥାନୀୟ ମେହେର ଭବନଠାରେ ତହଁକ୍ କୁଟୁମ୍ ଏବଂ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଏକ କୋଶଲୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି । କବି ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କବି ଆଶୁତୋଷ ମେହେର, ସମ୍ମାନିତ ଅତିଥି ଭାବେ ତହଁକ ସମ୍ପାଦକ ରାଜେଶ ଦଣ୍ଡସେନା, ଅରୁଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ତ୍ରିଶକ୍ତି ସମ୍ପାଦକ ଦିଲୀପ ମିଶ୍ର, ସମୀକ୍ଷକ ଭାବେ ରତ୍ନମୟ ତ୍ରିପାଠୀ ଏବଂ କବି ପୁଷ୍ପାଞ୍ଜଳି ମେହେର ମଞ୍ଚାସୀନ ଥିଲେ । ତହଁକ ମୁଖ୍ୟ ସମ୍ପାଦକ ଅର୍ଜୁନ ସାହୁ ସଭା ପରିଚାଳନା କରିଥିଲେ । ରତ୍ନମୟ ତ୍ରିପାଠୀ କବିତା ସମୀକ୍ଷା କରିଥିଲେ । କବି ଗୋପାଲ ମେହେର ଏବଂ କବୟିତ୍ରୀ ପୁଷ୍ପାଞ୍ଜଳି ମେହେରଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଥିଲା । କବୟିତ୍ରୀ ଶ୍ରୀମତୀ ମେହେରଙ୍କ କବିତା ଗୁଚ୍ଛ "ପ୍ରଥମ ଫୁଲର ଅର୍ଘ୍ୟ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ଅଧିବେଶନ କବିତା ଆସରରେ କବି ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଡକ୍ଟର ନିରଞ୍ଜନ ପଣ୍ଡା, ସୁଶାନ୍ତ ବାଗ, ସଂଯୁକ୍ତା ପରିଚ୍ଛା, ରାଜୀବ ପ୍ରସାଦ ଭୋଇ ମଞ୍ଚାସୀନ ଥିଲେ । ପ୍ରତିମା ମେହେର, ପ୍ରଭାସିନୀ ଭୋଇ ଏବଂ ସୁଦେଷ୍ଣା ମିଶ୍ରଙ୍କ କବିତା ସଂଯୋଜନାରେ ୪୦ରୁ ଅଧିକ କବି କବିତା ପଠନ କରିଥିଲେ । ରାଜେଶ ଶର୍ମା, ଅନସୂୟା ମେହେର, ଶୁଭଶ୍ରୀ ଭୋଇ, ରାଣା ପ୍ରଧାନ, ସନ୍ତୋଷୀ ମେହେର ସହଯୋଗ କରିଥିଲେ । ଶେଷରେ ଆୟୋଜକ ଗୋପାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।




| Group | Grade | Date | Item - I | Item - II | Item - III |
|---|---|---|---|---|---|
| A | Nursery - U.K.G | 7th Dec. 2025 | Fancy Dress | Rhymes (Eng. only) | ***** |
| B | Std. I & II | 7th Dec. 2025 | Poem Recitation (Eng. only) | Colouring | ***** |
| C | Std. III - V | 7th Dec. 2025 | Impersonation (Hindi/Odia/English) | Craft | Dance (90s) |
| D | Std. VI - VIII | 7th Dec. 2025 | Extempore (Eng. only) | Song (Patriotic) | Dance (Devotional/Mythological) |
| E | Std. IX - XII | 7th Dec. 2025 | Dance (Free Style) | PPT (Topic: AI and PRIVACY : ARE WE SAFE IN A SMART WORLD?) | Song (Devotional) |

ସୃଜନିକା
ସକାଳ
THE SAKALA
www.sakalaepaper.com

# କଟନ୍ କ୍ୟାଣ୍ଡି



ଡା. ଇପ୍‌ସିତା ପ୍ରଧାନ



କଳା ରଙ୍ଗର ହୁଡ୍ଡି ପିନ୍ଧା ଛୁଆଟା, ଟିକେ ଛାଡ଼ି ଟିକେ ତା' ବାପା ହାତକୁ ଟାଣୁଛି "...ବାପା, କଟନ୍ କ୍ୟାଣ୍ଡି...ବାପା, କଟନ୍ କ୍ୟାଣ୍ଡି.....ବାପା, କଟନ୍ କ୍ୟାଣ୍ଡି..."

ଦୁଇ ଦିନ ହେଲା ପାର୍କରେ କ'ଣ ଗୋଟେ ଗପ-ଫେଷ୍ଟ ଚାଲିଛି ଯେ, ସନ୍ଧ୍ୟା ହେଲେ ଗପ ଶୁଣିବାକୁ ଭିଡ଼ ଜମୁଛି । ଭଲ ବେପାର ହେଉଛି ସେଇଥିପାଇଁ ଦି' ଦିନ ହେଲା । ଆଜିବି ଆସିଲା ପରଠୁ ୨୦ଟା ବେଲୁନ ଆଉ ୧୧ ଟା କଟନ୍ କ୍ୟାଣ୍ଡି ବିକି ସାରିଲାଣି ସୋମୁ । ଏମିତି ଫେଷ୍ଟିଭାଲ୍ ଟାଇମ୍‌ରେ ଭଲ ବେପାର ହୁଏ । ସେଇ କଥା ମନେମନେ ହିସାବ କରି ଆଜି, ସ୍କୁଲରୁ ଘରକୁ ନ ଯାଇ ସିଧା ମାଲିକ ପାଖକୁ ଯାଇ, ମାଲ୍ ଆଣି ପାର୍କ ଗେଟ୍ ସାମ୍ନାକୁ ପଳେଇ ଆସିଥିଲା ସେ । ଟିକେ ଅଧିକା ବେପାର ହେଲେ, ମାଲିକ ୧୦ ଟଙ୍କା ଦେଲେ ଗୋଟିଏ କଟନ୍ କ୍ୟାଣ୍ଡି ଦେଇଦିଏ । ଆଜି ଫେରିଲା ବେଳେ ରୋଜି ପାଇଁ ଗୋଟେ କଟନ୍ କ୍ୟାଣ୍ଡି ଯେମିତି ହେଲେ ନେବ ସେ । କଟନ୍ କ୍ୟାଣ୍ଡି ଭାରି ପସନ୍ଦ ରୋଜିର । ତା' କୁନିକୁନି ଆଙ୍ଗୁଠିରେ ଗୋଲାପି କଟନ୍ କ୍ୟାଣ୍ଡିରୁ ଟିକେ ଟିକେ କରି ନଖେଇ-ନଖେଇ ଖାଏ ସେ । ପ୍ରତିଥର ପାଟିରେ ଟୁକୁଡ଼ାଟେ ରଖିଲା ପରେ ଘେରାଏ ନାଚି ଯାଏ ।

ଦିନେ ପାଉଣା ପାଇ ସାରିବା ପରେ, ଦଶଟଙ୍କା ଦେଇ ମାଲିକଠୁ କଟନ୍ କ୍ୟାଣ୍ଡି ଗୋଟେ ମାଗିକି ନେଇଥିଲା ରୋଜି ପାଇଁ ଯେ... ଘରଭଡ଼ା ଦିଆ ହୋଇପାରୁନି କାଇଁ ଦଶ ଟଙ୍କା ବର୍ବାଦ କଲା କହି ମା' ବାଡ଼େଇ ନୋଳା ଫଟେଇ ଦେଇଥିଲା । ଆଇ ରାଣ-ନିୟମ କଲା ପରେ ଅଟକି ଥିଲା ମା' । ବାପା ଗଲା ପରଠୁ, ଦି ବର୍ଷ ହେଲା କେତେ କଷ୍ଟରେ ସଂସାର ଚଳୁଛି, କ୍ୟାଣ୍ଡି ଖାଇବାକୁ ଜିଦ୍ଦି କରୁଛି କହି ରୋଜିକୁ ବି ଦୁଇ-ଚାରି ବିଧା ଥୋଇଥିଲା । ପିଲାଙ୍କୁ ବାଡ଼େଇ ସାରି ପାହାନ୍ତା ଯାଏ ନିଜେ ବାହୁନୁ ଥିଲା ମା' । ରାତିରେ ତା' ନୋଳାଫଟା ପିଠିକୁ ଆଉଁଶୁ ଆଉଁଶୁ ରୋଜି କହିଥିଲା, "ବାପା ନଫେରିବା ଯାଏଁ ମୁଁ ଆଉ କଟନ୍ କ୍ୟାଣ୍ଡି ପାଇଁ ଜମା ଜିଦ୍ଦି କରିବିନି ଭାଇ ।"

ପକେଟରେ ହାତ ପୂରାଇ ମନେମନେ ଗଣିଲା ସୋମୁ । କାଲିଠୁ ହିସାବ କରିଛି ସେ । ଦୋକାନ ବାକି ଆଉ ଆଇର କାଶ ଓଷଦ କିଣିଲା ପରେ ଆଉ ୫୦ ଟଙ୍କା ତଥାପି ବଳିବ ତା' ହାତରେ । ଛୋଟିଆ ଉଜ୍ଜ୍ୱଳ ହସଟେ ତା' ଓଠ ଉପରେ ଖେଳିଗଲା । ହାତରେ କଟନ୍ କ୍ୟାଣ୍ଡି ପାଇଲେ ରୋଜି କେମିତି ଖୁସିରେ ଡେଇଁବ, ତାକୁ ଗେଲ କରି ପକେଇବ, ବିଲେଇ ଛୁଆଟେ ପରି ତା' ପାଖରେ ଗୁଞ୍ଜି ହେବ, ଆଖି ଆଗରେ ନାଚି ଯାଉଥାଏ ସୋମୁର । ପାର୍କ ଗେଟ୍ ପାଖରୁ ଟାଣି ଟାଣି ସେ କଳା ହୁଡ୍ଡି ପିନ୍ଧା ଛୁଆଟା ତା' ବାପାକୁ ସୋମୁ ସାମ୍ନାରେ ଆଣି ଠିଆ କରି, ପୁଣି କଟନ୍ କ୍ୟାଣ୍ଡି ପାଇଁ ଜିଦ୍ଦି କଲା । ଲୋକଟି ଯଦି ତା' ଜିଦ୍‌ରେ ଏବେ କଟନ୍ କ୍ୟାଣ୍ଡିଟେ କିଣି ଦିଅନ୍ତା, ତା' ହିସାବ ଅନୁସାରେ ସବୁ ଠିକ୍ ବସି ଯାଆନ୍ତା, ଭାବୁଥାଏ ସୋମୁ ।

ବାପା ଜଣକ କଟନ୍ କ୍ୟାଣ୍ଡି କିଣିବାକୁ ମନା କଲାବେଳେ ଛୁଆଟି ଜିଦ୍ ଧରିଥାଏ । "ଲୋକଟି କଟନ୍ କ୍ୟାଣ୍ଡି କିଣିବାକୁ ରାଜି ହୋଇଯାଉ" ବୋଲି ସୋମୁ ମନେମନେ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ! ■

ଭୁବନେଶ୍ୱର
ମୋ: ୮୦୧୮୦୫୩୩୯୫

# ମୁକ୍ତିଘର

ଅମ୍ରିତ୍ ଋତୁରାଜ




ଏଇ ଚାରିକାନ୍ଥର
ପରସ୍ତ ପରସ୍ତ ପୁରୁଣା ଚୂନ
ମଳି ହେଇଥିବା ପୁଟି
ଚମ ଛାଲି ହେଇଥିବା ଚଟାଣ
ବାର ଶହ ଆତ୍ମାକୁ
ମୁକ୍ତ କରିଦେଇଛନ୍ତି
ନୂଆ କୋଉ ଜାଗା ଯିବାକୁ ।
ଏଇ କୋଠରି ବାର ଶହ ଆତ୍ମାର
ଖୋଳପାକୁ ପୋଡ଼ା ହେବା
ଦେଖିଲେ ମଣିକର୍ଣ୍ଣିକାରେ
ଏତେ ଶବର ବୋଝ ବୋହିଥିବା
କୋଠରି କ'ଣ ଏବେ ପ୍ରେତଶାଳା?
ନା ଭୟର ଏକଚ୍ଛତ୍ର ରାଜୁତି ସେଇଠି?
ସେଇଠି କ'ଣ ଆତ୍ମାମାନେ
ତାଙ୍କ ଅତୃପ୍ତତାରେ ବାରମ୍ବାର
ସେ କାନ୍ଥର ଚୂନକୁ ରାମ୍ପୁଡ଼ା ରାମ୍ପୁଡ଼ି
କରୁଛନ୍ତି ଆକ୍ରୋଶରେ?

ଏଠି ଅତୀତର ଆଙ୍ଗୁଳି
ପିନ୍ଧିଥିଲା ମୃତ୍ୟର ମୁଦି
ମୁକ୍ତ ହେବାକୁ ତର ତର ଆତ୍ମା
ଅପେକ୍ଷା କରିଥିଲା
ଅସ୍ତିତ୍ୱ ନିଜକୁ ସମର୍ପି ଦେବାକୁ
ଅନଳରେ ଇଛା ଅନିଛା ବିନା

ଇଏ ତ ଆଲିଙ୍ଗନର କୋଠରି
ଚାରିକାନ୍ଥର ଅନ୍ଧାରିଆ କୋଣ ସବୁ
ବାର ଶହ ଆଲିଙ୍ଗନ ଦେଖି ଦେଖି
ସଭିଏଁ ପିନ୍ଧିଛନ୍ତି ମୁକ୍ତିର ବିଭୂତି
ଇଏ ତ 'ମୁକ୍ତି ଘର'

ତା' ପାଇଁ ମୃତ୍ୟୁ ତ କେବଳ
ପରିଧାନ ବଦଳି
ସେ ଚିହ୍ନିଛି ସେ ଆତ୍ମାମାନଙ୍କୁ
ଯେଉଁମାନେ ସ୍ମିତ ହାସ୍ୟର
ବିଦାୟ ନେଇ ଚାଲିଗଲେ
ପଞ୍ଚଭୂତର ଆରପଟ ଉପତ୍ୟକାକୁ ।

ମୁକ୍ତିଘର ଅପେକ୍ଷା କରିଛି
ତା' ନୂଆ ଆଗନ୍ତୁକକୁ
କାମନାରୁ ବିଛିନ୍ନ କରିବାକୁ
ଯେ ପଞ୍ଜୁରି ଖୋଲିଗଲା
ହେଇଯାଅ ମୁକ୍ତ ପଥର ଅରଣୀ ବିହଙ୍ଗ ।
ହେଇଟି! ନୂଆ ଆଗନ୍ତୁକ ଆସିଗଲେ
ଦେଖ! ନିରିଖେଇ କି ଦେଖ
କିଛି ବର୍ଷ ଆଗରୁ ସେ
ତମ ଭଳି ହିଁ ଦିଶୁଥିବେ
କିଛି ବର୍ଷ ପରେ ତମେ ବି ତାଙ୍କ ଭଳି ଦିଶିବ । ■



# ହଁ ହଁ ଆମେ ପଶୁ

ଅମରେନ୍ଦ୍ର ମାଧବ ଦାଶ



ଆମେ ହୋଇପାରିଲୁନି ମଣିଷ
ପଶୁ ହୋଇ ରହିଗଲୁ ଚିରକାଳ...

ଆମ ପ୍ରଥା, ପରମ୍ପରା,
ଆମ ଚାଲି, ଚଳଣି,
ଆମ ସମାଜ ଓ ସଂସ୍କୃତି
ସେମାନଙ୍କ ସଭ୍ୟତାର ମାପକାଠିରେ
ଉତୁରି ପାରିଲାନି ବର୍ଷବର୍ଷ ଧରି...

ଆମ ଭଲପାଇବାର ଭାଷା
ସେମାନଙ୍କ ପାଇଁ ସାଜିଲା
ଦୁର୍ବୋଧ, ଦୂରୁହ, ଅଶ୍ଳୀଳ, ଅସଭ୍ୟ
ଆମ ଉଚ୍ଚାରଣ, ଆଚରଣ ଶୁଭିଲା
ସେମାନଙ୍କ କାନକୁ କଠୋର, କର୍କଶ...

ଯଦିଓ ଆମ ପରି
ସେମାନଙ୍କର ବି ଥିଲା
ଆଖି, କାନ, ନାକ, ପାଟି
ହାତ, ଗୋଡ଼, ଦେହ, ମୁଣ୍ଡ
ଆମକୁ ଲାଗୁଥିଲା
ସେମାନଙ୍କ ପରି ଆମେ ବି ସମାନ ମଣିଷ...

ଆମ ଭାବନା ଯେତିକି ଥିଲା ସ୍ୱଚ୍ଛ
ସେମାନଙ୍କ ପାଇଁ ସେତିକି ଥିଲା ଅପହଞ୍ଚ,
ପଛୁଆ, ନୀଚ, ଆଦିମ, ଆଦିବାସୀର ବିଶେଷଣ
ଘେରି ରହିଥିଲା ତାଙ୍କ ଚିନ୍ତା ଚେତନାରେ...

ଆମ ସରଳତାକୁ ଅସଭ୍ୟ କହି
ଆମ ବିଶ୍ୱାସକୁ ଅନ୍ଧବିଶ୍ୱାସ ନାଁ ଦେଇ
ଆମ ପରମ୍ପରାକୁ କୁସଂସ୍କାର ମନେକରି
ଆମ ସ୍ୱାବଲମ୍ବନକୁ ଅଶିକ୍ଷିତର ମାର୍କା ମାରି
ସେମାନେ ରଚିଲେ ବଡ଼ ଷଡ଼ଯନ୍ତ୍ର
ଟାଣିଦେଲେ ଅଭେଦ୍ୟ ଲକ୍ଷ୍ମଣରେଖା...

ଏଥର ଆମକୁ
ଅଲଗା କରିଦେଲେ ସବୁଥିରୁ ସେମାନେ
ତଥ୍ୟରୁ, ତାଲିକାରୁ
ସମାଜରୁ, ସରକାରରୁ
ଅନ୍ୟ ଏକ ଗ୍ରହର ଜୀବ ମନେକରି
ଆଉ ଆମ ନାଁ ଦେଇ ଦେଲେ 'ପଶୁ' ॥

ଆହା!
ମଣିଷ ଭିତରର ପଶୁତ୍ୱକୁ ଦେଖିଲୁ ଏଥର...॥ ■


ଭୁବନେଶ୍ୱର
ମୋ.: ୯୪୩୭୩୫୯୯୪୫

# ପୁସ୍ତକ ପରିଚୟ

## ପିଠା ନେଇଗଲା ଡାମରାକାଉ

### ସଂଗ୍ରାମ କେଶରୀ ପୃଷ୍ଟି

ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ପିଠା ନେଇଗଲା ଡାମରାକାଉ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ୨୦ ଟି ମନଲୋଭା ଶିଶୁ ଗପ ସଂକଳିତ ହୋଇଛି । 'ଚଢ଼େଇ ଗଲା ଉଡ଼ି', 'ଗା'... ଲୋ କୋଇଲି ଗା'...', 'ଏ ରାସ୍ତା କୁଆଡ଼େ ଯାଇଛି?', 'ଆ'ରେ କାଉ ଆ'...', 'ହଇରେ କୁଲୁ...ଏଇଆ କଲୁ!', 'ପିଠା ନେଇଗଲା ଡାମରାକାଉ', 'ନିଆଁ ଓ ଲଣ୍ଠନ', 'କଳା କୋଇଲିର ଗୀତ ମିଠା...ମିଠା...', 'ଆଖିବୁଜି ଧାଉଁଥା', 'ପଇଡ଼ ବଡ଼ ମଧୁର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରତିଟି ଗପ ଶିକ୍ଷଣୀୟ ଓ କୌତୁକିଆ ହୋଇଛି । କାଉ, କୋଇଲି, ବଗ, କୁଆ, ବିଲୁଆ, ହନୁମାଙ୍କଡ଼, ଭାଲୁ, ହରିଣ ଆଦି ବିଭିନ୍ନ ପଶୁପକ୍ଷୀଙ୍କୁ ନେଇ ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ ହୋଇଛି । କାହାଣୀ ମାଧ୍ୟରେ ଗାଳ୍ପିକ ଅନେକ ଶିକ୍ଷଣୀୟ, ଉପଦେଶମୂଳକ କଥା ବର୍ଣ୍ଣନା କରିଛନ୍ତି । ଗପଗୁଡ଼ିକର ସରଳ ଓ ବୋଧଗମ୍ୟ ଭାଷା, କୌତୁକିଆ କାହାଣୀ, ନିଆରା ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଆକର୍ଷିତ କରିବ ନିଶ୍ଚୟ । ଆକର୍ଷଣୀୟ ରଙ୍ଗିନ ଛବି ସହ ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■





ବିଦ୍ୟା ପ୍ରକାଶନ
ବାଲୁବଜାର, କଟକ-୨
ପ୍ରଥମ ସଂସ୍କରଣ ୨୦୨୪
ମୂଲ୍ୟ : ୨୦୦ ଟଙ୍କା

## ଶ୍ରୀକ୍ଷେତ୍ରର ଶହେ କଥା

### ଡକ୍ଟର ନୀଳମଣି ଲେଙ୍କା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର । ଶ୍ରୀକ୍ଷେତ୍ର ଏକ ପବିତ୍ର ଭୂମି । ଶ୍ରୀକ୍ଷେତ୍ର ସହିତ ଜଡ଼ିତ ବିଭିନ୍ନ କଥା, କିମ୍ବଦନ୍ତୀ, ମନ୍ଦିର, ଦେବଦେବୀ, ମଠ, ଆଶ୍ରମ ଆଦିକୁ ନେଇ ପ୍ରକାଶ ପାଇଛି ଡକ୍ଟର ନୀଳମଣି ଲେଙ୍କାଙ୍କ 'ଶ୍ରୀକ୍ଷେତ୍ରର ଶହେ କଥା' । ଏହି ପୁସ୍ତକରେ 'ବାଟ ମଙ୍ଗଳା', 'ଅଠର ନଳା', 'କ୍ଷେତ୍ରାଧିଶ୍ୱରୀ ମା' ବିମଳା', 'ମା' ହରଚଣ୍ଡୀ', 'ମା' ରାମଚଣ୍ଡୀ', 'ସମୁଦ୍ର ଲହଡ଼ି ଓ ଲକ୍ଷ୍ମୀ', 'ସାଲବେଗଙ୍କ ସମାଧି ପୀଠ', 'ଭକ୍ତବନ୍ଧୁ ମହାନ୍ତିଙ୍କ ଆଶ୍ରମ', 'ଜଗନ୍ନାଥ ଦାସ ଓ ସାତଲହଡ଼ି ମଠ', 'କବୀର ଚଉରା ମଠ' ଆଦି ସଂପର୍କରେ ଆଲୋଚନା କରାଯାଇଛି । ସେହିପରି 'ଶ୍ରୀମନ୍ଦିରର ପୂର୍ବ ଦ୍ୱାର', 'ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର', 'ଶ୍ରୀମନ୍ଦିରର ଉତ୍ତର ଦ୍ୱାର', 'ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର', 'ସିଦ୍ଧ ହନୁମାନ', 'କାଞ୍ଚି ଗଣେଶ', 'କଳ୍ପବଟ', 'ଶ୍ରୀମନ୍ଦିରରେ ଶ୍ୱାନ ପୂଜା' ଆଦିର ମାହାତ୍ମ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି । ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ଗବେଷଣାଧର୍ମୀ, ତଥ୍ୟ ଓ ତତ୍ତ୍ୱ ଭିତ୍ତିକ ଏହି ପୁସ୍ତକଟି ଶ୍ରୀଜଗନ୍ନାଥ ପ୍ରେମୀ ଓ ଶ୍ରୀକ୍ଷେତ୍ର ସଂପର୍କରେ ଜାଣିବା ପାଇଁ ଆଗ୍ରହୀ ପାଠକମାନଙ୍କୁ ଆକୃଷ୍ଟ କରିବ ନିଶ୍ଚୟ । ■





ପ୍ରଭୁ ପ୍ରକାଶନ
କୁମ୍ଭାର ସାହି, ବିଡ଼ାନାସୀ, କଟକ
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

## କିଛି ଖରା କିଛି ଛାଇ

### ଡକ୍ଟର ଦୀପେନ କୁମାର ପଟ୍ଟନାୟକ

"ଆମ ଜୀବନଟା ସତେ କିଛି ଖରା ଓ କିଛି ଛାଇର ଖେଳ/ ମାନ ଅଭିମାନ ରୁଷାଫୁଲା ମାନଭଞ୍ଜନରେ ବିତି ଯାଏ କେତେ କାଳ ।" ( କିଛି ଖରା କିଛି ଛାଇ) ସତରେ ଜୀବଟା ଖରା, ଛାଇର ଲୁଚକାଳି ଖେଳ । ଜୀବନର ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଡକ୍ଟର ଦୀପେନ କୁମାର ପଟ୍ଟନାୟକଙ୍କ 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ୭୮ ଟି ମନଛୁଆଁ କବିତା ସଂକଳିତ ହୋଇଛି । 'କିଛି କଥା କିଛି ବ୍ୟଥା', 'ଅପେକ୍ଷା', 'ସବୁ ଅଛି କିଛି ନାହିଁ', 'ଆମ ଜୀବନେ ଫୁଲ ଓ କଣ୍ଟା', 'ଯନ୍ତ୍ରଣା', 'ବାସ୍ତବତା', 'ବାପା ତୁମେ ଚାଲିଗଲା ପରେ', 'ଆମ ଜୀବନର ରାସ୍ତା', 'ମୋବାଇଲ୍ ଫୋନ୍', 'ମାଉସୀ', 'ଭାଗଗତ ଟୁଙ୍ଗୀ', 'ପ୍ରତୀକ୍ଷା', 'ମୁଁ ଯଦି ମରିଯିବି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକର କେତେକ କବିତାରେ ସାମାଜିକ ବାସ୍ତବତା, ଜୀବନର ଗଭୀର ଜିଜ୍ଞାସାବୋଧ, ମାନବୀୟ ଭାବାବେଗ, ସଂସ୍କୃତି, ପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଛି । ହାସ୍ୟ ଓ ବ୍ୟଙ୍ଗ ମାଧ୍ୟମରେ କବି ଅନେକ ସାମାଜିକ କୁସଂସ୍କାର ସଂପର୍କରେ ସଚେତନ କରାଇ ଦେଇଛନ୍ତି । 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■




ସ୍ୱୟଂସିଦ୍ଧା ଫାଉଣ୍ଡେସନ୍
ନୀଳାଦ୍ରି ବିହାର, ଭୁବନେଶ୍ୱର -୨୧
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୨୦ ଟଙ୍କା

# ପଣ୍ଡିତ ଗୋଦାବରୀଶଙ୍କ ଜୀବନାଲେଖ୍ୟ

ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ



ଜୀବନ ବିତାଇ ଦେଉଥିବା ମଣିଷ କେବଳ ନିଜର ହୋଇ ବଞ୍ଚେ ଓ ମରେ କିନ୍ତୁ ଜୀବନକୁ ଉତ୍ସର୍ଗ କରିଦେଉଥିବା ମଣିଷ ସଭିଙ୍କର ହୁଏ ଓ ସଭିଙ୍କ ହୃଦୟରେ ଅମର ରୁହେ । ଭାର୍ଗବୀ ନଈ କୂଳରେ ଏକ ନିରବ, ନିସ୍ତବ୍ଧ ସନ୍ଧ୍ୟାକାଶକୁ ଚାହିଁ ଦେଶପ୍ରାଣ ଗୋପବନ୍ଧୁ ଦାସଙ୍କ ସହିତ ଯେଉଁ ତିନି ଜଣ ଯୁବକ ଶପଥ ନେଇଥିଲେ- "ସରକାରୀ ଚାକିରି କରିବା ନାହିଁ, ନିଜର ଭରଣପୋଷଣ ବିଳାସରେ ମନଦେବା ନାହିଁ । ଜନ୍ମ ହୋଇ ଦେଶକୁ ଯେମିତି ଦେଖିଛେ ମଲାବେଳକୁ ତା'ଠୁ ଉନ୍ନତ କରିଯିବା" ତନ୍ମଧ୍ୟରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଜଣେ । ତାଙ୍କ ଜୀବନଯାତ୍ରାର ଆତ୍ମଲିପି ହେଉଛି 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' । ଆତ୍ମଜୀବନୀ ରଚନା ସମ୍ପର୍କରେ ସେ ଲେଖିଛନ୍ତି –" ମୁଁ ଯାହା ଲେଖିବି ତାକୁ ପଢ଼ି ଯେ କେହି ଆନନ୍ଦ ବା ଦୁଃଖ ଅନୁଭବ କରିବେ, ସେଥିପାଇଁ ଲେଖିବି ନାହିଁ; ମନୁଷ୍ୟ କିପରି ନିଜ ଦୁର୍ବଳତାର ଦାସ, ତାହା ଦେଖାଇବାକୁ ଲେଖିବି ମାତ୍ର ।"

୧୯୫୧ ମସିହାରେ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ ମଧ୍ୟ ତା' ପୂର୍ବରୁ ତାଙ୍କଠୁ ଆତ୍ମଜୀବନୀ ଲେଖାଇ ନେବାର ଅନେକ ପ୍ରୟାସ ତାଙ୍କ ବନ୍ଧୁ ଓ ସମର୍ଥକମାନେ କରିଥିଲେ । ୧୯୩୧ ମସିହାରେ ଗୋଦାବରୀଶଙ୍କ ଜଣେ ବନ୍ଧୁ କାଗଜ କଲମ ଧରି ଆତ୍ମଜୀବନୀ ଲେଖିବାକୁ ଚାହିଁଥିଲେ, କିନ୍ତୁ ଗୋଦାବରୀଶ କଥାଟିକୁ ଟାଳି ଦେଇଥିଲେ । ତା'ର ୧୪ ବର୍ଷ ପରେ ଆଉ ଜଣେ ବନ୍ଧୁ ଆତ୍ମଜୀବନୀ ଲେଖାଇବାର ଚେଷ୍ଟାରେ ସଫଳ ହୋଇ ଗୋଦାବରୀଶଙ୍କଠୁ ଦେଢ଼ଶହ ପୃଷ୍ଠା ଲେଖାଇ ନେଇଥିଲେ, କିନ୍ତୁ କିଛି କାରଣବଶତଃ ସେ ମଧ୍ୟ ଏଥିରୁ ନିଜକୁ ନିବୃତ କରିଥିଲେ । ସେହି କାରଣ ସମ୍ପର୍କରେ ଗୋଦାବରୀଶ ତାଙ୍କ ଆତ୍ମଜୀବନୀର 'ନିଜକଥା'ରେ ଉଲ୍ଲେଖ କରିଛନ୍ତି - "ମୁଁ ତ ସେତେ ସିଦ୍ଧହସ୍ତ ଧୁରନ୍ଧର ଲେଖକ ନୁହେଁ, ଲେଖାର ଧରଣ ତାଙ୍କ ମନକୁ ପାଇଲା ନାହିଁ । ତହୁଁ ସେ ତାହା ନିଜର କେତେକ ସହକର୍ମୀଙ୍କୁ ନେଇ ଦେଖାଇଲେ । ସେମାନେ ସମସ୍ତେ ତାହା ପଢ଼ି ମତ ଦେଲେ ଯେ, ଆତ୍ମଜୀବନୀ ଲେଖିବା ଶକ୍ତି ମୋର ନାହିଁ । ତାଙ୍କର ଧାରଣା ହେଲା ଯେ, ମୁଁ କେତେକ କଥା ଲେଖିଯାଇଛି ଯାହା କି ଉଲ୍ଲେଖଯୋଗ୍ୟ ନୁହେଁ ଏବଂ ସେହିପରି କେତେକ ପ୍ରକାଶ ପାଇବା ଭଳି ବିଷୟ ଛାଡ଼ି ଦିଆଯାଇଛି । ସୁତରାଂ ଲେଖକ-ବନ୍ଧୁ ଲେଖିବାରେ ଆଉ ଆଗ୍ରହ ଦେଖାଇଲେ ନାହିଁ । ଲେଖାଟା ସେହିଠାରେ ହିଁ ବନ୍ଦ ରହିଗଲା ।" ପରିଶେଷରେ ୧୯୫୧ ମସିହା ପୂଜା ସମୟରୁ ସେ ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ । ୧୯୫୧-୫୨ ମସିହା ବେଳକୁ ଗୋଦାବରୀଶ ବାଣପୁର-କୃଷ୍ଣପ୍ରସାଦ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେବା ପରେ ରାଜନୈତିକ ଜଞ୍ଜାଳରେ ବ୍ୟସ୍ତ ରହି ଆତ୍ମଜୀବନଟିକୁ ତୁଣ୍ଡେ ତୁଣ୍ଡେ ଡାକିଛନ୍ତି ଓ ବାଣପୁର ହାଇସ୍କୁଲର ଶିକ୍ଷକ ଶ୍ରୀଜଗନ୍ନାଥ ମହାପାତ୍ର ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି । ପରେ ପାଣ୍ଡୁଲିପିର ଚାରିଭାଗରୁ ତିନିଭାଗ ସାମାନ୍ୟ କିଛି ପରିବର୍ତ୍ତନ କରି ଗୋଦାବରୀଶ ପୁଣି ନିଜ ହାତରେ ଲେଖିଛନ୍ତି ।

ଗୋଦାବରୀଶଙ୍କ ଆତ୍ମଜୀବନୀ ଆଦର୍ଶବାଦର ଜୟଯାତ୍ରାର କାହାଣୀ କୁହେ । ନାନା ପ୍ରତିକୂଳ ବାତାବରଣ, ଦାରିଦ୍ର୍ୟର କଷାଘାତ, ଅଭାବ ଅନଟନର ଆକଟ କେହି ବି ତାଙ୍କୁ ଆଦର୍ଶ ପଥରୁ ବିଚ୍ୟୁତ କରିପାରି ନଥିଲେ । ଗୋଦାବରୀଶ ସାଧାରଣ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ଜୀବନବ୍ୟାପୀ ସଂଗ୍ରାମ ଓ ସାଧନା ବଳରେ ସମଗ୍ର ଉତ୍କଳବାସୀଙ୍କ ହୃଦୟରେ ନିଜ ପାଇଁ ଘରଟିଏ କରିପାରିଛନ୍ତି । ଓଡ଼ିଶା ପ୍ରଦେଶ, ଓଡ଼ିଶା ଜନତା ଓ ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା ସହିତ ସ୍ୱଦେଶୀ ଆନ୍ଦୋଳନ, ବିହାର-ଓଡ଼ିଶାର ପ୍ରାଶାସନିକ ଏକୀକରଣ, ବଙ୍ଗଭଙ୍ଗ ଆନ୍ଦୋଳନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ତତ୍କାଳୀନ ସମାଜରେ ନାରୀର ଦୁରାବସ୍ଥା ସହ ନାରୀ ଜାତିର ମହନୀୟତା, ନିଶା ନିବାରଣ ଆଇନର ରଦ୍ଦୀକରଣ, ସତ୍ୟବାଦୀ ବନବିଦ୍ୟାଳୟର ଉଦୟ, ମଧ୍ୟାହ୍ନ, ଅସ୍ତରାଗ ଓ ସନ୍ଧ୍ୟାର ଚିତ୍ର, ବିଦ୍ୟାଳୟ ପାଇଁ ଶିକ୍ଷକମାନଙ୍କର ତ୍ୟାଗ, ନିଷ୍ଠା ପ୍ରଭୃତି ପ୍ରସଙ୍ଗକୁ ନେଇ ଗୋଦାବରୀଶଙ୍କ ଆତ୍ମଜୀବନୀ ପରିପୁଷ୍ଟ । ଗୋଦାବରୀଶଙ୍କ ଆତ୍ମଜୀବନୀ ସମ୍ପର୍କରେ ଆଲୋଚକ ତାରିଣୀ ଚରଣ ଦାସଙ୍କ ମତ ଉଲ୍ଲେଖନୀୟ –"ଏଥିରେ ଲେଖକଙ୍କ ବ୍ୟକ୍ତିତ୍ୱ ବ୍ୟକ୍ତିଗତ ଜୀବନ ସହିତ ସମଷ୍ଟିଗତ ଜୀବନକୁ ନେଇ ପ୍ରକାଶ ପାଇଛି । ଅର୍ଥାତ୍ ଲେଖକଙ୍କ ସ୍ୱକୀୟ ଜୀବନ ସଂଘର୍ଷ ସହିତ ରାଷ୍ଟ୍ରୀୟ ଆନ୍ଦୋଳନର ସଂଘର୍ଷ ପ୍ରତିବିମ୍ବିତ ହୋଇଛି । ବୈୟକ୍ତିକ ଦୋଷ ଦୁର୍ବଳତା ସଙ୍ଗେସଙ୍ଗେ ସାମାଜିକ ବା ରାଷ୍ଟ୍ରୀୟ ଦୋଷଦୁର୍ବଳତାମାନ ଅଭିବ୍ୟକ୍ତ ହୋଇଛି"

ଗୋଦାବରୀଶ ମହାପାତ୍ର ତାଙ୍କ ଆତ୍ମଜୀବନୀକୁ ଦୁଇ ଭାଗରେ ରଚନା କରିବାକୁ ଚାହିଁଥିଲେ ଏବଂ ତା'ର ସୂଚୀପତ୍ର ମଧ୍ୟ ପ୍ରସ୍ତୁତ କରିଥିଲେ । କିନ୍ତୁ ତାଙ୍କର ବ୍ୟସ୍ତବହୁଳ ରାଜନୀତି ଜୀବନରେ ଛନ୍ଦି ହୋଇ ଆତ୍ମଜୀବନୀକୁ ପୂର୍ଣ୍ଣାଙ୍ଗ କରି ପାରି ନଥିଲେ । 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ତହିଁରେ ମୋର ସ୍ଥାନ' ଆତ୍ମଜୀବନୀର ଭୂମିକା 'ଦୁଇ-ଚାରି-କଥା'ରେ ତାଙ୍କର ଜ୍ୟୋଷ୍ଠପୁତ୍ର ରଘୁନାଥ ମିଶ୍ର ଲେଖିଛନ୍ତି - ଆତ୍ମଚରିତକୁ ଦୁଇ ଭାଗରେ ବିଭକ୍ତ କରିବା ପୂଜ୍ୟପାଦ ପଣ୍ଡିତଜୀଙ୍କର ଅଭିପ୍ରେତ ଥିଲା । ନିଜର ଜନ୍ମଠାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଅର୍ଥାତ୍ ୧୯୩୬ ମସିହାର ଆରମ୍ଭକାଳ ପର୍ଯ୍ୟନ୍ତ, ପ୍ରାୟ ପଚାଶ ବର୍ଷର ବିଷୟ-ବସ୍ତୁ ପ୍ରଥମ ଭାଗରେ ରହିବା କଥା ଏବଂ ଜୀବନର ପଚାଶବର୍ଷର ପରବର୍ତ୍ତୀ ବିଷୟ-ବସ୍ତୁ ଦ୍ୱିତୀୟ ଭାଗରେ ଆଲୋଚ୍ୟ । ସେ ଯେ ସୂଚୀପତ୍ର କରିଛନ୍ତି, ସେଥିରେ ପ୍ରଥମ ଭାଗର ପଞ୍ଚଚାଳିଶ ପରିଚ୍ଛେଦରୁ ଚଉତିରିଶଟି ମାତ୍ର ଲେଖିଛନ୍ତି; ବାକିତକ ଅଲେଖା ରହିଯାଇଛି । ଦ୍ୱିତୀୟ ଭାଗର ସୂଚୀ ଆୟୋଜନ କରି, ସେ ନିଜେ ଲିପିବଦ୍ଧ କରିଥିଲେ ମଧ୍ୟ କିଛି ହେଲେ ବିଷୟ ଲେଖି ଯାଇ ପାରିନାହାନ୍ତି" । ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ମୃତ୍ୟୁ ହେବାରୁ ଆତ୍ମଜୀବନୀଟି ଅଧାଲେଖା ହୋଇଗଲା । ଅଭିରାମ ମହାପାତ୍ର, ଗ୍ରନ୍ଥମନ୍ଦିରଙ୍କ ଦ୍ୱାରା ପ୍ରଥମେ ୧୯୫୮ ମସିହାରେ ଏହା ପୁସ୍ତକ ରୂପେ ପ୍ରକାଶ ପାଇଥିଲା । ପ୍ରଥମ ଓଡ଼ିଆ ଆତ୍ମଜୀବନୀ ଭାବରେ ଏହି ଗ୍ରନ୍ଥଟି ୧୯୬୧ ମସିହାରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଦ୍ୱାରା ପୁରସ୍କାର ଲାଭ କରିଥିଲା ।

ଗୋଦାବରୀଶଙ୍କ ଆତ୍ମଚରିତ କେବଳ ତାଙ୍କ ବ୍ୟକ୍ତିଗତ ଜୀବନର ବ୍ୟାଖ୍ୟାନ ନୁହେଁ, ବରଂ ତାହା ହେଉଛି ଉତ୍କଳୀୟ ଜାତୀୟ ଜୀବନର କ୍ରମବିକାଶର ଗୌରବପୂର୍ଣ୍ଣ ଆଖ୍ୟାନ । ଆତ୍ମମୁଗ୍ଧତାର ଖୁବ୍ ଦୂରରେ ଠିଆ ହୋଇ, ଅତିଶୟୋକ୍ତିକୁ ପରିହାର କରି ସେ ଯାହା କହିଛନ୍ତି ସତ କହିଛନ୍ତି । ଜୀବନର ଅତ୍ୟନ୍ତ ଗୋପନ କଥା ଓ ବ୍ୟଥାକୁ ନିର୍ବିକାର ଭାବରେ ଜାତି ଆଗରେ ପରସିଦେଇଛନ୍ତି । ତେଣୁ ତାଙ୍କ ଆତ୍ମଜୀବନୀରେ ଆଲୁଅ ଯେତିକି ସୁନ୍ଦର ଲାଗେ ଅନ୍ଧାର ତାଠୁ ଢେର ମନୋହର ମନେହୁଏ । ■

ବାଜିରାଉତ ସ୍ମୃତି ମହାବିଦ୍ୟାଳୟ
ଭୁବନ, ଢେଙ୍କାନାଳ

### ଆଇନଜୀବୀ ପୀତବାସ ହତ୍ୟା ମାମଲା

## ପିଣ୍ଟୁଙ୍କୁ ସର୍ତ୍ତମୂଳକ ଖଲାସ ପାଇଁ ପିଟିସନ ଦାଖଲ

ବ୍ରହ୍ମପୁର, ୨୨।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ତଥା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶଙ୍କୁ ସର୍ତ୍ତମୂଳକ ଖଲାସ କରିବାକୁ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ ଦାଖଲ ହୋଇଛି। ପିଣ୍ଟୁଙ୍କ ପକ୍ଷରୁ ତାଙ୍କ ଓକିଲ କୈଳାଶ ପଣ୍ଡା ଏହି ପିଟିସନ ଦାଖଲ କରିଥିବା ଜଣାପଡ଼ିଛି। ପୀତବାସ ହତ୍ୟା ମାମଲାରେ ପୁଲିସ ପିଣ୍ଟୁଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିବା ବେଳେ କୌଣସି ବିଶ୍ୱାସଯୋଗ୍ୟ ତଥ୍ୟ ଓ ପ୍ରମାଣ ଦାଖଲ କରିନଥିବା ପିଟିସନରେ ଅଭିଯୋଗ କରାଯାଇଛି। ତେଣୁ, ପିଣ୍ଟୁଙ୍କ ଗିରଫ ବେଆଇନ ଦର୍ଶାଇ ତାଙ୍କୁ ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ଆବେଦନ କରାଯାଇଛି। ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ବ୍ରହ୍ମପୁର ଜେଲରୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଦାଖଲ ପିଟିସନର ଶୁଣାଣି ହୋଇସାରିଥିବା ବେଳେ ସରକାରୀ ଓକିଲ ରାଜେନ୍ଦ୍ର ସାବତ ଏହାକୁ ବିରୋଧ କରିଥିଲେ। ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସ୍ଥଗିତ ରହିଛି।

ପ୍ରକାଶଯୋଗ୍ୟ, ଏହି ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଆଇନଜୀବୀ ମଦନ ଦଳେଇଙ୍କ ପକ୍ଷରୁ ସେମାନଙ୍କ ଓକିଲ ମଧ୍ୟ ଅନୁରୂପ ପିଟିସନ ଦାଖଲ କରିଥିଲେ। ତେବେ ଏସ୍‌ଡିଜେଏମ୍ କୋର୍ଟଙ୍କର ଏହା କ୍ଷମତା ବାହାରେ ଥିବା ଦର୍ଶାଇ ଉଭୟପିଟିସନକୁ ଖାରଜ କରିଦେଇଥିଲେ। ଉକ୍ତ ରାୟକୁ ହାଇକୋର୍ଟରେ ଚାଲେଞ୍ଜ କରାଯାଇଥିବା ବେଳେ ପିଣ୍ଟୁଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ତଥା ଆଇନଗତ ଲଢ଼େଇ ଜାରି ରହିବ ବୋଲି ତାଙ୍କ ଓକିଲ କୈଳାଶ ପଣ୍ଡା ସ୍ପଷ୍ଟ କରିଛନ୍ତି।

## ରାଜ୍ୟରେ ବଢୁଛି ବିଦେଶୀ ନିଶାଦ୍ରବ୍ୟର ଚାହିଦା

ଭୁବନେଶ୍ୱର,୨୨।୧୧(ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ଗଳିକନ୍ଦିରେ ଗଞ୍ଜେଇ ଓ ବ୍ରାଉନସୁଗର ମିଳିବା ସମସ୍ତଙ୍କ ଚିନ୍ତା ବଢ଼ାଇଲାଣି। ହେଲେ ନିଶା ବେପାରୀଙ୍କୁ ମାତ୍ ଦେବାକୁ ଜାଲ ବିଛାଇଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍)। ଅପରେସନ 'ପ୍ରହାର' ଓ 'ବଜ୍ର' ମାଧ୍ୟମରେ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଚଳାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ଉ କରାଯାଉଛି।

ପ୍ରାପ୍ତ ତଥ୍ୟ ମୁତାବକ, ଗତ ୧୦ ମାସ ମଧ୍ୟରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିଛି ଏସଟିଏଫ୍। ଚଳିତବର୍ଷ ଅକ୍ଟୋବର ମଧ୍ୟରେ ୧୪ କିଲୋ ବ୍ରାଉନସୁଗର ଜବତ ହୋଇଥିବା ବେଳେ ୫୨୪ ଜଣ ନିଶା ମାଫିଆଙ୍କୁ କାବୁ କରିଛି। ସେହିପରି ୧୬୪୧ ନିଶା ବେପାରୀଙ୍କୁ ଗିରଫ କରି ସେମାନଙ୍କଠାରୁ ୧୮୭୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଓ ବ୍ରାଉନସୁଗର ଜବତ ହୋଇଥିବା ବେଳେ ନିଶାଡ଼ିଙ୍କ ଅନ୍ୟତମ ମାଧ୍ୟମ ପାଲଟିଥିବା କଫ୍ ସିରଫ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ମୋଟ ୭୩ ହଜାର ୧୮୧ ବୋତଲ କଫ୍ ସିରଫ ଜବତ ହେବା ସହ ୧୮୧ ଅଭିଯୁକ୍ତ ବନ୍ଧା ହେଲେଣି। ଗତ ଦୁଇ ଦିନ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ ଭୁବନେଶ୍ୱର ଅବକାରୀ ବିଭାଗ ରାଜଧାନୀରୁ ୯ ଶହ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ନୂଆବର୍ଷ ଆସୁଥିବାରୁ ନିଶା ମାଫିଆମାନେ ବସ୍ତିରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଓ ବାର୍‌ଠାରୁ ପବ୍ ଯାଏଁ ଜାଲ ବିଛାଇଲେଣି। କିନ୍ତୁ ନିଶା ମତୁଆଲା ହେଉଛନ୍ତି ରାଜଧାନୀର ଯୁବପିଢ଼ି। ଗତ କିଛିଦିନ ମଧ୍ୟରେ ରାଜଧାନୀରୁ ସିନ୍ଥେଟିକ୍ ଡ୍ରଗ୍ସ ଓ ମାରିଜୁଆନା ଜବତ ହେବାପରେ ଏଭଳି ଘଟଣା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୋଡାଲ ଏଜେନ୍ସି ଭାବେ ଏସଟିଏଫ୍ ଏହି ଘଟଣାର ତଦନ୍ତ କରୁଛି। ବିଦେଶରୁ ଆସୁଥିବା ନିଶାଦ୍ରବ୍ୟରେ

**■ ଡିଆର୍‌ଆଇ, ଏନ୍‌ସିବି ସହ ଯୋଗାଯୋଗରେ ଏସ୍‌ଟିଏଫ୍**
**■ 'ପ୍ରହାର' ଓ 'ବଜ୍ର'ରେ ନିଶା ମାଫିଆଙ୍କ ଅଣ୍ଟା ଭାଙ୍ଗିବାକୁ ପ୍ରୟାସ**

ସେପଟେ କିଛିଦିନ ହେବ ବିଦେଶୀ ନିଶାରେ ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଆରମ୍ଭ କରିଛି ଏସଟିଏଫ୍। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ବେପାରୀଙ୍କ ତାଲିକା କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଜେଲ୍‌ରେ ରହିଛନ୍ତି ଓ କେଉଁମାନେ ବାହାରେ ଅଛନ୍ତି, ସେନେଇ ଯାଞ୍ଚ ଚାଲିଛି। ପୂର୍ବରୁ ଗିରଫ ହୋଇ ଏବେ ଜାମିନରେ ଥିବା ନିଶା ମାଫିଆଙ୍କ ଉପରେ କଡ଼ା ନଜର ରଖାଯାଇଛି। ରୋକ୍ ଲଗାଇବା ପାଇଁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ସହ ଏସଟିଏଫ୍ ଯୋଗାଯୋଗରେ ରହିଛି। ଏୟାରପୋର୍ଟ ଉପରେ ନଜର ରଖିବା ସହ ବିଦେଶରେ ଥିବା ମୂଳ ନିଶା ମାଫିଆଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି। ନିଶା କାରବାର ବିରୋଧରେ ଚାଲିଥିବା ଏହି ଧରପଗଡ଼ ଆଗକୁ ଜୋରଦାର କରାଯିବ ବୋଲି ଏସଟିଏଫ୍‌ର ଅତିରିକ୍ତ ଏସ୍‌ପି ସଞ୍ଜୀବ ଶତପଥୀ କହିଛନ୍ତି।

## ସ୍କୁଟିକୁ ଧକ୍କା ଦେଲା ବସ୍; ୨ ମୃତ

ଭଦ୍ରକ/ତିହିଡ଼ି, ୨୨।୧୧ (ସମିସ): ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ଥାନା ଅଧୀନ ସିନ୍ଦୋଳଠାରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଗୋଲେଖ ଦାସ(୪୫) ଓ ଦୈତାରୀ ପୁହାଣ(୩୮)। ସେମାନଙ୍କ ଘର ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ବାଲିଚତୁରୀ ଗ୍ରାମରେ। ଦୈତାରୀ ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ଭାଇ ବୋଲି ଜଣାଯାଇଛି। ଦୁହେଁ ଅଲେଖ ମେଳାରେ ଯୋଗ ଦେବାକୁ ସ୍କୁଟିରେ ଚାନ୍ଦବାଲି ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ବିପରୀତ ଦିଗରୁ ଆସୁଥିବା 'ହାସାମ' ନାମକ ବସ୍ ସେମାନଙ୍କୁ ସିନ୍ଦୋଳ ନିକଟରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ବହୁ ସଂଖ୍ୟାରେ ଗାଡ଼ି ମଟର ଅଟକି ରହିଛି। ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପୀରହାଟ ଥାନା ଆଇଆଇସି ରୋଜାଲିନ୍ ବେହେରା ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଅତିରିକ୍ତ ତହସିଲଦାର ନମିତା ଧଳ ମଧ୍ୟ ଘଟଣାସ୍ଥଳକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଲୋକେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଖବର ଲେଖା ହେବା ବେଳକୁ ରାସ୍ତାରୋକ ହଟିନଥିଲା।

### ■ ସ୍କୁଲ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

## ୪ ନାବାଳକ ଜେଜେବିରେ ହାଜର

ବ୍ରହ୍ମପୁର, ୨୨।୧୧(ସମିସ): ଏକ ସରକାରୀ ସ୍କୁଲରେ ୯ମ ଶ୍ରେଣୀର ପଢୁଥିବା ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ୪ଜଣ ନାବାଳକଙ୍କୁ ଧରିବା ସହ ଘଟଣାରେ ବ୍ୟବହୃତ ଲୁହା ପଞ୍ଚ୍ ଜବତ କରିଛି। ଶନିବାର ୪ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରୀଙ୍କ ୧୫ ବର୍ଷର ପୁଅ ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲରେ ପଢ଼ନ୍ତି। ଗତ ୨୦ ତାରିଖ ଅପରାହ୍ଣରେ ଉକ୍ତ ଛାତ୍ରଜଣଙ୍କ ସ୍କୁଲରୁ ଘରକୁ ଫେରୁଥିବା ବେଳେ ସମ୍ପୃକ୍ତ ୪ନାବାଳକଙ୍କ ମଧ୍ୟରୁ ଜଣେ ତାଙ୍କୁ ଗାଡ଼ିରେ ବସାଇ ନେଇ ଏମ୍‌କେସିଜି ମେଡିକାଲ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାସ୍ତାରେ ଓହ୍ଲାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ୩ଜଣ ନାବାଳକ ଛିଡ଼ା ହୋଇଥିଲେ। କୌଣସି ବିଷୟକୁ ନେଇ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ସଂଘବଦ୍ଧ ଭାବେ ନାବାଳକଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ।

## ଜଗତସିଂହପୁରରୁ ଫେରାର ବାଂଲାଦେଶୀ ଅଳକୁଣ୍ଡରୁ ଗିରଫ

ବିଞ୍ଝାରପୁର/ପ୍ରୀତିପୁର/ଜଗତସିଂହପୁର, ୨୨।୧୧(ସମିସ): ଜଗତସିଂହପୁର ଜିଲ୍ଲାରେ ବାଂଲାଦେଶୀଙ୍କୁ ଉଚ୍ଛେଦ କରାଯାଉଥିବା ସମୟରେ ପୁଲିସ ଉପରକୁ ଆକ୍ରମଣ ଘଟଣାରେ ସାମିଲ ଥିବା ଦୁଇ ଅଭିଯୁକ୍ତ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରୁ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ, ଜଗତସିଂହପୁର ଥାନା ଅନ୍ତର୍ଗତ ଧନୀପୁର ପଞ୍ଚାୟତ ତରିକୁନ୍ଦ ଗ୍ରାମର ଦୁଇ ଭାଇ ସିକନ୍ଦର ଆଲାମ ଓରଫ ସିକୋ ଓ ଅବଦୁଲ ମୋତିଲିବ ଖାନ ଓରଫ୍ ଟିକି।



ଗତ ୧୬ ତାରିଖରେ ଜଗତସିଂପୁରରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀମାନଙ୍କ ଉଚ୍ଛେଦ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଅଭିଯୁକ୍ତଦ୍ୱୟ ବାଂଲାଦେଶୀମାନଙ୍କୁ ନିଜ ଘରେ ଆଶ୍ରୟ ଦେବା, ନିଜ ଘରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ରଖିବା, ବାଂଲାଦେଶୀ ମାନଙ୍କ ସହିତ ମିଶି ପୁଲିସ ଉପରେ ଆକ୍ରମଣ କରିବା ଭଳି ସଙ୍ଗୀନ ଅପରାଧରେ ସାମିଲ ଥିବା ନେଇ ଜଗତସିଂପୁର ପୁଲିସ ଜାଣିବାକୁ ପାଇଥିଲା। ଜଗତସିଂପୁର ପୁଲିସ ଏହି ଘଟଣାକୁ କେଶ ନଂ ୯୧୨/୨୫ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଦ୍ୱୟ ଘଟଣା ପରଠାରୁ ଫେରାର ରହିଥିଲେ। ଅଭିଯୁକ୍ତଦ୍ୱୟ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରେ ଆତ୍ମଗୋପନ କରିଥିବା ଜଗତସିଂହପୁର ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସ୍ଥାନୀୟ ଆରକ୍ଷୀ ନିରୀକ୍ଷକ ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଓ ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀଙ୍କ ସହ ମିଶି ଶୁକ୍ରବାର ବିଳମ୍ବିତ ରାତିରେ ଅଳକୁଣ୍ଡ ଅଞ୍ଚଳର ସେକ୍ ମୁସଲିମ ଓରଫ ମୋତିଙ୍କ ଘର ଉପରେ ମିଳିତ ଚଢ଼ଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଫେରାର ବାଂଲାଦେଶୀଙ୍କୁ ଏଠାରେ ଶରଣ ଦିଆଯାଇଥିଲା ଏବଂ ଉଭୟଙ୍କ ମଧ୍ୟରେ କ'ଣ ସଂପର୍କ ରହିଛି ପୁଲିସ୍ ତାର ଖୋଳତାଡ଼ କରୁଛି।

### ■ ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲା

## ଚୌଦ୍ୱାର ଜେଲ୍‌କୁ ଯିବେ ଶଙ୍କର, ସହଯୋଗୀ

ବ୍ରହ୍ମପୁର, ୨୨।୧୧(ସମିସ): ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲାର ତଦନ୍ତ ଭାର ବର୍ତ୍ତମାନ ସିବିଆଇ ଅଧୀନରେ ରହିଛି। ଏହି ମାମଲା ସିବିଆଇ ନେବା ପରେ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟରେ ପହଞ୍ଚିବ। ପରେ ବ୍ରହ୍ମପୁର ଜେଲରେ ରହିଥିବା ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତି ଓ ଅନ୍ୟ ଅଭିଯୁକ୍ତଙ୍କ ଠିକଣା ବଦଳିବ ବୋଲି ଜଣାପଡ଼ିଛି। ଚୌଦ୍ୱାରା ଜେଲକୁ ଯିବେ ଶଙ୍କର ଓ ତାର ସହଯୋଗୀ। ଅନ୍ୟପକ୍ଷରେ, ସିବିଆଇ ଡାକିପାରେ ୨ ଜଣ ତଦନ୍ତଧିକାରୀ ଡ଼ିଏସପିଙ୍କୁ। ସେମାନେ ହେଲେ, ବ୍ରହ୍ମପୁର ପୁଲିସ ଜିଲ୍ଲାର ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ ଓ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ। ବ୍ରହ୍ମପୁର ପୁଲିସ ଏହି ରାକେଟର ପର୍ଦ୍ଦାଫାସ୍ କରିଥିଲା। ସେତେବେଳେ ଏହି ଘଟଣାର ତଦନ୍ତ ଅଧିକାରୀ ରହିଥିଲେ ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ। ପରେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିଥିଲା। ସେତେବେଳେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତିଙ୍କ ସମେତ ମୋଟ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥଲେ। ବର୍ତ୍ତମାନ ବ୍ରହ୍ମପୁର ଜେଲରେ ଏସଆଇ ପରୀକ୍ଷା କେଲେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ପ୍ରାଇଭେଟ୍ ଲିମିଟେଡ୍ ମାଲିକ ସୁରେଶ ଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡ, ବିଶ୍ୱରଂଜନ ବେହେରା, ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଅହମ୍ମଦ ଖାନ ଓ ଲୋକନାଥ ସାହୁ ରହିଛନ୍ତି। ଖୁବଶୀଘ୍ର ସିବିଆଇ ଶଙ୍କର, ମୁନା, ଅରବିନ୍ଦ ସମେତ ୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିବ ବୋଲି ଜଣାପଡିଛି। ଅଧିକ ତଥ୍ୟ ଜାଣିବା ପାଇଁ ସିବିଆଇ ଉପରୋକ୍ତ ଦୁଇ ତଦନ୍ତଅଧିକାରୀ ଡିଏସପିଙ୍କୁ ଡାକିପାରେ।


**AFFIDAVIT**

By virtue of an Affidavit no. 6579 sworn before the Executive Magistrate, Puri on 11/11/2025 that I, Madhabi Das, D/o- Shyam Sundar Barik, resident of Dolamandap Sahi, Puri, declare that my correct name is Madhabi Das and date of birth is 11/02/1969 as per my Aadhaar Card. In my Family Pension Record, my name is listed as Madhvi and birth date as 11/02/1968. This is to correct all official records.

**AFFIDAVIT**

By virtue of an affidavit sworn before the Executive magistrate, Tangi Dist :Khordha CA No:651 dated 01/05/2025 , I Ranjit Kumar Pradhan ,S/o Narayan Pradhan resident of Village At- Balipatpur, Po-Bhusandpur,Ps- Tangi, Dist-Khordha,Odisha, Pin-752021.I have changed my name from Ranjay Pradhan to Ranjit Kumar Pradhan.Hence forth, I shall be known as RANJIT KUMAR PRADHAN for all future purposes.

Sd- Ranjit Kumar Pradhan

**NOTICE (for Minor)**

By virtue of an affidavit sworn before The Notary Public, Udala, Mayurbhanj, dated 15-11-2025 I, Janamuni Hembram , Address AT- Pathurikata, PO- Pathurikata, PS- Udala, Dist- Mayurbhanj, PIN-757085 declare that I have changed the name of my daughter from Sakra Beshra to Tejaswini Beshra. Henceforth, she shall be known as Tejaswini Beshra for all purposes.

Janamuni Hembram


### ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

## ଓଡ଼ିଶା ପାଲଟିଛି ଦେଶର ସର୍ବପ୍ରଥମ ସିଲିକନ୍ ସେମି-କଣ୍ଡକ୍ଟର୍ ହବ୍: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର୨୨।୧୧(ସମିସ): ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆଜି ଆୟୋଜିତ ଓଡିଶା ରାଜ୍ୟ ଦିବସ ସମାରୋହର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦଘାଟନ କରିବା ସହିତ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁ ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍ମୋଚନ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଓଡିଶା ମଣ୍ଡପ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ବାର୍ତ୍ତାଳାପ କରି, ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡିଶାକୁ ଆତ୍ମନିର୍ଭର ଓଡିଶାରେ ପରିଣତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ମେକ-ଇନ-ଓଡିଶା କନକ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡିଶା ପ୍ରତି ଆକର୍ଷିତ କରିବା ହେଉ, ଓଡିଶାର ସୁଦକ୍ଷ ଯୁବଗୋଷ୍ଠୀ ଓ ସେମାନଙ୍କ ଷ୍ଟାର୍ଟ-ଅପ ଉତ୍ପାଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରି ଆସିଛି। ଓଡ଼ିଶା ଦେଶର ସର୍ବପ୍ରଥମ ସିଲିକନ୍ ସେମି କଣ୍ଡକ୍ଟର ହବ୍ ପାଲଟିଛି। ପ୍ରତ୍ୟେକ କ୍ଷେତ୍ରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କ ସହ ବହୁ ସରକାରୀ ଅଧିକାରୀ ଓ ବିଜେପି ନେତା ଯୋଗ ଦେଇଥିଲେ।



## ୩ ହଜାର ଟଙ୍କା ଲାଞ୍ଚ: ୧୩ ବର୍ଷ ବିଚାର; ୩ ବର୍ଷ ଜେଲ୍

ଭୁବନେଶ୍ୱର,୨୨।୧୧(ସମିସ): ଏକ ଲାଞ୍ଚ କାରବାର ମାମଲାରେ ୧୩ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଅବସରପ୍ରାପ୍ତ କୃଷି ବିଭାଗର ଯୁଗ୍ମ ସଚିବ ବିଜୟ ଚନ୍ଦ୍ର ମହାପାତ୍ର ଓ ତତ୍କାଳୀନ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ବେଣୁଧର ମହାନ୍ତି। ପାସ୍‌ପୋର୍ଟ ଭେରିଫିକେସନ୍ ପାଇଁ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ନେବା ଅଭିଯୋଗରେ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍।

**■ କୃଷି ବିଭାଗ ପୂର୍ବତନ ଯୁଗ୍ମ ସଚିବ ଦୋଷୀ ସାବ୍ୟସ୍ତ**
**■ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ପିଏସ୍ ବି ଦୋଷୀ**

ସୂଚନା ଅନୁସାରେ ଚାକିରିରେ ଥିବାବେଳେ ଦୁଇ ବରିଷ୍ଠ ଅଧିକାରୀ ଲାଞ୍ଚ ନେଇଥିଲେ। ଦୋଷୀ ସାବ୍ୟସ୍ତ ହେଲା ବେଳକୁ ସେମାନେ ଅବସର ଗ୍ରହଣ କରି ସାରିଛନ୍ତି। ଏଣୁ ତାଙ୍କ ପେନସନ୍ ଅଟକାଇବାକୁ ଭିଜିଲାନ୍ସ ସରକାରଙ୍କୁ ଚିଠି ଲେଖିବ ବୋଲି ସୂଚନା ମିଳିଛି। ରଙ୍ଗଲାଲ୍ ଶଙ୍କର ରାଓ ନାମକ ଜଣେ ବ୍ୟକ୍ତି ତାଙ୍କ ବୋହୂର ତତ୍କାଳ ପାସପୋର୍ଟ ଭେରିଫିକେସନ ଏହି ଦୁଇ ଲାଞ୍ଚୁଆ ଅଧିକାରୀ ପାଖକୁ ଯାଇଥିଲେ। ମାତ୍ର ଭେରିଫିକେସନ ପାଇଁ ସେମାନେ ଲାଞ୍ଚ ମାଗିଥିଲେ। ଶ୍ରୀ ମହାପାତ୍ର ୩ହଜାର ଓ ଶ୍ରୀ ମହାନ୍ତି ୧ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଉଭୟଙ୍କୁ ମାଡି ବସିଥିଲା। ସେବେଠାରୁ ସେମାନଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ଏପିପି ସୌମିତ୍ର ଘୋଷ ମାମଲା ପରିଚାଳନା କରିଥିଲେ।

## ୧୯୨୨ ଗାଡ଼ିର ଯାଞ୍ଚ, ୫ ଲକ୍ଷ ଜରିମାନା

କଟକ,୨୨।୧୧(ସମିସ): କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ପକ୍ଷରୁ ୭ଟି ଜିଲ୍ଲାରେ ହୋଇଥିବା ନାକା ଓ ପାଟ୍ରୋଲିଂ ବେଳେ ଶୁକ୍ରବାର ମୋଟ ୧୯୨୨ଟି ଗାଡିର ଯାଞ୍ଚ କରାଯାଇଛି। ୭ଟି ଜିଲ୍ଲାରେ ମୋଟ ୫ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ପୁରୀରେ ୪୯୫ଗାଡି ଯାଞ୍ଚ ସହ ୨ଲକ୍ଷ୧୩ହହାର ୫୦୦, କଟକରେ ୮୦ଗାଡିରୁ ୨୦ହଜାର୫୦୦, କେନ୍ଦ୍ରାପଡାରେ କୌଣସି ଜରିମାନା ଆଦାୟ କରାଯାଇନାହିଁ। ଖୋର୍ଦ୍ଧାରେ ୮୧ଟି ଗାଡ଼ିରୁ ୮୬ହଜାର୫୦୦ଟଙ୍କା, ନୟାଗଡ଼ରେ ୪୧୬ଟି ଗାଡିରୁ ୭୧ହଜାର ଟଙ୍କା, ଯାଜପୁର ଜିଲ୍ଲାରେ ୪୬୨ଟି ଗାଡିରୁ ୫୧ହଜାର୫୦୦ ଜଗତସିଂହପୁର ଜିଲ୍ଲାରୁ ୩୩ଟି ଗାଡ଼ି ଯାଞ୍ଚ କରାଯାଇ ୫୭ହଜାର ଟଙ୍କା ଜରିମାନା ଆଦାୟ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରର ପ୍ରତ୍ୟାଖ୍ୟାନ...

ପଡିବ ନାହିଁ। ମାତ୍ର କେନ୍ଦ୍ର ଜିଏସଟି ପରିଷଦ କୋଇଲା ଉତ୍ପାଦନ ଉପରେ ଲାଗୁଥିବା ଜିଏସଟି କ୍ଷତିପୂରଣ ସେସ୍ ଟନ ପିଛା ୪୦୦ ଟଙ୍କା ପ୍ରଦାନ ସେପ୍ଟେମ୍ବର ୨୨ ତାରିଖରୁ ବନ୍ଦ କରିଦେଇଛନ୍ତି। ସେହିପରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗତ ଅଗଷ୍ଟ ମାସରେ ଓସିପିଏଲକୁ ସୁନ୍ଦରଗଡ ଜିଲ୍ଲାର ଟାଙ୍ଗରଡିହି ଉତ୍ତର କୋଇଲାଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ନିଲାମରେ ପାଇଥିବା ଖଣି ବ୍ୟାଜ୍ୟାପ୍ତି ହେବାସହ ରାଜ୍ୟର ପ୍ରବଳ ବ୍ୟବସାୟୀକ ଓ ଅର୍ଥନୈତିକ କ୍ଷତି ହେବ। ସେହିପରି ଦକ୍ଷତା ବୃଦ୍ଧିପାଇଁ ଏନଟିପିସି ଏକ ନୂତନ କୋଇଲା କମ୍ପାନୀ ଏନଏମଏଲ (ଏନଟିପିସି ମାଇନିଙ୍ଗ ଲିମିଟେଡ) ଗଠନ କରିଥିବାବେଳେ ଓଡ଼ିଶା ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଥିବା ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବୋଲି ସେ ସେତେବେଳେ ନିଜ ଯୁକ୍ତିରେ ଦର୍ଶାଇଥିଲେ। ଏପରିସ୍ଥଳେ କୋଇଲା ମନ୍ତ୍ରାଳୟର ଉପରୋକ୍ତ ନିଷ୍ପତ୍ତିକୁ ଶ୍ରୀ ମହାପାତ୍ର ସ୍ୱାଗତ କରିଛନ୍ତି।

### ବୁଥ୍‌ୱାରୀ ତଦନ୍ତ...

ନେଇ ଆଲୋଚନା କରାଯାଇଛି। ୬୩ଟି ବୁଥରେ ଶାସକ ଦଳ ବିଭିନ୍ନ କୌଶଳ ପ୍ରୟୋଗ କରି ଲୋକଙ୍କୁ ଭୋଟ୍ ଦେବାକୁ ସୁଯୋଗ ଦେଇ ନାହାନ୍ତି। ବିଭିନ୍ନ ବାଟରେ ସେମାନେ ବିଜେଡିର ଭୋଟକୁ ଜୋର ଜବରଦସ୍ତ ନେଇଛନ୍ତି। ଏ ବିଷୟରେ ଦଳର ସଭାପତି ବିସ୍ତୃତ ଆଲୋଚନା କଲେ। ଖୁବଶୀଘ୍ର ଦଳ ଏ ନେଇ ପ୍ରତ୍ୟେକ ବୁଥ୍‌ୱାରୀ ତଦନ୍ତ, ତର୍ଜମା କରିବ। ଯେଭଳି ଭାବେ ସେମାନେ ଅନ୍ୟାୟ, ଅନୀତି ଦ୍ୱାରା ବିଜେଡିର ଭୋଟ ନେଇଛନ୍ତି, ତାହାକୁ ନେଇ ସାରା ଓଡ଼ିଶାବାସୀ ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ବାକି ଥିବା ସାଂଗଠନିକ ପ୍ରକ୍ରିୟାକୁ ଶେଷ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ସଂଗଠନକୁ ସୁଦୃଢ଼ କରିବା ପାଇଁ ସଭାପତି ଏକାଧିକ ପରାମର୍ଶ ଦେଇଥିବା ପ୍ରମିଳା କହିଛନ୍ତି। ଅପରପକ୍ଷେ ଆସନ୍ତା ଶୀତ ଅଧିବେଶନରେ ଦଳର ଆଭିମୁଖ୍ୟ ସମ୍ପର୍କରେ ମଧ୍ୟ ବୈଠକରେ ସମ୍ୟକ୍ ଆଲୋଚନା ହୋଇଛି। ଅଧିବେଶନରେ ଦଳ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକ ଅତି ଶାଣିତ ଭାବରେ ଉତ୍ଥାପନ କରିବ ବୋଲି ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ବୈଠକରେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ନିରଞ୍ଜନ ପୂଜାରୀ, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର ମଠର ୫୬୭ ଖଣ୍ଡ ରୁପା ଇଟା

ପୁରୀ,୨୨।୧୧(ସମିସ): କ'ଣ ହେବ ଏମାର ମଠରୁ ମିଳିଥିବା ୫୬୭ ଖଣ୍ଡ ରୁପା ଇଟାର ଭାଗ୍ୟ? ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଫେରିବ ନା ସେମିତି ପୁଲିସ ଅସ୍ତ୍ରାଗାର ଏବଂ ଜିଲ୍ଲା ଟ୍ରେଜେରୀରେ ରହିଯିବ? ଏମିତି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହି ରୁପାଇଟା ଶ୍ରୀମନ୍ଦିର ଅଧୀନକୁ ଫେରିବ ବୋଲି ସମ୍ଭାବନା ଦେଖାଦେଇଛି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ଆଲୋଚନା ହୋଇଥିବା ବେଳେ ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

**■ ୨୦୧୧ରେ ୫୨୨ ଓ ୨୦୨୧ରେ ମିଳିଥିଲା ୪୫ ଖଣ୍ଡ**
**■ ପୁଲିସ ଅସ୍ତ୍ରାଗାର ଓ ଜିଲ୍ଲା ଟ୍ରେଜେରୀରେ ରହିଛି ରୁପା ଇଟା**

ଅତୀତରେ ଓଡ଼ିଶାର ସବୁଠୁ ଧନୀ ତଥା ବିତ୍ତଶାଳୀ ମଠ ଭାବେ ପରିଚିତ ଥିଲା ଏମାର ମଠ। ପ୍ରାୟ ୯୦୦ ବର୍ଷ ତଳର ଏହି ମଠ ବିପତ୍ତି ସମୟରେ ସହଯୋଗ ଓ ସହାୟତାର ହାତ ବଢାଉଥିଲା। ୨୦୧୧ ମସିହାରେ ଶ୍ରୀ ସମ୍ପ୍ରଦାୟର ଏହି ମଠ ରୁପା ଇଟାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସେତେବେଳେ ମଠରୁ ମିଳିଥିଲା ୫୨୨ ଖଣ୍ଡ ରୁପା ଇଟା। ୧୦ ବର୍ଷ ପରେ ୨୦୨୧ ଏପ୍ରିଲ ୧୦ ତାରିଖରେ ପୁଣିଥରେ ରୁପା ଇଟାକୁ ନେଇ ଚର୍ଚ୍ଚାକୁ ଆସିଥିଲା ଏହି ମଠ। କାରଣ ମଠରୁ ମିଳିଥିଲା ଆହୁରି ୪୫ ଖଣ୍ଡ ରୁପା ଇଟା।

କୋଟି କୋଟି ଟଙ୍କା ମୂଲ୍ୟର ଏହି ରୁପାଇଟା ସମ୍ପର୍କରେ ଜାଣିବାକୁ ହେଲେ ମନେ ପକାଇବାକୁ ପଡିବ ୨୦୧୧ ମସିହା କଥା। ସେତେବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମଠର ଦୁଇଟି କୋଠରି ମରାମତି ଚାଲିଥିଲା। ସେଥିରେ ନିୟୋଜିତ ଠିକାଦାର ଏବଂ ଶ୍ରମିକ ମଠର ସିନ୍ଦୁକ ଭାଙ୍ଗି ରୁପାଇଟା ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଖୋଳତାଡ। ଢେଙ୍କାନାଳର ଜଣେ ବ୍ୟକ୍ତିଙ୍କଠାରୁ ରୁପାଇଟା ଜବତ ହେବା ପରେ ସିଂହଦ୍ୱାର ପୁଲିସ ଗୋଟିଏ କୋଠିରରେ ଥିବା ସିନ୍ଦୁକରୁ ୫୨୨ ଖଣ୍ଡ ରୁପାଇଟା (ସେତେବେଳେ ଆନୁମାନିକ ମୂଲ୍ୟ ପ୍ରାୟ ୯୦ କୋଟି ଟଙ୍କା) ଜବତ କରିଥିଲା। ସେହି ରୁପାଇଟାଗୁଡ଼ିକ ବ୍ରିଟିଶ ଅମଳର ବୋଲି ଜଣାପଡ଼ିଥିଲା। ଆଇନଗତ ବିବାଦରେ ଛନ୍ଦି ହେବା ପରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାହାକୁ ଜିଲ୍ଲା ପୁଲିସ ଅସ୍ତ୍ରାଗାରରେ ରଖାଯାଇଛି। ହେଲେ ୧୪ବର୍ଷ ପରେ ବି ଏହାର ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିପାରି ନାହିଁ। ଇତିମଧ୍ୟରେ ୧୦ରୁ ଅଧିକ ତଦନ୍ତ ଅଧିକାରୀ ଓ ଏସ୍‌ପି ଏଠାରୁ ଅନ୍ୟତ୍ର ବଦଳି ହୋଇସାରିଲେଣି। ମାତ୍ର ରୁପା ଇଟା ଏବେ ବି ରହସ୍ୟମୟ ହୋଇପଡ଼ିଛି। ଏହି ଘଟଣାରେ ପୁଲିସ କେବଳ ଢେଙ୍କାନାଳର ଦୁଇଜଣ ଶ୍ରମିକ, ମଠ ମହନ୍ତ, ଚେଲା, ଜୁଏଲାରୀ ମାଲିକ ଓ କିଛି ବ୍ୟବସାୟୀଙ୍କୁ ଗିରଫ କରିଥିବା ବେଳେ ପ୍ରସଙ୍ଗକୁ ଏବେ ପ୍ରାୟ ଭୁଲିଯିବାକୁ ଲାଗିଲେଣି।



ସେହିପରି ୨୦୨୧ ଏପ୍ରିଲ ୧୦ ତାରିଖରେ ନୂତନ ଟ୍ରଷ୍ଟବୋର୍ଡକୁ ମଠ ପରିଚାଳନା ଦାୟିତ୍ୱ ହସ୍ତାନ୍ତର ସମୟରେ ମହନ୍ତଙ୍କ ଜିମା ଦିଆଯାଇଥିବା ଜିନିଷପତ୍ରକୁ ପୂର୍ବ ତାଲିକା ସହ ମେଳକ କରାଯାଉଥିଲା। ଏହି ସମୟରେ ମଠର ଏକ ବନ୍ଦ କୋଠରିର ପୋତାଯାଇଥିବା ୪୫ ଖଣ୍ଡ ରୁପା ଇଟା ଖୋଳି ବାହାର କରାଯାଇଥିଲା। ପରେ ଏହାକୁ ଜିଲ୍ଲା ଟ୍ରେଜେରୀକୁ ନିଆଯାଇ ରଖାଯାଇଛି।

ବିଭିନ୍ନ ସମୟରେ ଏମାର ମଠରୁ ମିଳିଥିବା ରୁପା ଇଟାକୁ ଶ୍ରୀମନ୍ଦିର ଅଧୀନକୁ ଆଣିବାକୁ ଦାବି ଉଠିଛି। ଏହି ପ୍ରସଙ୍ଗକୁ ଗୁରୁତର ଭାବେ ଗ୍ରହଣ କରିଛି ଶ୍ରୀମନ୍ଦିର ପରିଚାଳନା କମିଟି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଥିଲେ ଯେ, ଏମାର ମଠରୁ ଉଦ୍ଧାର ରୁପା ଇଟା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ରୁପା ଇଟା କିଭଳି ମହାପ୍ରଭୁଙ୍କ ଅଧୀନକୁ ଆସିବ ସେ ନେଇ ରାଜ୍ୟ ସରକାରଙ୍କ ସ୍ତରରେ ମଧ୍ୟ ଆଲୋଚନା ହୋଇଛି। ଏ ନେଇ ପ୍ରକ୍ରିୟା ଚାଲିଛି। ନିୟମ ଅନୁସାରେ ମନ୍ଦିର ପ୍ରଶାସନ ଅଧୀନକୁ ଏହି ରୂପା ଇଟା ଅଣାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢୀ।


**AFFIDAVIT**

By virtue of an affidavit of Notary Public, Morada on dtd- 19/11/2025. It is declared and inform that my name Yasmita Mohanta has been sending by unique identification department by Aadhaar, India. Actually, my correct name is Jasmita Mohanta. Only letter should change J instead of Y whether all address has correct and same. As per guideline of Aadhar India. The paper advertisement and affidavit should submit in the Janaseva Kendra for the further publication of my Aadhar card. My Aadhaar No. is 381527519472.

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

• **B. Pharm**
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)

• **D. Pharm**
Rs. 48,000/- P.A.
Eligibility: +2 Sc. (PCB/M)

• **B.M.L.T.**
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)

• **D.M.L.T.**
Rs. 48,000/- P.A.
Eligibility: +2 Sc. Pass (PCB/M)

• **M.P.H.**
Rs. 42,000/- P.A.
Eligibility: Any Graguate

ALL COURSE FEES ARE EXCLUDING HOSTEL

## କିଡ୍‌ନୀ ରୋଗର ଗାଁ ଗୁଡଭେଲିପଦର୍

# ପୁଣି ଜଣଙ୍କ ମୃତ୍ୟୁ; ବର୍ଷକରେ ମଲେଣି ୫

ଶଗଡା,୨୨।୧୧(ସମିସ)



● ପରିଦର୍ଶନରେ ସୀମିତ ତଦନ୍ତ; ପ୍ରତିଶେଧକ ବ୍ୟବସ୍ଥା କେବେ?

● ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦାବି

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର ଗ୍ରାମରେ କିଡ୍‌ନୀ ରୋଗ ନିଜର କାୟା ବିସ୍ତାର କରିବାରେ ଲାଗିଛି। ଯାହାଫଳରେ ଏବେ ଏହି ଗାଁ କିଡ୍‌ନୀ ରୋଗର ଗାଁ ଭାବେ ପରିଗଣିତ ହୋଇଛି। ଗତ ବର୍ଷକ ମଧ୍ୟରେ ୫ ଜଣଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିବା ବେଳେ ଶନିବାର ପୁଣି ଆଉ ଜଣଙ୍କ ମୃତ୍ୟୁ ହୋଇଛି। ଏହାବ୍ୟତିତ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଅନ୍ୟପଟରେ ଏଦିଗରେ ପ୍ରଶାସନ କି ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି। ଆଉ କେତେଜଣଙ୍କ ଜୀବନ ଗଲେ ସ୍ୱାସ୍ଥ୍ୟ ବିଭାଗ ଚେତିବ; ଗାଁରେ କିଡନୀ ରୋଗର ପ୍ରତିଶେଧକ ବ୍ୟବସ୍ଥା କେବେ ହେବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନାନୁଯାୟୀ, ଗତ ଅଗଷ୍ଟ ମାସ ୧୦ ତାରିଖରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗ୍ରାମର ଶିବାଦତ୍ୟ ସାହୁ (୩୦)ଙ୍କ ମୃତ୍ୟୁ ହୋଇଥିଲା। ଆଜି ପୁଣି ଗ୍ରାମର ଗଣେଶ ମେହେରଙ୍କ(୪୫) ଏହି ରୋଗରେ ମୃତ୍ୟୁ ହୋଇଛି। ଚଳିତ ବର୍ଷେ ଭିତରେ ଏହି କିଡ୍‌ନୀ ରୋଗରେ ଗ୍ରାମର ୫ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି। ବର୍ତ୍ତମାନ ଗ୍ରାମର ଅଧିକାଂଶ ପରିବାରରେ ଏହି କିଡ଼ନୀ ରୋଗ ବ୍ୟାପିଛି। ପ୍ରତ୍ୟେକ ବର୍ଷ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ବେଳେ ତଦଅନୁରୂପ ମୃତକଙ୍କ ସଂଖ୍ୟା ମଧ୍ୟ ବଢୁଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଗ୍ରାମକୁ ପରିଦର୍ଶନରେ ଆସି ମୃତକଙ୍କ ଘରକୁ ଯାଇ କେବଳ ପରିବାର ଲୋକଙ୍କ ସହ କଥାବାର୍ତ୍ତା ହୋଇ ନିଜ କର୍ତ୍ତବ୍ୟ ସାରି ଦେଉଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମରେ କିଡ଼ନୀ ରୋଗ ମହାମାରୀ ରୂପ ନେଇଥିବା ବେଳେ ଗତ ୨ ମାସ ପୂର୍ବେ ଜଳ ଓ ପରିମଳ ବିଭାଗ ଟିମ ଆସି ଗ୍ରାମରେ ବୁଲି ଜଳ ଉତ୍ସର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଇଥିବା ସଂପୃକ୍ତ ଯନ୍ତ୍ରୀ କହିଛନ୍ତି।

ହେଲେ ଏଯାଏଁ ଜଳ ପରୀକ୍ଷାର ରିପୋର୍ଟ ନ ମିଳିବା ଗ୍ରାମବାସୀଙ୍କୁ ବିସ୍ମିତ କରିଛି। ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ଗ୍ରାମକୁ ଅଣଦେଖା କରିବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନର ନୀରବତା ଗ୍ରାମବାସୀଙ୍କ ଭୟକୁ ଦ୍ୱିଗୁଣିତ କରିଛି। ଆହୁରି ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ୨ ମାସ ମଧ୍ୟରେ ଗାଁକୁ ଆସି ଲୋକଙ୍କ ୩ ଥର ହେଲା ସ୍ୱାସ୍ଥ୍ୟ ପରୀକ୍ଷା କରି ସାରିଲେଣି। ହେଲେ ଗ୍ରାମବାସୀଙ୍କୁ ଏଯାଏଁ ଔଷଧ ପ୍ରଦାନ ତ ଦୂରର କଥା, ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷାର ରିପୋର୍ଟ ମିଳିପାରି ନାହିଁ। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଗ୍ରାମକୁ ଆସି ଜଳ ଉତ୍ସ ତଦାରଖ, ପାନୀୟ ଜଳ ପରୀକ୍ଷା, ନମୁନା ସଂଗ୍ରହ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସହ କିଡ଼ନୀ ରୋଗର ସମ୍ପୂର୍ଣ୍ଣ ନିରାକରଣ କରିବା ଦିଗରେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। କିଡ଼ନୀ ରୋଗର ନିରାକରଣ ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ଦିଗରେ ଖୁବଶୀଘ୍ର ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମୃତକଙ୍କ ପୁଅ ଅଜିତ ମେହେର କଡା ଚେତାବନୀ ଦେଇଛନ୍ତି। ଗରିବ ପରିବାର ହୋଇଥିବାରୁ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

● ତିଳପଙ୍ଗା ଗ୍ରାମରେ ଗୁଳିମାଡ଼ ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ଭିଣୋଇର ମୃତ୍ୟୁ

ଶଗଡା,୨୨।୧୧(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ତିଳପଙ୍ଗା ଗ୍ରାମରେ ଶଳାର ଗୁଳି ମାଡ଼ରେ ଭିଣୋଇ ଗୁରୁତର ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଆଜି ଗୁରୁତର ଭିଣୋଇର ମୃତ୍ୟୁ ହୋଇଛି। ମୃତକ ଜଣକ ବାଉଁଶୁଣି ଥାନା ଗୁଡ଼ପଡା ଗ୍ରାମର ବ୍ୟୋମକେଶ ଖଟୁଆ। ସୂଚନାନୁଯାୟୀ, ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ତିଳପଙ୍ଗା ଗ୍ରାମର ନିଜ ଶଶୁର ଘରକୁ ଆସିଥିବା ବାଉଁଶୁଣି ଥାନା ଗୁଡ଼ପଡା ଗ୍ରାମର ବ୍ୟୋମକେଶ ଖଟୁଆଙ୍କୁ ଉତ୍ତ୍ୟକ୍ତ ହୋଇ ନିଜ ଶଳା ଗୁଳିମାଡ଼ କରିଥିଲା। ଗୁଳିମାଡ଼ରେ ଗୁରୁତର ହୋଇ ବ୍ୟୋମକେଶଙ୍କୁ ପ୍ରଥମେ ବାଉଁଶୁଣି, ପରେ ସୋନପୁର ଓ ତାପରେ ଅବସ୍ଥା ସଂକଟାପନ୍ନ ହେବାରୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ବ୍ୟୋମକେଶଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ମନମୁଣ୍ଡା ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଗୁଳିମାଡ଼ କରିଥିବା ଅଭିଯୁକ୍ତକୁ ଆଜି ଗିରଫ କରିଛି।

## ପାନୀୟ ଜଳ ପାଇଁ ଡହଳ ବିକଳ ୫ ଗ୍ରାମବାସୀ

● ୩ ଦିନ ହେଲା ଜଳ ଯୋଗାଣ ବନ୍ଦ

ଶଗଡା,୨୨।୧୧(ସମିସ): କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦେଉଳି, ସୁବର୍ଣ୍ଣପାଲି, ମନମୁଣ୍ଡା, ବାସୁଦେବ ପାଲି ଓ ନୁର୍ପା ଗ୍ରାମରେ ଗତ ୩ ଦିନ ହେବ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଛି। ପିଇବା ପାଣି ଟୋପାଏ ପାଇଁ ୫ଖଣ୍ଡ ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାନୁସାରେ ମନମୁଣ୍ଡା ତେଲ ନଦୀ କୂଳରେ ସ୍ଥାପିତ ମେଗା ଜଳ ପ୍ରକଳ୍ପରୁ ଉକ୍ତ ୫ ଖଣ୍ଡ ଗ୍ରାମକୁ ପାନୀୟ ଜଳ ଯୋଗାଣ କରାଯାଉଥିଲା। ହେଲେ ଉକ୍ତ ପ୍ରକଳ୍ପରେ ନିୟୋଜିତ ଅପରେଟର ଗତ କିଛି ମାସ ହେଲା ନିଜର ଦରମା ପାଇ ନ ଥିବାରୁ ମୋଟର ଚଳାଉ ନ ଥିବାରୁ ଜଳ ଯୋଗାଣ ବନ୍ଦ ହୋଇଥିବା ଜଣାପଡିଛି। ସରକାର ପ୍ରତ୍ୟେକ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗ୍ରାମବାସୀଙ୍କ ପାନୀୟ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ ପ୍ରକଳ୍ପରୁ ଗ୍ରାମକୁ ପାଣି ଯୋଗାଣ କରିବାକୁ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି।

## ବିଦ୍ୟାଳୟ ସ୍ତରୀୟ ଆଦର୍ଶ ଯୁବ ଗ୍ରାମସଭା

ତରଭା,୨୨।୧୧(ସମିସ): ପଞ୍ଚାୟତସ୍ତରୀୟ ଶାସନ ବ୍ୟବସ୍ଥା ସମ୍ପର୍କରେ ଯୁବ ସମାଜକୁ ଅବଗତ କରାଇବା ସହ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଶନିବାର ବିଦ୍ୟାଳୟସ୍ତରୀୟ ଆଦର୍ଶ ଯୁବ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ ସାମକୁଓରଙ୍କ ଅଧ୍ୟକ୍ଷତା ତଥା ଭୂଗୋଳ ଶିକ୍ଷକ ବିକ୍ରମ କେଶରୀ ଭୋଇ ଓ ସାମାଜିକ ବିଜ୍ଞାନ ଶିକ୍ଷକ ଡ଼ ରବିଶଙ୍କର ଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରଗଜ ପଞ୍ଚାୟତର ସରପଞ୍ଚ ନର୍ମଦା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ଗ୍ରାମସଭାରେ ଛାତ୍ରୀ ସୁପ୍ରଭା ପ୍ରଧାନ ସରପଞ୍ଚ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଛାତ୍ରୀ ପ୍ରିୟଶ୍ରୀ ମେହେର ପିଇଓ ଦାୟିତ୍ୱ ତୁଲାଇଥିଲେ। ଅନ୍ୟାନ୍ୟ ଅଧିକାରୀ ଭୂମିକାରେ ଛାତ୍ରୀ ସମ୍ଭାବନା ପୂଜାହାରୀ, ଶୁଭଶ୍ରୀ ବାଗ, ଋତୁପର୍ଣ୍ଣା ହୋତା, ରତିମୁକ୍ତା ନାଏକ, ଦୀପ୍ତିମୟୀ ପଧାନ, ଛାତ୍ର ଗଜାନନ ଚୌହାନ, ରିତେଶ ନାଏକ, ଶେଖର ସୁମନ ସାହୁ, ଉଜ୍ୱଳ ଝା, ରୋହିତ ମାଝୀ, କ୍ଷୀରୋଦ ନାଏକ, ଅପୂର୍ବ ଝା ପ୍ରମୁଖ ଯୋଗଦେଇ ଖୁବ ସୁନ୍ଦର ଭାବେ ଗ୍ରାମସଭା ପରିଚାଳନା କରିଥିଲେ। ଅନ୍ୟ ଛାତ୍ରଛାତ୍ରୀ ଗ୍ରାମବାସୀ ଭାବେ ଯୋଗଦେଇ ଅଧିକାରୀଙ୍କ ସମ୍ମୁଖରେ ଗ୍ରାମର ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହ ତାହାର ସମାଧାନ ପାଇଁ ଅନୁରୋଧ କରିଥିଲେ। ବିଦ୍ୟାଳୟର କନିଷ୍ଠ ସଚିବାଳୟ ସହାୟକ ଶଙ୍କର୍ଷଣ ସାହୁ ପଞ୍ଚାୟତସ୍ତରୀୟ ଗ୍ରାମସଭାର ଉଦ୍ଦେଶ୍ୟ କବିତା ମାଧ୍ୟମରେ ପଢି ଶୁଣାଇଥିଲେ। ଶିକ୍ଷକ ସୂର୍ଯ୍ୟପ୍ରକାଶ ମହାନ୍ତି, ପ୍ରଦୀପ ପଟେଲ, ରାକେଶ ଭୋଇ, କାର୍ଯ୍ୟାଳୟ ଅଧିକ୍ଷକ ରତ୍ନାକର ମାଝୀ, କେଟରିନ ସୁପର ଭାଇଜର ଫୈଜଲ ପରବେଶଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ଶ୍ରୀ ଭୋଇ ଧନ୍ୟବାଦ ଦେଇଥିଲେ।

## ବାଗବର ସ୍କୁଲରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ବୀରମହାରାଜପୁର,୨୨।୧୧(ସମିସ): ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଗବରଠାରେ ବିଦ୍ୟାଳୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନମେଳା ଆୟୋଜିତ ହୋଇଯାଇଛି। ଏହି ମେଳାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବିଷୟ ଭିତ୍ତିରେ ପନ୍ଦରଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶ ମୁଖ୍ୟଅତିଥି ତଥା ବିଜ୍ଞାନ ନୀରିକ୍ଷକ ଭାବରେ ଯୋଗଦେଇଥିଲେ। ଅନ୍ୟତମ ନୀରିକ୍ଷକ ଭାବରେ ଜଟେସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କେଶବ ନାୟକ ଯୋଗଦେଇ ପ୍ରକଳ୍ପ ସବୁର ମୂଲ୍ୟାୟନ କରିଥିଲେ। ଶିକ୍ଷକ ସୁରେନ୍ଦ୍ର କୁମାର ଓତା, ଶିକ୍ଷୟିତ୍ରୀ ଗୌରୀ କୁମୁରା, ମୌସୁମୀ ଭୋଇ ସହଯୋଗ କରିଥିଲେ। ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



ବୌଦ୍ଧ,୨୨।୧୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଚଳିତ ଖରିଫ ୨୫-୨୬ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡ଼ିସେମ୍ବର ୧୬ ତାରିଖରେ କଣ୍ଟାମାଳ ବ୍ଲକ୍ ଓ ୨୩ ତାରିଖରେ ବୌଦ୍ଧ ଓ ହରଭଙ୍ଗା ବ୍ଲକ୍‌ରେ ଧାନମଣ୍ଡି ଖୋଲିବା ନେଇ କମିଟିରେ ଆଲୋଚନା ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଣ୍ଟାମାଲ୍ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଯୋଗଦେଇ ଚଳିତ ବର୍ଷ ଜିଲ୍ଲାରେ ହେବାକୁ ଥିବା ଧାନ ସଂଗ୍ରହ କିପରି ସୁରୁଖୁରୁରେ ହେବ ସେନେଇ ଆଲୋଚନା କରିଥିଲେ। ଯେପରି ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ ଚାଷୀ ଠିକ୍ ଭାବେ ବିକ୍ରୟ କରିପାରିବେ ସେନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗ ଦେଇଥିଲେ। ଆସନ୍ତା ୧୬ ତାରିଖ ପୂର୍ବରୁ ମଣ୍ଡିରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ଉପଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା ଜିଲ୍ଲାରେ ଧାନ କିଣା ସମ୍ପର୍କରେ ସୂଚନା ଦେଇଥିଲେ। ଆଜିର ଏହି ବୈଠକରେ ଜିଲ୍ଲାର ସମସ୍ତ ମିଲର, ବିଭାଗୀୟ ଅଧିକାରୀଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ସେପଟେ ମିଲର୍‌ମାନଙ୍କ ପାଖରେ ଚାଉଳ ଗଚ୍ଛିତ ଥିବା ବେଳେ ତାର ସମାଧାନ ପାଇଁ ବୌଦ୍ଧ ବିଧାୟକ ଆଲୋଚନା କରିଥିଲେ।

## ତମାଖୁ ମୁକ୍ତ ଅଭିଯାନ: ମାୟାବର୍ହା ହାଇସ୍କୁଲ ପୁରସ୍କୃତ




ଡୁଙ୍ଗୁରିପାଲି,୨୨।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାୟାବର୍ହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ତମାଖୁ ମୁକ୍ତ ଅଭିଯାନ ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ମାୟାବର୍ହା ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପୌରବି କର୍ମୀ ଛାତ୍ରଛାତ୍ରୀଙ୍କୁ ତମାଖୁରୁ ଦୁରେଇ ରହି ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଦ୍ଦେଶ୍ୟରେ ସାମୁହିକ ଶପଥ ପାଠ କରାଇଥିଲେ। ପରେ ଛାତ୍ରଛାତ୍ରୀ, ଶିକ୍ଷକ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡ଼ି ଓ ଆଶାକର୍ମୀ ବିଭିନ୍ନ ପ୍ଲା କାର୍ଡ ଧରି ମାୟାବର୍ହା ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରାଜୁ ମେହେର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସ୍ୱାସ୍ଥ୍ୟ କର୍ମୀ ପୂର୍ଣ୍ଣିମା ବଢେଇ, ଆଶାକର୍ମୀ ସୁବର୍ଣ୍ଣ ନାଏକ, ଅଙ୍ଗନବାଡ଼ି କର୍ମୀ ବଲ୍ଲବି ବନଛୋର, ଶିକ୍ଷକ ମନୋଜ ପୂଜାରୀ, ନନ୍ଦିଘୋଷ ବାରିକ, କିରଣ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମାୟାବର୍ହା ହାଇସ୍କୁଲକୁ ମାନପତ୍ର ଓ ଟ୍ରଫି ଦେଇ ନିଶା ମୁକ୍ତ ବିଦ୍ୟାଳୟ ଭାବରେ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ମିନକେତନ ଦାସ, ସୁରଜ୍ ଖମାରୀ, ସମୀର କଠାର ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ମନମୁଣ୍ଡା,୨୨।୧୧(ସମିସ): ମନମୁଣ୍ଡା ଖେଳ ପଡିଆରେ ଆଜି ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମିଳିତ ଆନୁକୁଲ୍ୟରେ ବୌଦ୍ଧ ସିଡିଭିଓ ଡା. ରାମା ରାଓ ପାଲୋଙ୍କ ଅଧ୍ୟକ୍ଷତାରେ ଏବଂ ମନମୁଣ୍ଡା ପ୍ରାଣୀ ଚିକିତ୍ସକ ଡା. ସୂର୍ଯ୍ୟସ୍ମିତା ରଥ ଏବଂ କଣ୍ଟାମାଳ ପ୍ରାଣୀ ଚିକିତ୍ସକ ସିମାରାଣି ବାଘଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମେଳାରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜୋନ ନଂ ୧ ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ଜୋନ ନଂ୨ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ମନମୁଣ୍ଡା ଓମ୍ଫେଡ ସଭାପତି ଶିବ ପ୍ରସାଦ ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶ୍ରୀ ଦ୍ରୋପଦି ମାଝି, ପ୍ରାଣୀ ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ଡା. ଶ୍ରୀମନ୍ତ କୁମାର ନନ୍ଦ, ପ୍ରାଣୀ ଚିକିତ୍ସାଳୟର ପ୍ରାଧ୍ୟାପକ ଡାକ୍ତର ଜାଜ୍ଞସେନି ମେହେର, ମତ୍ସ୍ୟ ବିଭାଗ ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ କହଁର ପ୍ରମୁଖ ଅଧିକାରୀଗଣ ମଞ୍ଚାସୀନ ରହିଥିଲେ। କଣ୍ଟାମାଳ ପ୍ରାଣୀ ଚିକିତ୍ସକ ଡା. ବିମଳ କୁମାର ଚୌଧୁରୀ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଡ଼ାଙ୍ଗ ଧାନ ଚାଷ ବ୍ୟତୀତ ଚାଷୀମାନଙ୍କ ଆର୍ଥିକ ସ୍ଥିତି ବୃଦ୍ଧି ଓ ସ୍ୱାବଲମ୍ବୀ ହେବା ପାଇଁ ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଉପରେ ଗୁରୁତ୍ୱ ସହ କାମ କରୁଥିବା କହିଥିଲେ। ଏହି ଅବସରରେ ଅନେକ ଚାଷୀମାନଙ୍କୁ କାର୍ଯ୍ୟାଦେଶ ଏବଂ ମାନପତ୍ର, ଉତ୍ତରୀୟ ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀ ଉପରେ ୧୨ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ଷ୍ଟଲ ପରିଦର୍ଶନ କରିବା ସହ ଗୋ ପୂଜା କରିଥିଲେ। ଏତଦବ୍ୟତୀତ ଓଡ଼ିଶା ରାଜ୍ୟସ୍ତରୀୟ ଇଲେକ୍ଟ୍ରୋ ହୋମିଓପାଥି ସଂଘ ତରଫରୁ ଜୈବ ପ୍ରତିରୋଧକ ସପ୍ତାହ ପାଳନ ଉପଲକ୍ଷେ ଗୋରୁମାନଙ୍କୁ ଏଲୋପଥି ବଦଳରେ ବିକଳ୍ପ ସ୍ୱରୂପ ଆୟୁର୍ବେଦ, ହୋମିଓପଥି ଇତ୍ୟାଦି ଚିକିତ୍ସା ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ଶେଷରେ କବି ଡ. ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପଞ୍ଚାୟତରାଜ ଅତିରିକ୍ତ ସଚିବଙ୍କ ହରଭଙ୍ଗା ପରିଦର୍ଶନ



ହରଭଙ୍ଗା,୨୨।୧୧(ସମିସ): ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ଗୀତାଞ୍ଜଳୀ ନାଏକ ରବିବାର ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ହରଭଙ୍ଗା ବ୍ଲକ୍‌ର ତିନୋଟି ପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନାରେ ପକ୍କାଘର ସବୁ ପରିଦର୍ଶନ କରିଛନ୍ତି। ଅତିରିକ୍ତ ସଚିବ ବ୍ଲକର ଧଲପୁର, ତିଳେଶ୍ୱର ଏବଂ ଲୁଣିବାହାଲ ଭଳି ତିନୋଟି ପଞ୍ଚାୟତ ପରିଦର୍ଶନ କରିବା ସହିତ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପକ୍କାଘର ଗୁଡିକ କିପରି ସମ୍ପୂର୍ଣ୍ଣ ହେବ ସେ ଦିଗରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ଘର ସମ୍ପୂର୍ଣ୍ଣ କରିବାକୁ ହିତାଧିକାରୀମାନଙ୍କୁ ବୁଝାଇଥିଲେ। ଆଜି ଅତିରିକ୍ତ ସଚିବଙ୍କ ପରିଦର୍ଶନ ସମୟରେ ତାଙ୍କ ସହିତ ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ, ସମ୍ପୃକ୍ତ ପଞ୍ଚାୟତର ଯନ୍ତ୍ରୀ, ପିଇଓ, ଏଡିଇଓମାନେ ଉପସ୍ଥିତ ଥିଲେ। ପରିଦର୍ଶନ ପରେ ବୌଦ୍ଧ ପହଞ୍ଚି ବିଡିଓମାନଙ୍କ ସହିତ ବୈଠକ କରିଥିବା ସୂଚନା ମିଳିଛି।

## ଜିଲ୍ଲା କଲ୍‌ଚରାଲ ଏକାଡେମୀର କାର୍ଯ୍ୟକାରିଣୀ କମିଟି ବୈଠକ

ବୌଦ୍ଧ,୨୨।୧୧(ସମିସ): ବୌଦ୍ଧ ଜିଲ୍ଲା କଲ୍‌ଚରାଲ ଏକାଡେମୀ ତରଫରୁ କାର୍ଯ୍ୟକାରିଣୀ କମିଟିର ବୈଠକ ଆଜି ଟୁଟୁସିଙ୍ଗା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏକାଡେମୀର ସଭାପତି ଧ୍ରୁବ ଚରଣ ଘିବେଲା ପୌରହିତ୍ୟ କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟମାନଙ୍କ ନିଷ୍ପତ୍ତି ଅନୁଯାୟୀ ୨୦୨୫ ମସିହାର ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ମନୋନୟନ କରାଯାଇଥିଲା। ବିବେକାନନ୍ଦ ପଟ୍ଟନାୟକ ସାହିତ୍ୟ ପୁରସ୍କାର ପଦରପଡ଼ାର ରାଜୀବ କୁମାର ନାୟକ, ପ୍ରଫୁଲ ମହାକୁଳ ସାହିତ୍ୟ ପୁରସ୍କାର ବାଙ୍କୀର ମହାଦେବ ପ୍ରଧାନ, ବେଣୁଧର ମିଶ୍ର, ଦିନବନ୍ଧୁ ସାହୁ, ଭକ୍ତି ସାହିତ୍ୟ ପୁରସ୍କାର କନ୍ଧମାଳର ପ୍ରେମଲତା ସାହୁ, ଅଭିଷେକ ପ୍ରଧାନ, ଯୁବ ପୁରସ୍କାର ଅନୁଗୋଳ ମାଧପୁରର ଆକାଶ କୁମାର ସାହୁ, ଭିକାରି ନାୟକ କଳା ପୁରସ୍କାର ବୌଦ୍ଧର ଗୋପାଳକୃଷ୍ଣ ବେହେରା ଓ ଶିଶୁ ସାହିତ୍ୟ ପୁରସ୍କାର ଟିଟିଲାଗଡ଼ର ବୃନ୍ଦାବନ କୁମ୍ଭାର ଓ ଅନୁଗୋଳର ଧିରେନ୍ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ସମସ୍ତ ପ୍ରତିଭାମାନଙ୍କୁ ଡିସେମ୍ବର ୨୮ ତାରିଖ ଶେଷ ରବିବାରରେ ଅନୁଷ୍ଠିତ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ଉତ୍ସବରେ ଅନେକ କବି ଲେଖକ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

## ବିଡିଓଙ୍କ ଅଜବ କାର୍ଯ୍ୟାନୁଷ୍ଠାନ

# ଅଭିଯୋଗ କରିବାରୁ ଜେଇଙ୍କୁ ବଦଳି

ଡୁଙ୍ଗୁରିପାଲି,୨୨।୧୧(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଚେରୁପାଲି ପଞ୍ଚାୟତରେ ସଂପ୍ରତି କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ପ୍ରିୟମ୍ବଦା କୁଲଦୀପଙ୍କୁ ଗତ ୧୩ ଓ ୧୪ ତାରିଖରେ ଚେରୁପାଲି ସରପଞ୍ଚ ଦିଲ୍ଲିପ ଶତପଥି ଜାତିଆଣ ଆକ୍ଷେପ କରିବା ସହ ଜୀବନରେ ମାରିଦେବା ଧମକ ଦେଇଥିବା ନେଇ ଗତ ୧୫ ତାରିଖରେ କନିଷ୍ଠ ଯନ୍ତ୍ରୀ ବିଡ଼ିଓ ଦିଲ୍ଲିପ କୁମାର ବାଡ଼ାଙ୍କ ଜରିଆରେ ଡୁଙ୍ଗୁରିପାଲି ଥାନାରେ ଏତାଲା ଦେଇଥିଲେ। ବର୍ତ୍ତମାନ ଏହି ଘଟଣାରେ ଅଭିଯୁକ୍ତ ସରପଞ୍ଚଙ୍କୁ ଦଣ୍ଡବିଧାନ ବଦଳରେ ଓଲଟା ବିଡିଓ ଅଭିଯୋଗକାରୀ ଜେଇ ଶ୍ରୀମତି ପ୍ରିୟମ୍ବଦାଙ୍କୁ ଜିଲ୍ଲା ସଦରକୁ ବଦଳି କରିଛନ୍ତି। ବିଡିଓଙ୍କ ଏଭଳି ଅଜବ କାର୍ଯ୍ୟାନୁଷ୍ଠାନକୁ ଏବେ ସାଧାରଣରେ ନିନ୍ଦା କରାଯାଇଛି।

ସୂଚନାନୁଯାୟୀ, ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଚେରୁପାଲି ପଞ୍ଚାୟତରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ପ୍ରିୟମ୍ବଦା କୁଲଦୀପ ଚୋରୁପାଲି ସରପଞ୍ଚଙ୍କ ବରୁଦ୍ଧରେ ଥାନାରେ ଅଭିଯୋଗ କରିବା ପରେ ଡୁଙ୍ଗୁରିପାଲି ପୁଲିସ୍ ପକ୍ଷରୁ ସରପଞ୍ଚ ଦିଲ୍ଲିପ ଶତପଥିଙ୍କ ବିରୁଦ୍ଧରେ ପି.ଏସ୍. କେଶ୍ ନମ୍ବର ୦୨୨୪/୧୫.୧୧.୨୦୨୫ ମାର୍ଫତରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬, ଧାରା ୩୫୧(୨), ଧାରା ୧୩୨(୨) ଏବଂ ଏମ୍.ଟି.ଏସ୍.ଟି .ଏକ୍ଟ ର ୩(୧)ଆର୍, ୩(୧)ଏସ୍ ଏବଂ ୩(୨)ଭିଏ ଅନୁଯାୟୀ ଏକ ମାମଲା ରୁଜୁ କରିଥିଲେ। ଅନ୍ୟପକ୍ଷରେ ସରପଞ୍ଚ ଦିଲ୍ଲିପ ଶତପଥି କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ପାଲଟା ଅଭିଯୋଗ ଆଣି ଡୁଙ୍ଗୁରିପାଲି ଥାନାରେ ଏତାଲା ଦେଇଥିବା ମଧ୍ୟ ଜଣାପଡ଼ିଥିଲା। ଏହାପରେ କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ କୁଲଦୀପ ଅଭିଯୁକ୍ତ ସରପଞ୍ଚଙ୍କ ଠାରୁ ବାରମ୍ବାର ଧମକ ଚମକ ପାଇବା ପରେ ଡୁଙ୍ଗୁରିପାଲି ଥାନାଧିକାରୀଙ୍କୁ ଏ ବାବଦରେ ପୁନଶ୍ଚ ଜଣାଇବା ସହ ବିଡ଼ିଓ ଶ୍ରୀବାଡ଼ାଙ୍କୁ ସୁରକ୍ଷା ଯୋଗାଇ ଦେବା ସକାଶେ ଅନୁରୋଧ କରିଥିଲେ।

ଇତି ମଧ୍ୟରେ ଡୁଙ୍ଗୁରିପାଲି ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ଅଭିଯୁକ୍ତ ସରପଞ୍ଚ ଦିଲ୍ଲିପଙ୍କ ସପକ୍ଷରେ ଥାନାର ଦ୍ୱାରସ୍ଥ ହେବା ପରେ ବିଡ଼ିଓ ଶ୍ରୀବାଡ଼ା କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲଗାଇବା ସହ ତିନି ଦିନ ମଧ୍ୟରେ ତହିଁର କୈଫିୟତ ଦାଖଲ ଦେବାକୁ ଲିଖିତ ଭାବେ ନିର୍ଦ୍ଦେଶ ଦେଇଥିଲେ। ଏହାର ଠିକ୍ ତିନିଦିନ ପରେ କନିଷ୍ଠ ଯନ୍ତ୍ରୀଙ୍କୁ ତତ୍କାଳ ତାଙ୍କ କାର୍ଯ୍ୟରୁ ରିଲିଫ୍ କରି ସୁବର୍ଣ୍ଣପୁର ଜିଲ୍ଲା ସଦର କାର୍ଯ୍ୟାଳୟକୁ ଦଣ୍ଡଯୁକ୍ତ ବଦଳି କରିବାକୁ ନେଇ ଡୁଙ୍ଗୁରିପାଲିରେ ଚର୍ଚ୍ଚା ସୃଷ୍ଟି କରିଛି। ଯାହାକୁ ଏବେ ସାଧାରଣରେ ନିନ୍ଦା କରାଯାଇଥିବା ଆଲୋଚନା ହେଉଛି। ଏହା କେତେ ଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ବିଡ଼ିଓ ଶ୍ରୀବାଡ଼ାଙ୍କୁ ଏବାବଦରେ ପଚାରିବାରୁ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ଦୋଷ ଲଦି ଦେଇ ନିଜେ ପ୍ରଶ୍ନକୁ ଏଡ଼ାଇ ଚାଲିଯାଇଥିଲେ। ତେବେ ଜନୈକା ନିରୀହା ମହିଳା ପ୍ରତି ଏ ଅବିଚାର ମୂଳରେ କେଉଁ ରହସ୍ୟ ନିହିତ ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପଟରେ ଗତ ୧୭ ତାରିଖରେ ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ଅଭିଯୁକ୍ତ ସରପଞ୍ଚଙ୍କୁ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରିବାକୁ ଦାବି କରି ଡୁଙ୍ଗୁରିପାଲି ଥାନାରେ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟଥା ପ୍ରଶାସନିକ ଶାସନ କଳକୁ ଅଚଳ କରିବା ନେଇ ଚେତାବନୀ ଦେଇଥିଲେ। କିନ୍ତୁ ଘଟଣାର ସାତ ଦିନ ଅତିକ୍ରାନ୍ତ ହେବା ପରେ ବି ଅଭିଯୁକ୍ତକୁ ଗିରଫ କରିବାରେ ପୁଲିସ୍‌ର ନିଷ୍କ୍ରିୟତା ପୁଲିସର କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା



ଡୁଙ୍ଗୁରିପାଲି,୨୨।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୨୭ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସହ ପ୍ରଧାନ ଆଚାର୍ଯ୍ୟ ତୀର୍ଥ ମହାକୁର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ସେନା ବିଭାଗ କମ୍ପାନୀ ହାବିଲଦାର ବିଷ୍ଣୁ ପ୍ରସାଦ ବାରିକ ଯୋଗ ଦେଇଥିଲେ। ପରିଚାଳନା ସମିତି ସଭାପତି ଚତୁର୍ଭୁଜ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶାରୀରିକ ପ୍ରମୁଖ ଅଶ୍ୱିନୀ ନାଏକ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୧୭ଟି ପ୍ରତିଯୋଗିତାରେ ୭୫୪ ପ୍ରତିଭାଗୀଙ୍କ ମଧ୍ୟରୁ ୪୨୦ ଜଣ କୃତିତ୍ୱ ଅର୍ଜନ କରିଥିବା ବେଳେ ଶ୍ରେଷ୍ଠ ଭାଇ କ୍ରୀଡ଼ାବିଦ୍ ଭାବେ ଶିଶୁବର୍ଗ,ବାଳବର୍ଗ ଓ କିଶୋର ବର୍ଗରେ ଯଥାକ୍ରମେ ଆଭାସ ନାଏକ,ରୋହନ ବାଗ୍ ଏବଂ ମାସୁମ ମନହୀରା ଉତ୍ତୀର୍ଣ୍ଣ ହୋଇଥିଲେ। ଠିକ୍ ସେହିପରି ଶ୍ରେଷ୍ଠ ଭଉଣୀ କ୍ରୀଡ଼ାବିଦ୍ ଭାବେ ଶିଶୁବର୍ଗରୁ ଲକ୍ଷଶ୍ରୀ ପ୍ରଧାନ, ବାଳବର୍ଗରୁ ଆରତୀ ସା ଏବଂ କିଶୋର ବର୍ଗରୁ ଅନସୂୟା ନାଏକ ବିଜୟିନୀ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବକୁ ଆଚାର୍ଯ୍ୟ ରମେଶ କୁମାର ଗଡ଼ତିଆ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ସୈନିକ ବିକାଶ ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଶୈକ୍ଷିକ ପ୍ରମୁଖ ପୌଲସ୍ତି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

**ଲଢେଇ ପରେ ବାଘବାଡ଼ିପଡ଼ାବାସୀଙ୍କ ସଫଳ**

## ଜଙ୍ଗଲ ଜମି ଶିରୋନାମା ପଟ୍ଟାରୁ ରାଜସ୍ୱ ପଟ୍ଟା ପାଇଲେ



**ଭବାନୀପାଟଣା, ୨୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ତଳଜାରିଙ୍ଗ ପଞ୍ଚାୟତ ଲବଣିପୁର ମୌଜା ବାଘବାଡ଼ିପଡ଼ାର ୨୨ ଜଣ ହିତାଧିକାରୀ ଜଙ୍ଗଲ ଅଧିକାର ଆଇନ ୨୦୦୫ ଅନୁଯାଇ ଶିରୋନାମା ପଟ୍ଟା ସ୍ୱୀକୃତି ପାଇଥିଲେ। କିନ୍ତୁ ରାଜସ୍ୱ ପଟ୍ଟା ହୋଇ ନ ଥିବାରୁ ଧାନ କିଣା ବିକା କିମ୍ବା କୌଣସି ସରକାରୀ କାଗଜ ପତ୍ର, ପିଏମ କିଷାନ ଓ ଅନନ୍ୟ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିଲେ। ଏ ସଂକ୍ରାନ୍ତରେ କଳାହାଣ୍ଡି ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା -୩୨୬୬/ଏଫଆରଏ ଓ ରାଜ୍ୟ ସରକାରଙ୍କ ଆଦିବାସୀ ଓ ହରିଜନ ବିଭାଗଙ୍କ ପତ୍ର ସଂଖ୍ୟା ୨୦୫୨୪ ଜିଲ୍ଲାପାଳମାନଙ୍କୁ ଜଙ୍ଗଲ ଜମି ପାଇଥିବା ଶିରୋନାମା ପଟ୍ଟାକୁ ସଂଶୋଧନ କରି ଯଥାଶୀଘ୍ର ରାଜସ୍ୱ ଜମିରେ ପରିବର୍ତ୍ତନ କରି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନର୍ଦ୍ଦେଶ ଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଇ ପାରୁ ନ ଥିଲା। ଏ ବିଷୟରେ ବାଘବାଡ଼ିପଡ଼ା ଗ୍ରାମବାସୀ ତଥା ଜଙ୍ଗଲ ଜମି ହିତାଧିକାରୀ ସ୍ଥାନୀୟ ଆଡ଼ଭୋକେଟ ସଞ୍ଜୀବ କୁମାର ଶତପଥିଙ୍କ ସାହାଯ୍ୟ ନେଇଥିଲେ। ଜିଲ୍ଲାପାଳ କଳାହାଣ୍ଡି ଓ ତହସିଲଦାର ଜୁନାଗଡ଼ଙ୍କୁ ସମସ୍ତ ନଥିପତ୍ର ସହ ଦାବି କରାଯାଇଥିଲା। ଦୀର୍ଘ ଦୁଇ ବର୍ଷର ସଂଘର୍ଷ ପରେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜୁନାଗଡ଼ ବିରୁପାକ୍ଷ ନନ୍ଦ, ଏଫ ଆରଏ ସଂଯୋଜିକା ମଧୁମିତା ମହାନ୍ତି ଓ କମ୍ପ୍ୟୁଟର ସହଯୋଗୀ ହରିଶ ତପନ ଚଣ୍ଡୀ ପଟ୍ଟା ବଣ୍ଟନ କରିଥିଲେ।ଲଖଣ ଖାଡ଼ିଆ, ମିଶ୍ର ଖାଡ଼ିଆ, ଶଙ୍କର ଖାଡ଼ିଆ, କଏନ୍ତା ଖାଡ଼ିଆ, ଅଭି ଖାଡ଼ିଆ, ଚାନ୍ଦୋ ଖାଡ଼ିଆ, କିଶୋରୀ ଖାଡ଼ିଆ, କାଠ ଖାଡ଼ିଆ, ଆମଡେଇ ଖାଡ଼ିଆ, ଉଷା ଖାଡ଼ିଆ, ବିଷମ ଖାଡ଼ିଆ, ବୈଶାକୁ ଖାଡ଼ିଆ, ବିଷ୍ଣୁ ଖାଡ଼ିଆ, ଶତ୍ରୁଘ୍ନ ଖାଡ଼ିଆ, ଗାଜିନ୍ଦ୍ର ଖାଡ଼ିଆ, ଲବ ଖାଡ଼ିଆ, ବାଛ ଖାଡ଼ିଆ, ସୁଦାମ ଖାଡ଼ିଆ, ଚିତରୁ ଖାଡ଼ିଆ, ଶୁକଲି ଖାଡ଼ିଆ, ଦ୍ରୌପଦୀ ଖାଡ଼ିଆ, ସରସ୍ୱତୀ ଖାଡ଼ିଆ ପ୍ରମୁଖ ରାଜସ୍ୱ ପଟ୍ଟା ପାଇଥିଲେ। ଏହି ଅଭିଯାନରେ ଜଙ୍ଗଲ ଅଧିକାର କମିଟିର ସଭାପତି ଯାଦବ ଖାଡ଼ିଆ ଓ ସମ୍ପାଦକ ମିଶ୍ର ଖାଡ଼ିଆ ତଥା ଆଦିବାସୀ ନେତା ଓ ସମାଜ ସେବୀ ଗୌରୀ ଶଙ୍କର ପାତ୍ର ନେତୃତ୍ୱ ନେଇ ଥିବା ବେଳେ ଗଣେଶ ପଧାନ ସହଯୋଗ କରିଥିଲେ।

## ଇଣ୍ଟର କଲେଜ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଜୁନାଗଡ଼, ୨୨।୧୧(ସମିସ):** ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ ପକ୍ଷରୁ ଆୟୋଜିତ ଇଣ୍ଟର୍ କଲେଜ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ.ନିବେଦିତା ନାଥ କୁଳପତି ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରତାପ ବଲ୍ଲଭ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ମେଜର ଜୟଦେବ ସାହୁ ଡେପୁଟି ରେଜିଷ୍ଟର, ହିମାଂଶୁ ଶେଖର ବରାଡ ସଭାପତି ଜୁନାଗଡ଼ ବ୍ୟାଡମିଣ୍ଟନ ଆସୋସିଏସନ, ସରୋଜ କୁମାର ପଣ୍ଡା କାର୍ଯ୍ୟକାରିଣୀ ସଭାପତି ଜୁନାଗଡ଼ ବ୍ୟାଡମିଣ୍ଟନ ଆସୋସିଏସନ, ପ୍ରାଧ୍ୟାପିକା ସାଗରିକା ଦାସ, ପ୍ରାଧ୍ୟାପକ କୈଳାଶ ଚନ୍ଦ୍ର ମେହେର, ପ୍ରାଧ୍ୟାପକ ଆଦିତ୍ୟ କୁମାର ଖମାରି, ଅଧ୍ୟାପକ ପ୍ରିୟବ୍ରତ ବାନୁଆ, ଅଧ୍ୟାପକ ନେତ୍ରା ନନ୍ଦ ପ୍ରଧାନ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ବିଶ୍ୱ ରଞ୍ଜନ ବେହେରା, ଅଧ୍ୟାପକ ଶୁଭାଶିସ ପାଣିଗ୍ରାହୀ, ଅଧ୍ୟାପିକା ଅମିତା ମେହେର। ଟିମ୍ ଇଭେଣ୍ଟର ମହିଳା ବିଭାଗରେ ଚାମ୍ପିଅନ୍ ହେଇଥିଲେ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ, ଉପବିଜେତା ହେଇଥିଲେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ପୁରୁଷ ବିଭାଗରେ ଚାମ୍ପିଅନ୍ ହେଇଥିଲେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓ ଉପବିଜେତା ହେଇଥିଲେ ଖରିଆର ଅଟୋନୋମସ କଲେଜ ଖରିଆର, ବ୍ୟକ୍ତିଗତ ପୁରୁଷ ବିଭାଗରେ ଚାମ୍ପିଅନ୍ ହେଇଥିଲେ ସୁବ୍ରତ ପଟ୍ଟନାୟକ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ, ଜୁନାଗଡ଼, ଉପବିଜେତା ହେଇଥିଲେ। ସୁମିତ୍ ମାଝୀ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି, ମହିଳା ବିଭାଗରେ ଚାମ୍ପିଅନ୍ ମିସ୍ ରୋଜାଲିନ ନାୟକ ଓ ଉପବିଜେତା ମିସ୍ ଭାରତୀ ଭୋଇ ଉଭୟ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ, ଜୁନାଗଡ଼, ଉଦଯାପନୀ ଉତ୍ସବରେ କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ପ୍ରଦୀପ କୁମାର ଦାସ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବିଭୂତି ଭୂଷଣ ମେହେର ପୂର୍ବତନ ଅଧ୍ୟକ୍ଷ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ, ଅଧ୍ୟକ୍ଷ ପ୍ରତାପ ବଲ୍ଲଭ ପାଣିଗ୍ରାହୀ, ମାନସ ରଞ୍ଜନ ସାହୁ, ଉମେଶ ଜୈନ, ନରେଶ ସୁନାନି, ପ୍ରସନ୍ନ ନାଗ ଯୋଗଦେଇ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ଶୁଭାଶିଶ ପାଣିଗ୍ରାହୀ ଓ ସମୀର କୁମାର ସାହୁ। କୃତୀ ଖେଳାଳିଙ୍କୁ ଟ୍ରଫି ଓ ଇଉନିଭର୍ସିଟି ମାନପତ୍ର ଦେଇ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଖେଳକୁ ପରିଚାଳନା କରିଥିଲେ ଷ୍ଟେଟ ସୁକୃତୀ ପ୍ରାପ୍ତ ଅମ୍ପାୟାର ଦୀପକ ସାଗର କୁମାର, ସୁମନ ପାଣିଗ୍ରାହୀ, ଜଳି ପରାଭୋଇ, ରୋଜାଲିନ ନାୟକ, ଶିବାନୀ ଭାଟି, ରଜନୀକାନ୍ତ ଦାସ, ଅଞ୍ଜଳି ନାଏକ, ଦାମନ୍ତି ବାଗ, ସମୀର କୁମାର ସାହୁ ରେଫରୀ ଭାବରେ କାର୍ଯ୍ୟ ତୁଲାଇଥିଲେ।

# ଖୋଲିନି ମଣ୍ଡି, କପାଚାଷୀ ଶୋଷଣର ଶିକାର

**ପାଟଣାଗଡ଼, ୨୨।୧୧(ସମିସ)**



ଧଳା ସୁନାର ଅଞ୍ଚଳ ଭାବେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳ ପରିଚିତ। ଚାଷୀ ୩/୪ମାସ କଠିନ ପରିଶ୍ରମ କରି ଧଳା ସୁନା ଅର୍ଥାତ କପା ଅମଳ କରିଥାଏ; କିନ୍ତୁ କପାଚାଷୀଙ୍କ ପ୍ରତି ସରକାର ଉଦାସୀନ। ସରକାରଙ୍କ ବେପାରୀ ପ୍ରୀତି ରହୁଛି। କପାଚାଷୀଙ୍କୁ ପ୍ରୋତ୍ସାହନ ମିଳୁନି। ଏଣୁ ଚାଷୀ ଅମଳ କରୁଥିବା ଧଳା ସୁନାର ପ୍ରକୃତ ମୂଲ୍ୟ ପାଉନି। ବାଧ୍ୟ ହୋଇ କପାଚାଷୀ ସରକାରୀ ମୂଲ୍ୟଠାରୁ ବହୁତ କମ୍ ଦରରେ ବେପାରୀଙ୍କୁ କପା ଟେକି ଦେଉଛି। ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ମିଲ୍‌ଗୁଡ଼ିକରେ ମଧ୍ୟସ୍ଥି ତଥା ବେପାରୀ ମାଧ୍ୟମରେ ମଣ୍ଡି ଖୋଲିବା ପୂର୍ବରୁ କପା ଭର୍ତ୍ତି ହୋଇସାରିଲାଣି। ଚାଷୀଙ୍କଠୁ ବର୍ତ୍ତମାନ ୬୦୦୦ରୁ ୬୫୦୦ ଟଙ୍କାରେ ବେପାରୀ କପା କିଣୁଛନ୍ତି। କପାର ସରକାରୀ ମୂଲ୍ୟ ଏ ଗ୍ରେଡ଼ ପାଇଁ କୁଇଣ୍ଟାଲ ପିଛା ୮୧୦୦ ଟଙ୍କା ରହିଛି। ଚାଷୀ ବର୍ତ୍ତମାନ କୁଇଣ୍ଟାଲ ପିଛା ୧୫୦୦ ଟଙ୍କା କମ୍ ମୂଲ୍ୟରେ କପା ବିକ୍ରି କରି ଶୋଷଣର ଶିକାର ହେଉଛି। ଅନ୍ୟପଟେ ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ମିଲ୍ ବର୍ତ୍ତମାନ ମଣ୍ଡି ଖୋଲି ନ ଥିବା ଫାଇଦା ଉଠାଇଛନ୍ତି। ଚାଷୀଙ୍କଠୁ ବେପାରୀ ମାଧ୍ୟମରେ କୁଇଣ୍ଟାଲ ପିଛା ୧୪୦୦ ଟଙ୍କା କମ୍ ଦରରେ ଅର୍ଥାତ ୬୭୦୦ ଟଙ୍କାରେ କପା କିଣି ମହଜୁଦ୍ ରଖୁଛନ୍ତି। ମଣ୍ଡି ଖୋଲିଲେ ଚାଷୀଙ୍କ କାର୍ଡ ହାତେଇ ସେମାନଙ୍କ ନାଁରେ ଫଲ୍ସ ଏଣ୍ଟ୍ରି କରିବେ। କୁଇଣ୍ଟାଲ ପିଛା ୧୪୦୦ ଟଙ୍କା ମୁନଫା ନେଇ ସରକାରଙ୍କ କୋଟି କୋଟି ଟଙ୍କା ହଡପ କରିବାର ମସୁଧା ଚଳାଇଛନ୍ତି। ତେବେ ମଣ୍ଡି ଖୋଲିବା ପୂର୍ବରୁ ପଚାଶ ପ୍ରତିଶତ ଚାଷୀ ବେପାରୀଙ୍କୁ କମ୍ ଦରରେ କପା ବିକ୍ରି କରି ଦେଉଛନ୍ତି। ମଣ୍ଡି ଖୋଲିଲେ କେବଳ ପଚାଶ ପ୍ରତିଶତ ପ୍ରକୃତ ଚାଷୀ କପା ବିକ୍ରି କରୁଛନ୍ତି। ବାକି ପଚାଶ ପ୍ରତିଶତ ବେପାରୀ ଓ ମିଲ୍ ଫଲ୍ସ ଏଣ୍ଟ୍ରି କରି ସରକାରଙ୍କ କୋଟି କୋଟି ଟଙ୍କା ହଡପ କରୁଥିବା ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଉଠିଛି। ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ଦୈନନ୍ଦିନ ପିକ୍‌ଅପ୍, ମିନିଟ୍ରକ୍, ଟ୍ରାକ୍ଟରରେ ହଜାର ହଜାର ଟ୍ରିପ୍ କପା ବେଆଇନ ଭାବେ ବେପାରୀ ମାଧ୍ୟମରେ ନିର୍ଦ୍ଦିଷ୍ଟ କପା ମିଲ୍‌ଗୁଡ଼ିକୁ ଖୋଲାଖୋଲି ଯାଉଛି। ପ୍ରଶାସନ ତରଫରୁ କାହିଁକି ଏହାର ଯାଞ୍ଚ କରାଯାଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ତାହା ଏବେ ଚାଷୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ଅପରପକ୍ଷରେ ମଣ୍ଡି ଖୋଲିବା ପୂର୍ବରୁ ମିଲ୍‌ଗୁଡ଼ିକରେ ଗଚ୍ଛିତ ରଖାଯାଇଥିବା କପା ପ୍ରକୃତରେ ଚାଷୀଙ୍କ ନା ବେପାରୀଙ୍କ, କେତେ ମୂଲ୍ୟରେ ତାହା କିଣାଯାଇଛି ଏହାର ତଦନ୍ତ ହେଉନି। ଚକ୍କତା କରୁଥିବା ମିଲ୍ ମାଲିକଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଉନି। ଏ ଦିଗରେ ଜିଲ୍ଲା ପ୍ରଶାସନ ଟିକିଏ ବି ଦୃଷ୍ଟି ଦେଉନି। ଏହାଦ୍ୱାରା କପାଚାଷୀ କ୍ଷତି ସହୁଛନ୍ତି। ମିଲ୍, ବ୍ୟବସାୟୀ ହିଁ ଯାହା ଲାଭ ପାଉଛନ୍ତି। ଏଣୁ ଅଞ୍ଚଳରେ ଚାଷୀଙ୍କ ମଧ୍ୟରେ କପା ଚାଷ ପାଇଁ ଦିନକୁ ଦିନ ଆଗ୍ରହ କମି ଯାଉଛି।

**ଅତି କମ୍ ଦରରେ ଚାଷୀଠୁ କପା କିଣୁଛନ୍ତି ବେପାରୀ**

**ମଣ୍ଡି ଖୋଲିବା ପୂର୍ବରୁ ମିଲ୍‌ରେ ଭର୍ତ୍ତି ହୋଇଗଲାଣି କପା**

**ଫଲ୍ସ ଏଣ୍ଟ୍ରି କରି ସରକାରୀ ଟଙ୍କା ହଡପ ପାଇଁ ମସୁଧା**

**■ ଡିସେମ୍ବର ୬ରୁ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ**

## ଗବେଷକ ଉମାଶଙ୍କର କର ପାଇବେ ଦେବଗିରି ସମ୍ମାନ

**ଭବାନୀପାଟଣା, ୨୨।୧୧(ସମିସ):** ଏବର୍ଷର ମର୍ଯ୍ୟାଦାଜନକ 'ଦେବଗିରି ସମ୍ମାନ' ପାଇବେ ବରିଷ୍ଠ ଗବେଷକ ଉମାଶଙ୍କର କର। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦରସ୍ଥିତ ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ସାହିତ୍ୟ, ସାମ୍ବାଦିକତା ଓ ଗବେଷଣା କ୍ଷେତ୍ରରେ ଅବଦାନ ପାଇଁ ଶ୍ରୀ କରଙ୍କୁ ଅନୁଷ୍ଠାନର ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯିବ। ଭବାନୀପାଟଣା ନିବାସୀ ଶ୍ରୀ କର ୫୦ ବର୍ଷରୁ ଉର୍ଦ୍ଧ୍ୱର ସମୟ ଧରି ସାମ୍ବାଦିକତା ଓ ସାହିତ୍ୟ ସର୍ଜନାରେ ନିଜକୁ ନିୟୋଜିତ ରଖିଛନ୍ତି। ସେ ୧୯୭୩ ମସିହାରୁ ଆକାଶବାଣୀ, ଦୂରଦର୍ଶନ ସମେତ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟ କରିଆସୁଥିବା ବେଳେ ସମ୍ପ୍ରତି ପିଟିଆଇ ଓ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସର ଜିଲ୍ଲା ପ୍ରତିନିଧି ଭାବେ ଦାୟିତ୍ୱ ତୁଲାଉଛନ୍ତି।ଶ୍ରୀ କର କଳାହାଣ୍ଡି ଡିଷ୍ଟ୍ରିକ୍ଟ ଗେଜେଟିୟର୍ (ନୂତନ ସଂସ୍କରଣ) ଏବଂ କଳାହାଣ୍ଡି ଉତ୍ସବ 'ଘୁମୁରା' ସ୍ମରଣିକା 'କଳାଝରଣ'ର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଛନ୍ତି। କଳାହାଣ୍ଡିର ସାମଗ୍ରିକ ବିକାଶ ପାଇଁ ତାଙ୍କ ଦ୍ୱାରା ପ୍ରସ୍ତୁତ 'ଭିଜନ୍ ଡକ୍ୟୁମେଣ୍ଟ' ଏକ ମୂଲ୍ୟବାନ ଦଲିଲ। ତାଙ୍କର ଗବେଷଣାତ୍ମକ ପ୍ରବନ୍ଧ, କ୍ଷୁଦ୍ରଗଳ୍ପ ଓ ଲୋକସାହିତ୍ୟ ନିୟମିତ ଭାବରେ ବିଭିନ୍ନ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ ଓ ଆକାଶବାଣୀରେ ପ୍ରସାରିତ। ଏଯାବତ୍ ତାଙ୍କର ୫ଟି କ୍ଷୁଦ୍ରଗଳ୍ପ ସଂକଳନ, ୫ଟି ଲୋକ ସାହିତ୍ୟ ସମ୍ପର୍କିତ ପୁସ୍ତକ, ୨ଟି ସାମାଜିକ ପ୍ରସଙ୍ଗ ଆଧାରିତ ପୁସ୍ତକ ଏବଂ ୫ଟି ଗବେଷଣାତ୍ମକ ପୁସ୍ତକ ପ୍ରକାଶିତ ହୋଇଛି। ସେହିପରି ଏବର୍ଷର ସମ୍ମାନଜନକ 'ଦେବଗିରି ସମ୍ଭାବନା ସମ୍ମାନ' ପାଇବେ ଓଡ଼ିଆ କବିତାର ଏକ ପ୍ରଖର ଯୁବସ୍ୱର ଐଶ୍ୱର୍ଯ୍ୟା ପ୍ରଧାନ। ଜୁନାଗଡ଼ ବ୍ଲକ ଆଟିଗାଁରେ ଜନ୍ମିତ ଐଶ୍ୱର୍ଯ୍ୟାଙ୍କ କବିତାରେ ନାରୀମନର ସୂକ୍ଷ୍ମ ଭାବନା, ସ୍ନେହ, ପ୍ରେମ, ବିରହ, ଏକାକୀତ୍ୱ, ଆଶା, ନିରାଶା, ସାମାଜିକ ଅନୁଭୂତି, ସଂଘର୍ଷ ଏବଂ ସେଥିରୁ ଜାତ ଦର୍ଶନ ଓ ଚିନ୍ତନ ପ୍ରକାଶ ପାଇଥାଏ। ତାଙ୍କର ପ୍ରଥମ କବିତା ସଂକଳନ 'ତୁମେ ଗଲାପରେ' ବେଶ୍ ପାଠକୀୟ ଆଦୃତି ଲାଭ କରିଥିବା ବେଳେ ଦ୍ୱିତୀୟ ପୁସ୍ତକ 'ଶେଷଭୋଗ' ପ୍ରକାଶ ପାଇବାକୁ ଯାଉଛି। ସମ୍ପ୍ରତି ସେ ଭବାନୀପାଟଣାରେ ଅବସ୍ଥାନ କରୁଛନ୍ତି। ଏଥିସହ ସମ୍ମାନସୂଚକ 'ଦେବଗିରି କଳା ସମ୍ମାନ' ପାଇବେ ବିଶିଷ୍ଟ ଚିତ୍ରକର, କବି ତଥା ଅଭିନେତା ଡ.ଦୀନବନ୍ଧୁ ସାହୁ। ଏଯାବତ୍ ସେ ୫୦୦ରୁ ଉର୍ଦ୍ଧ୍ୱ ସ୍କେଚ୍ ଅଙ୍କିଥିବା ବେଳେ ଦେଶର ବିଭିନ୍ନ ସ୍ଥାନରେ ୨୫ରୁ ଉର୍ଦ୍ଧ୍ୱ ଏକକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ, ୨୫ରୁ ଉର୍ଦ୍ଧ୍ୱ ଗ୍ରୁପ୍ ଶୋ' ତଥା ସଙ୍ଗୀତ ଓ ଚିତ୍ରକଳା ଯୁଗଳବନ୍ଦୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି। ସେ ଏକାଦିକ୍ରମେ ୩୦ରୁ ଉର୍ଦ୍ଧ୍ୱ ପଶୁପକ୍ଷୀ ଓ ଯାନବାହାନ ସ୍ୱର ଅନୁକରଣ କରିପାରନ୍ତି। ଜଣେ କବି ଭାବେ ମଧ୍ୟ ସେ ସୁପରିଚିତ। ଏଯାବତ୍ ତାଙ୍କର ୬ଟି ପୁସ୍ତକ ପ୍ରକାଶିତ। ସମ୍ପ୍ରତି ସେ ଭବାନୀପାଟଣାସ୍ଥିତ ଶହୀଦ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଭେଷଜ ବିଶେଷଜ୍ଞ ଭାବେ କାର୍ଯ୍ୟରତ। ଚୟନିତ ପ୍ରତିଭାମାନଙ୍କୁ ଆସନ୍ତା ଡିସେମ୍ବର ୬ରୁ ୮ ତାରିଖ ଯାଏଁ ଆୟୋଜନ ହେବାକୁ ଥିବା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାର ସ୍ୱାମୀ ମହୋତ୍ସବ ଅବସରରେ ଗୋସିଂହ ଦୈତ୍ୟ ଦରବାରରେ ସମ୍ମାନିତ କରାଯିବ ଏବଂ ଅନ୍ୟାନ୍ୟ ସମ୍ମାନ ଖୁବଶୀଘ୍ର ଘୋଷିତ ହେବ ବୋଲି ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡ଼ାମାଝୀ ଓ ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି।

**ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ ସମ୍ଭାବନା, ଦୀନବନ୍ଧୁ ସାହୁଙ୍କୁ କଳା ସମ୍ମାନ**



ଉମାଶଙ୍କର କର



ଐଶ୍ୱର୍ଯ୍ୟା ପ୍ରଧାନ



ଦୀନବଂଧୁ ସାହୁ


## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗୀଫୁଲ' ଉଦ୍‌ଯାପିତ

**ଜୁନାଗଡ଼, ୨୨।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ କୁରୁଗୁଡା ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗୀଫୁଲ ୨୦୨୫' ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରବାନ୍ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଇଓ ରାଧାକାନ୍ତ ଛତ୍ରୀ, ବିଡିଓ ଦେବାଶିଷ କର, ତହସିଲଦାର ବିରୂପାକ୍ଷ ନନ୍ଦ, କୁଟିଆକନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଉପକୋଷାଗାର ଅଧିକାରୀ ରାଧାକାନ୍ତ ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ରୁପସିଂ ରାଉତ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜାନକୀବଲ୍ଲଭ ସାମନ୍ତରାୟ, କୁରୁଗୁଡକ୍ଷ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷୀକେଶ ମେହେର, ଜିଲ୍ଲା ଶିକ୍ଷକ ସଂଘ ସଭାପତି ବେଦବ୍ୟାସ ପ୍ରଧାନ ଏବଂ କୁରୁଗୁଡା ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଭଲିବଲ୍ ପ୍ରତିଯୋଗିତା ଓ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଭଲିବଲ୍‌ରେ ବାଳିକା ବିଭାଗରେ ଲାଞ୍ଜିଗଡ଼ ବ୍ଲକର ବାଣୀ ପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବାଳକ ବିଭାଗରେ ଥୁଆମୂଳରାମପୁର ବ୍ଲକର ଗୋପଳପୁର୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରସ୍କୃତ ହୋଇଥିଲେ। ବିଜ୍ଞାନ ପ୍ରଦର୍ଶନୀରେ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ, କୁରୁଗୁଡା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ଜୁନାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ, ଗୋପଲପୁର୍ ବାଳିକା ଉଚ୍ଚ ବିଦ୍ୟାଳୟ ଚତୁର୍ଥ, ବାଣୀପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ପଞ୍ଚମ ଓ ଲୁବେନଗଡ଼ ଉଚ୍ଚ ବିଦ୍ୟାଳୟ ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।ପ୍ରଥମ ସନ୍ଧ୍ୟାକାଳୀନ ଅଧିବେଶନରେ କଳାହାଣ୍ଡି ଜୋନ ଶିକ୍ଷା ମଣ୍ଡଳାଧିଶ କୈଳାଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଗଡ଼ ଉପ ଜିଲ୍ଲାପାଳ ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।ଉଦ୍‌ଯାପନୀ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର କୁମାର ପଟ୍ଟଯୋଶୀ ମୁଖ୍ୟଅତିଥି ରୂପେ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଜୀବ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଥବିର ଦୀପ, ସ୍ୱାଗତିକା ମିଶ୍ର, ସୋନାଲିକା ପାଢ଼ୀ, ପ୍ରମୋଦ ଛତ୍ରିଆ, ଶଶୀକାନ୍ତ ମାଝୀ ଏବଂ ଜଗମୋହନ ସାହୁ ପରିଚାଳନା କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ଫୁଣ୍ଡା ଆଶ୍ରମ ସ୍କୁଲ ପ୍ରଥମ, ମଧୁପୁର ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଭବାନୀପାଟଣା ଅନ୍ୱେଷା ହଷ୍ଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ଲମ୍ବୋଦର ସାହୁ, ସୁବ୍ରତ ପାଣିଗ୍ରାହୀ, ଚକ୍ରଧର ଖାନସମକ୍ଷ, ଲକ୍ଷ୍ମୀଧର ବୋଡ଼କିଆ, ଅସୀମା ଦୋରା, ସୂର୍ଯ୍ୟ ପଣ୍ଡା, ଅଶୋକ ସାହୁ, ଦୀପକ ପଣ୍ଡା, ବିଜୟ ବାଗ, ବୀଣାପାଣି ସାମନ୍ତ ଏବଂ ଜନ୍ମେଜୟ ଶବର ପ୍ରମୁଖ ସହଯୋଗ କରିଥିଲେ ।କାର୍ଯ୍ୟକ୍ରମର ସମସ୍ତ ତତ୍ତ୍ୱାବଧାନରେ ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା, ବେଦବ୍ୟାସ ପ୍ରଧାନ ଏବଂ ସତ୍ୟଜିତ ପତି ରହିଥିଲେ।



**ଅବ୍ୟବସ୍ଥା ଘେରରେ ଥୁଆମୂଳରାମପୁର ସଦର ମହକୁମା**

# ବନ୍ଦ ପଡ଼ିଛି ଶୌଚାଳୟ, ଯାତ୍ରୀ ହିନସ୍ତା





**ଥୁଆମୂଳରାମପୁର, ୨୨।୧୧(ସମିସ)**

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳରାମପୁର ବ୍ଲକ ଆଜି ବି ଅବହେଳିତ। ବଣପାହାଡ଼ଘେରା ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଆସୁଛି। ତଥାପି ଅନ୍ୟ ବ୍ଲକ ତୁଳନାରେ ପଛୁଆ କାହିଁକି ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି। ବ୍ଲକର ସଦର ମହକୁମା ତଥା ବ୍ଲକର କେନ୍ଦ୍ରସ୍ଥଳିକୁ ଦେଖିଲେ ବିକାଶର ଚିତ୍ର ବାରି ହେଇପଡୁଛି। ଜିଲ୍ଲା ସଦର ମହକୁମା ଠାରୁ ୭୩ କିଲୋମିଟର ଦୂର ଥୁଆମୂଳରାମପୁର ବ୍ଲକର ସଦର ମହକୁମା। ରାୟଗଡ଼ା ଏବଂ ନବରଙ୍ଗପୁର ଜିଲ୍ଲା ସୀମାନ୍ତକୁ ଲାଗି ରହିଥିବା ଏହି ବ୍ଲକର ସଦର ମହକୁମାକୁ ପ୍ରତିଦିନ ଅନେକ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ସମସ୍ତ ବସ୍ ଗୁଡିକ ଏଠାରେ ହିଁ ରହିଥାଏ। ପ୍ରତିଦିନ ଶହଶହ ଯାତ୍ରୀ ଏଠାରେ ଓହ୍ଲାଇବା ସହିତ ବସକୁ ଅପେକ୍ଷା କରିଥାନ୍ତି। ଏହି ଛକକୁ ବସ୍‌ଷ୍ଟପ୍ କହିଲେ ଅତ୍ୟୁକ୍ତି ହେବନାହିଁ। ଆଜି ଯାଏ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇପାରିନି କିମ୍ବା ଏଠାରେ ଉପସ୍ଥିତ ଯାତ୍ରୀମାନଙ୍କ ପାଇଁ ସାଧାରଣ ବ୍ୟବସ୍ଥା ମଧ୍ୟ ହୋଇପାରିନି। ଏଠାରେ ଏକ ଶୌଚାଳୟ ନିର୍ମାଣ ହୋଇଛି ସତ କିନ୍ତୁ କେଉଁ କାରଣରୁ ତାହା ବନ୍ଦ ପଡ଼ିଛି ତାହା ପ୍ରଶାସନକୁ ହିଁ ଜଣା। ଶୌଚାଳୟ ବ୍ୟବସ୍ଥା ନାହିଁ ବୋଲି ସାଧାରଣତଃ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜରୁରୀ ପରିସ୍ଥିତିରେ ହିନସ୍ତା ହେବାକୁ ପଡ଼ିଥାଏ। ଛକରେ ଅବସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିର ନିକଟରେ ଏଭଳି ଅବ୍ୟବସ୍ଥାକୁ ଦେଖି ବିଭିନ୍ନ ଅଞ୍ଚଳ ତଥା ପଡୋଶୀ ଜିଲ୍ଲାର ଯାତ୍ରୀମାନେ ସ୍ଥାନୀୟ ପ୍ରଶାସନର ଅପାରଗତା ଉପରେ ପ୍ରଶ୍ନ ଉଠାଉଛନ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଶୌଚାଳୟ କାହିଁକି କାର୍ଯ୍ୟକ୍ଷମ ନହୋଇ ବନ୍ଦ୍ ପଡ଼ିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପଟେ ଏକ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଥିଲେ ସୁଦ୍ଧା ବସ୍‌ଷ୍ଟାଣ୍ଡ ନିର୍ମାଣ ଆରମ୍ଭ ନ ହୋଇ କାହିଁକି ଅଟକିଛି ବୋଲି ପ୍ରଶ୍ନ ଉଠୁଥିବା ବେଳେ ଶୀଘ୍ର ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

**କେବେ ନିର୍ମାଣ ହେବ ବସ୍‌ଷ୍ଟାଣ୍ଡ**

**ପ୍ରଶାସନିକ ଅବହେଳାର ଚିତ୍ର**

**କେ ଭି କଲେଜର ଜାତୀୟ ସମ୍ମାନ ଉଦ୍‌ଯାପିତ**

## ଆବେଗ ଓ ହୃଦୟ ହିଁ ଶିଶୁ ସାହିତ୍ୟର ମୂଳ

**କଣ୍ଟାବାଞ୍ଜି, ୨୨।୧୧ (ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କେଭି କଲେଜରେ ପିଏମ୍ ଉଷା ଅନୁଦାନରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଦ୍ୱି ଦିବସୀୟ ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଯାଇଛି। ଆବେଗ ଓ ହୃଦୟ ହିଁ ଶିଶୁ ସାହିତ୍ୟର ମୂଳ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ପ୍ରଦ୍ୟୁମ୍ନ ବାଗଙ୍କ ଆହ୍ୱାନ କ୍ରମେ ଲୋହିତାକ୍ଷ ଯୋଷୀ, ଡ. ଶିବପ୍ରସାଦ ସା, ବିରଞ୍ଚି ନାରାୟଣ ଦାଶ, ଡ. ଲିଙ୍ଗରାଜ ସାହୁ ଓ ନେପାଳ ଚନ୍ଦନ ଆଲୋଚକ ଭାବେ ଯୋଗ ଦେଇଥିଲେ। ଉର୍ମିଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନ ଆବାହକ ତଥା ସ୍ନାତକୋତ୍ତର ଓଡ଼ିଆ ବିଭାଗର ମୁଖ୍ୟ ଡ. ସଞ୍ଜୟ ମିଶ୍ରଙ୍କ ଆହ୍ୱାନ କ୍ରମେ ପ୍ରଭାସିନି ରାଉତରାୟ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଶିକ୍ଷାବିତ ଡ ଗୋବର୍ଦ୍ଧନ ନାୟକ ମୁଖ୍ୟ ଅତିଥି ଓ ବେଳପଡ଼ା ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ମେହେର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାକୟର ଅଧ୍ୟକ୍ଷା ସବିତା ମହାପାତ୍ର, ପିଏମ୍ ଉଷାର ନୋଡାଲ ଅଧିକାରୀ ରାଜେଶ ମହାନ୍ତି, କୃଷ୍ଣ ମେହେର ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଯତୀନ ଦ୍ୱାରି ରିପୋର୍ଟ ପଠନ କରିଥିଲେ। ଛାତ୍ର ରବି ବଗର୍ତ୍ତି ଓ ମୋତିଲଲ ମାଝୀ କବିତା ପାଠ କରିଥିଲେ। ଦୁଷ୍ମନ୍ତ ମହାନନ୍ଦ, ପ୍ରଶାନ୍ତ ନାୟକ, ଦିନେଶ ପ୍ରଧାନ ଓ ଛାତ୍ରୀ ଅନୁପମା ଦରୱାନ ସମ୍ମାନଙ୍କୁ ନେଇ ନିଜ ନିଜ ଅନୁଭୂତି କହିଥିଲେ। ଅଧ୍ୟାପକ ରୋହିତ କିଶୋର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ସୁନିତା ଶବର, ଲକ୍ଷମନ ବେହେରା, ସୁଚି ବେହେରା, ସୁଶାନ୍ତ ସ୍ୱାଇଁ, ସୁଶାନ୍ତ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ସକାଳ
THE SAKALA
ପଶ୍ଚିମାଞ୍ଚଳ
www.sakalaepaper.com

କଡ୍ଡୁସୋରୁ ଗାଁ ବିକାଶରେ ବାଧକ ସାଜିଛି ରାସ୍ତା

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସ୍ୱପ୍ନ





ଲାଞ୍ଜିଗଡ଼, ୨୨।୧୧(ସମିସ)

ଗାଁ ବିକାଶର ବାଧକ ସାଜିଛି ରାସ୍ତା। ରାସ୍ତା ସମସ୍ୟା ଯୋଗୁଁ ଚାରି ଛକରେ ବନ୍ଧା ପଡ଼ିଛି ଏହି କଡ୍ଡୁସୋରୁ ଗାଁ। ଉକ୍ତ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ ଓ ଗମନାଗମନ ଏମାନଙ୍କ ପାଇଁ ସାତ ସପନ ପାଲଟିଛି। ଗାଁକୁ ଭଲ ରାସ୍ତା ଖଣ୍ଡିଏ ନଥିବାରୁ ଫଳରେ କଡ୍ଡୁସୋରୁ ଗାଁରେ ୧୩ଟି ଆଦିବାସୀ ପରିବାର ଦୁର୍ଦିନ ଅବସ୍ଥାରେ ଦିନକାଟୁଛନ୍ତି। ଉକ୍ତ ଗାଁରେ ଦୀର୍ଘ ବର୍ଷରୁ ୧୩ଘର ଆଦିବାସୀ ପରିବାର ରହିଥିବା ବେଳେ ଏମାନଙ୍କୁ ସରକାରୀ ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି। ବର୍ଷ ବର୍ଷ ଧରି ଏହି ଗାଁରେ ସମସ୍ୟା ଲାଗି ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରୁନାହିଁ। ଗାଁର ମୁଖ୍ୟ ସମସ୍ୟା ରାସ୍ତା ରହିଥିବା ବେଳେ ଜଙ୍ଗଲୀ ରାସ୍ତା ଯୋଗୁଁ ଗାଁର ଅନେକ ପିଲାଙ୍କ ପାଠପଢ଼ା ବନ୍ଦ ରହିଛି। ଗାଁ ଠାରୁ ୩କି.ମି ଦୂରରେ ଥିବା କଟଲଙ୍ଗ ସ୍କୁଲକୁ ଯିବାକୁ ହେଲେ ସେହି ଜଙ୍ଗଲ ରାସ୍ତା ଦେଇ କୋମଳ ମତି ଶିଶୁମାନଙ୍କୁ ଯିବାକୁ ପଡ଼ିଥାଏ। ତେବେ ଜଙ୍ଗଲ ରାସ୍ତା ଯୋଗୁଁ ଶିଶୁଙ୍କୁ ସ୍କୁଲକୁ ଛାଡିବା ପାଇଁ ଉଚିତମନେ କରୁନାହାନ୍ତି ଗ୍ରାମବାସୀ। ରାସ୍ତା ସମସ୍ୟା ଯୋଗୁଁ ଜରୁରୀ କାଳୀନ ପରିସ୍ଥିତିରେ ମଧ୍ୟ ରୋଗୀ ବା ଗର୍ଭବତୀଙ୍କୁ ଖଟିଆ ସାହାଯ୍ୟରେ ବୋହି ୪କି.ମି କମଲେଇ ଗାଁକୁ ନେଲାପରେ ଏମାନଙ୍କୁ ଆମ୍ବୁଲାନ୍ସ ସେବା ମିଳିଥାଏ। ଏହି ଭଳି ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ସଦର ବ୍ଲକ ଯୁଗସାଇପାଟଣା ପଞ୍ଚାୟତ ଅନ୍ତର୍ଗତ କଡ୍ଡୁସୋରୁ ଗାଁ। ପଞ୍ଚାୟତ ମୁଖ୍ୟାଳୟ ଠାରୁ ଏହି ଗାଁ ହାରାହାରି ୮୦ କିମି ହେଉଥିବା ବେଳେ ବ୍ଲକ କାର୍ଯ୍ୟାଳୟ ଠାରୁ ୬୪ କି.ମି ହେଉଛି। ଯାହାଫଳରେ ଏମାନେ ପଞ୍ଚାୟତରୁ ରାସନ ସାମଗ୍ରୀ ଆଣିବାରେ ମୁସ୍କିଲ ହୋଇପଡୁଛି। ଗାଁରେ ଦୁଇଟି ନଳକୂପ ରହିଥିବା ବେଳେ ଗୋଟିଏ ନଳକୂପ ଅଚଳ ହୋଇ ଦୁଇ ବର୍ଷ ହେଲାଣି ସେହି ନଳକୂପ ମରାମତି ହେଉ ନଥିବା ବେଳେ ଅନ୍ୟ ଏକ ନଳକୂପ ପାହାଡ଼ ଜାଗା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁନାହିଁ ଯାହାଫଳରେ ନିକଟସ୍ଥ ଝରଣାର ପାଣିକୁ ଶୋଷ ମେଣ୍ଟାଉଛୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଯେକୌଣସି କାର୍ଯ୍ୟ କଲେ ବିଜୁଳିର ଆବଶ୍ୟକତା ରହିଛି ହେଲେ ପରିତାପର ବିଷୟ ଏବେ ଯାଏଁ ଗାଁରେ ବିଜୁଳି ସଂଯୋଗ ହୋଇ ପାରିନି। ଫଳରେ ଆମେ ଅନ୍ଧାରରେ ଜୀବନ କାଟୁଛୁ ବୋଲି ଗାଁର ଇନ୍ଦ୍ର ମାଝୀ, ଡୁନି ମାଝୀ, ଡମ୍ବରୁ ମାଝୀ, ଲାକ୍ମା ମାଝୀ, ସାନ୍ଦା ମାଝୀ, ଜାମଦେଇ ମାଝୀ, ବନମାଝୀ, ଦୁରପି ମାଝୀ, ଲାଚନା ମାଝୀ, କମାଲଦେଇ ମାଝୀ, ସମେତ ଗ୍ରାମବାସୀ ମତପ୍ରକାଶ କରିଛନ୍ତି। ତେବେ ଏହି ଗାଁ ସମସ୍ୟା ପ୍ରତି ବ୍ଲକ ଓ ଜିଲ୍ଲାପ୍ରଶାସ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ବୈଠକ




**ଭବାନୀପାଟଣା, ୨୨।୧୧(ସମିସ):** ସଦର ବ୍ଲକ ଅନ୍ତର୍ଗତ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ଶଶାଙ୍କ ଶେଖର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକକୁ ଶିକ୍ଷକ ସୌଦାଗର ସୁନା ପରିଚାଳନା କରିଥିଲେ ଏବଂ ଉପ ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ନାଏକ ଅଭିଭାବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଧାନଶିକ୍ଷକ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଭବିଷ୍ୱତ, ପାଠପଢ଼ା ଏବଂ ଶ୍ରେଣୀ ଗୃହକୁ ନେଇ ଅଭିଭାବଙ୍କୁ ଅବଗତ କରାଇବା ସହିତ କିଭଳୀ ବିଦ୍ୟାଳୟ ସୁନ୍ଦର ପରିବେଶରେ ଗଢି ଉଠିବ ତାକୁ ନେଇ ଅଭିଭାବଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ତତ୍‌ସହ ଅଭିଭାବକ ମାନଙ୍କୁ ନିଜନିଜ ସ୍ତରରେ ସହଯୋଗ କାମନା କରିଥିଲେ। ଶିକ୍ଷୟିତ୍ରୀ ପ୍ରିତିରେଖା ବେମାଲ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବିଦ୍ୟାଳୟର ପାରିପାର୍ଶ୍ୱର ଅବ୍ୟବସ୍ଥା ଉପରେ ଅଭିଭାବଙ୍କୁ ଅବଗତ କରିଥିଲେ। ଆଗାମୀ ଦିନରେ ସମସ୍ତେ ବିଦ୍ୟାଳୟକୁ କିପରି ସରସ୍ ସୁନ୍ଦର କରିହେବ ତାକୁନେଇ ପ୍ରଶାସନର ନିୟମ ଅନୁସାରେ କମିଟି ଗଠନ କରାଯାଇଥିଲା। କମିଟିରେ ଜିଲ୍ଲାପାଳ, ଗୋଷ୍ଠି ଉନ୍ନୟନ ଅଧିକାରୀ, ଉ ଶିକ୍ଷା ଅଧିକାରୀ ସହିତ ପ୍ରଧାନଶିକ୍ଷକ ଏବଂ ଚାରି ଜଣ ସଦସ୍ୟ ରହିବେ, ଦୁଇଜଣ ଅଭିଭାବକ, ଦୁଇଜଣ ଅଭିଭାବିକା ରହିବେ ବୋଲି ବୈଠକରେ ପ୍ରଧାନଶିକ୍ଷକ ଉପସ୍ଥାପନା କରି ସଦସ୍ୟ ହେମନ୍ତ କୁମାର ରାୟ, ଜୟନ୍ତ ବାଗ, ଲିକୁସ୍ମିତା ପ୍ରଧାନ, ନଳିନୀ ଭୋଇ ଙ୍କୁ ଚୟନ କରି ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ। ଶିକ୍ଷକ ଦେବାଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ତ୍ରିଦେବ ଶିକା, ବିଜୟଲକ୍ଷ୍ମୀ ସାହୁ, ମନ୍ତୁ ରଞ୍ଜନ ସା, ଯୋଗେନ୍ଦ୍ର ବେହେରା, ଅନିତା ଶୁଣାଣି, ନିଶାନ୍ତ କହଁର, ଅଭିଷେକ ବେହେରା ସହଯୋଗ କରିଥିଲେ।

## ବୋଲଧା ଗାଁରେ ହାତୀପଲଙ୍କ ଉପଦ୍ରବ

**କୋମନା, ୨୨।୧୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବନ ବିଭାଗ ରେଞ୍ଜ ଅଧୀନସ୍ଥ ବୋଲଧା ଗାଁରେ ୩୦ ଟିକିଆ ହାତୀପଲ ଉପଦ୍ରବ କରୁଥିବା ଖବର ମିଳିଛି। ସୂଚନା ଅନୁସାରେ ଗତ ୫ ହେବ ଛତିଶଗଡ଼ରୁ ୩୦ଟି ହାତୀ ଆସି ବିଭିନ୍ନ ଚାଷ ଜମି ଦଳି ଚକଟି ନଷ୍ଟ କରୁଛନ୍ତି।ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ବନ ବିଭାଗକୁ ସୂଚନା ପ୍ରଦାନ କରିଛନ୍ତି। କିଛି ଚାଷୀଙ୍କ ଚାଷ ନଷ୍ଟ କରୁଥିବା ବେଳେ ଚାଷୀମାନେ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ଅପରପଟରେ ବନ ବିଭାଗ ଓ ହାତୀ ଘଉଡାଇବା ଦଳ ହାତୀପଲକୁ ଜଙ୍ଗଲ ମୁହାଁ କରିବାକୁ ଚେଷ୍ଟା କରୁଥିଲେ ସୁଦ୍ଧା ବନ ବିଭାଗ ବିଫଳ ହେଉଥିବା କୋମନା ରେଞ୍ଜର ଦେବଦତ୍ତ ସୂତାର ପ୍ରକାଶ କରିଛନ୍ତି।

## କାଞ୍ଚନ ଦେବୀଙ୍କ ପରଲୋକ

**ଧର୍ମଗଡ଼, ୨୨।୧୧(ସମିସ):** ସ୍ୱର୍ଗତ ଲଡୁ କିଶୋର ମୁନିଙ୍କ ଧର୍ମପତ୍ନୀ କାଞ୍ଚନ ଦେବୀଙ୍କ



ଶନିବାର ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥଲା। ବାର୍ଦ୍ଧକ୍ୟ ଜନିତ କାରଣରୁ କିଛି ଦିନ ହେଲା ଅସୁସ୍ଥ ଥିଲେ। ସେ ତାଙ୍କର ମଧ୍ୟମ ପୁତ୍ର ସରକାରୀ ଓକିଲ ରାଜେନ୍ଦ୍ର ମୁନିଙ୍କ ଜଗନ୍ନାଥପଡ଼ାସ୍ଥିତ ବାସ ଭବନରେ ରହୁଥିବା ବେଳେ ଶନିବାର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଶର୍ଯା ନିକଟରେ ପୁଅ ସୁରେନ୍ଦ୍ର ମୁନି, ମହେନ୍ଦ୍ର ମୁନି, ପୁତ୍ରବଧୂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମଝିଆ ପୁଅ ରାଜେନ୍ଦ୍ର ମୁନି ମୁଖାଗ୍ନି ଦେଇଥିଲେ।



## ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରାରେ ଦୁଲୁକିଲା ମଞ୍ଚ

**କେସିଙ୍ଗା, ୨୨।୧୧(ସମିସ):** ଦିଲ୍ଲୀରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଅବସରରେ ଅନୁଷ୍ଠିତ ଓଡ଼ିଶା ଦିବସରେ କଳାହାଣ୍ଡି ଜିଲ୍ଲା କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ନୃତ୍ୟ ଉଚ୍ଚ ପ୍ରଶଂସିତ ହୋଇଛି।ଏହି ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି ନିଜ ଉଦବୋଧନରେ ଓଡ଼ିଶାର ସଂସ୍କୃତି ଓ କଳା ମହାନ ଯାହା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ।ଅନ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ରାଜ୍ୟ ସଭା ସାଂସଦ

**ଦିଲ୍ଲୀ ବାଣିଜ୍ୟ ମେଳା**

ଅମର ପଟ୍ଟନାୟକ, ସୂଚନା ଲୋକ ସମ୍ପର୍କ ବିଭାଗ ର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଯୋଗଦାନ କରିଥିଲେ। ବିଏସଏ ସଭାପତି ସୁଶାନ୍ତ ମହାପାତ୍ର ଓ କୋଷାଧକ୍ଷ ବିକ୍ରମ ବାରିକଙ୍କ ତତ୍ୱାବଧାନରେ ୧୫ ଜଣିଆ ଘୁମୁରା ଦଳ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଶେଷ ଯାଏଁ ଓଡ଼ିଶାରୁ ଯାଇଥିବା ଘୁମୁରା, ଓଡିଶୀ, ଫୁଲବାଣୀ ଆଦିବାସୀ, ବ୍ରହ୍ମପୁର ଦିଗପହଣ୍ଡିର ପଶୁ ନୃତ୍ୟ ଓ ରୁମକୁ ଝୁମା ଓଡ଼ିଶାରୁ ଆସିଥିବା ୬ଟି ଦଳର ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ତରଭା, ୨୨।୧୧(ସମିସ):** ତରଭା ବ୍ଲକ ଅନ୍ତର୍ଗତ ଦେଉଳପଦର କୃଷ୍ଣ ମୋହନ କମ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଡିଇଓ ତଥା ବିଇଓ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସତ୍ୟ ନାରାୟଣ ମହାପାତ୍ର, ପିଏମଶ୍ରୀ ତରଭା ବାଳକ ହାଇସ୍କୁଲର ପ୍ରଧାନ ଶିକ୍ଷକ ମୁରଲୀ ଧର ବିଶ୍ୱାଳ, ବ୍ଲକ ବିଜ୍ଞାନ ପରିଦର୍ଶକ ସୁରଜ ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୀୟ ମହାନ୍ତି ଉତ୍ସବରେ ଯୋଗଦାନ କରି ପିଲାଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ରଖିବାକୁ ଉଦବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଞ୍ଜୀବ ସେଠୀ ଅତିଥି ପରିଚୟ ପ୍ରଦାନ ଓ ପ୍ରଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରଦର୍ଶନୀ ପାଇଁ ଚଳିତ ବର୍ଷର ବିଷୟବସ୍ତୁ 'ବିକଶିତ ଏବଂ ଆତ୍ମନିର୍ଭର ଭାରତ' ଉପରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ସମ୍ମାନିତ ଅତିଥିଭାବେ ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟ ତରଭାର ପ୍ରଧାନ ଶିକ୍ଷକ ମୁରଲୀଧର ବିଶ୍ୱାଳ, ଦେଉଳପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିୟ କୁମାର ମହାନ୍ତି, ତରଭା ବ୍ଲକ ବିଜ୍ଞାନ ନିରୀକ୍ଷକ ସୁରଜ କୁମାର ସେଠି ଯୋଗଦେଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ବିଜ୍ଞାନ ମେଳାରେ ସାତଟି ଉପବିଭାଗରୁ ତରଭା ବାଳକ ଉଚ୍ଚ ବିଦ୍ୟାଳୟର ସୁରଜ ନାଗ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମୌସମ




ପଧାନ, ମେଣ୍ଡା ଉଚ୍ଚ ବିଦ୍ୟାଳୟର ରାଜ ମହାକୁଡ, ଶିବତୁଲା ଉଚ୍ଚ ବିଦ୍ୟାଳୟର ଶିବ ନାଏକ, ଝାରତରଭା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଇଶାରାଣୀ ନାଏକ, ପାଇକବାହାଲ ଉପ୍ରା ବିଦ୍ୟାଳୟର ଅନାମିକା ମହାକୁଡ, ସରଗଜ ଉଚ୍ଚ ବିଦ୍ୟାଳୟର ଶିବାନୀ ମହାକୁର ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କନିଷ୍ଠ ବିଭାଗରେ ତରଭା ବାଳକ ଉଚ୍ଚ ବିଦ୍ୟାଳୟର ସୁରଜ ନାଗ, ଘଟକଇଁନ୍ତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତ୍ୟୁଷା ଜାଲ, ଅର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାୟଲ ନାଏକ, ବଶିଷ୍ଠ ବିଭାଗରେ ଶିବତୁଲା ଉଚ୍ଚ ବିଦ୍ୟାଳୟର ଶିବ ନାଏକ, ତରଭା ଉଚ୍ଚ ବିଦ୍ୟାଳୟର ଓମ୍ ସାହୁ, କୁମ୍ଭାରମୁଣ୍ଡା ଉଚ୍ଚ ବିଦ୍ୟାଳୟର ବବଲି କୁଅଁର ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗଦାନ କରିବେ। ସେହିପରି ବରିଷ୍ଠ ବିଭାଗ କୁଇଜ୍ ପ୍ରତିଯୋଗିତାରେ ଶିବତୁଲା ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ ଛତ୍ରିଆ ପ୍ରଥମ, ମେଣ୍ଡା ଉଚ୍ଚ ବିଦ୍ୟାଳୟର ଯଶୋସ୍ମିତା ବରାଇ ଦ୍ୱିତୀୟ, ତରଭା ବାଳକ ଉଚ୍ଚ ବିଦ୍ୟାଳୟର ଓମ୍ ସାହୁ ତୃତୀୟ ଏବଂ କନିଷ୍ଠ ବିଭାଗରେ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଲିନି ପଧାନ ପ୍ରଥମ, ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଶୀତଲ ମେହେର ଦ୍ୱିତୀୟ ଓ ସିଂହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସିବିଏେକ୍ ଚୌହାନ ତୃତୀୟ ସ୍ଥାନ ହାସଲ କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ବିବେଚିତ ହୋଇଛନ୍ତି। ପ୍ରାଥମିକସ୍ତରରେ କେକଟପାଲି ପ୍ରାଥମିକ ବିଦ୍ୟାଳୟର ପୃଥିରାଜ ସାହୁ ପ୍ରଥମ, ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆର୍ଯ୍ୟାସ୍ମିତା ମିଶ୍ର ଦ୍ୱିତୀୟ ଏବଂ ଦେଉଳପଦର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସତ୍ୟନାରାୟଣ ମିଶ୍ର ଓ କୁଟଶିରା ପ୍ରାଥମିକ ବିଦ୍ୟାଳୟର ପ୍ରିୟଲକ୍ଷ୍ମୀ ମହାନନ୍ଦ ତୃତୀୟ ସ୍ଥାନ ହାସଲ କରିଥିଲେ। ଶିକ୍ଷକ ଗୋପବନ୍ଧୁ ଝାଙ୍କର ଅତିଥି ପରିଚୟ କରିଥିବାବେଳେ ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଆଶିଷ କୁମାର ନାଏକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ଓ ସୁଶାନ୍ତ କୁମାର ମେହେର ପୁରସ୍କାର ବିତରଣରେ ସାହାଯ୍ୟ କରିଥିଲେ। ଶିକ୍ଷକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଭୈରବୀ ମହୋତ୍ସବର ପଞ୍ଚମ ସନ୍ଧ୍ୟା

## 'କେଁ କଟର ଶଗଡ଼ ଗାଡ଼ି' ଗୀତରେ ଝୁମିଲେ ଦର୍ଶକ



**ପୁରୁଣାକଟକ, ୨୨।୧୧(ସମିସ):** ସମ୍ବଲପୁରୀ ନାଚ ଗୀତରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଚହଳ ପକାଉଛି ପଞ୍ଚମ ରାଜ୍ୟସ୍ତରୀୟ ମାଁ ଭୈରବୀ ମହୋତ୍ସବ। ମହୋତ୍ସବର ଶନିବାର ପଞ୍ଚମ ସନ୍ଧ୍ୟାରେ ବୌଦ୍ଧ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ଭୈରବୀଙ୍କ ସନ୍ଧ୍ୟା ଆଳତି ଓ ଧୂପରେ ମଣ୍ଡପ ଏବଂ ପୁରୁଣାକଟକ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପଞ୍ଚମ ସନ୍ଧ୍ୟାରେ ଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରତିନିଧି ସୁଶାନ୍ତ କୁମାର ପ୍ରଧାନ, ବୌଦ୍ଧ ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ, ସର୍ବଭାରତୀୟ ବନ ଅଧିକାରୀ ମହାସଂଘର ସାଧାରଣ ସମ୍ପାଦକ ଜଗବନ୍ଧୁ ପାତ୍ର ମଞ୍ଚାସୀନ ଥିଲେ। ଆବାହକ ସୁକାନ୍ତ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସତୀଶ ବେହେରା, ସମ୍ପାଦକ ଅଶୋକ କୁମାର ସେଠି, ଉପସଭାପତି ଅକ୍ରୁର ସେଠି ମହୋତ୍ସବ କମିଟି ପକ୍ଷରୁ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପଞ୍ଚମ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ମହୋତ୍ସବ ମଣ୍ଡପରେ ୟୁପି ସ୍କୁଲ ଧଳପୁର, ପୁନମ ଡ୍ୟାନ୍ସ ଗ୍ରୁପ ପୁରୁଣାକଟକ, ହାଇସ୍କୁଲ କରଞ୍ଜକଟା ସମ୍ବଲପୁରୀ, ବଜାଶାଲ ବଲାଙ୍ଗିରଙ୍କର ନୃତ୍ୟ ଗୀତ ସହ କଣ୍ଠଶିଳ୍ପୀ ଶ୍ରସନ୍ନାଜିତଙ୍କ ଭୈରବୀ ମା'ଙ୍କ ଗୀତ ଓ କେଁ କଟର ଶଗଡ଼ଗାଡି ଗୀତରେ ଦର୍ଶକ ଝୁମିଥିଲେ। ପଶ୍ଚିମ ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ଆଶିଷ କୁମ୍ଭାର ଓ ହିମାନି ହଂସରାଜ ଗ୍ରୁପ (ମେଲୋଡି) ଦ୍ୱାରା ପରିବେଷିତ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ଟିପିଗୁଡ଼ା କଳାକାର ମଞ୍ଚ ପକ୍ଷରୁ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି



**ଧର୍ମଗଡ଼, ୨୨।୧୧(ସମିସ):** ଧର୍ମଗଡ଼ ବ୍ଲକ ଟିପିଗୁଡା ସାବିତ୍ରୀବାଇ ଫୁଲେ ଛକ ଠାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀ ହ୍ୟୁମାନ ସାଗରଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ କଳକାର ତଥା ପ୍ରାଥମିକ ଶିକ୍ଷକ ଧନିରାମ ଦୁର୍ଗା, ନାଟ୍ୟ ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ନାଏକ, ଯୁବ ନାଟ୍ୟ କଳାକାର ଅତୁଲ୍ୟ ପଣ୍ଡା, ନିରାକାର ଦାସ, କଣ୍ଠ ଶିଳ୍ପୀ ମନୋଜ କୁମାର ନାଏକ, ରାଜେଶ ମଙ୍ଗରାଜ, ମହିଳା ସଂକୀର୍ତ୍ତନ ପ୍ରଯୋଜକ ଟାମକୁ ନାଏକ, ସାମ୍ବାଦିକ କୃଷ୍ଣଦାସ ନାଏକ, ଟିପିଗୁଡା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ତେଜନ ଦୁର୍ଗା, ମତିରାମ ଦୁର୍ଗା, ଆବ୍ରାହମ ତାଣ୍ଡି ସମେତ ଗ୍ରାମର ଯୁବଗୋଷ୍ଠୀ, କଳାପ୍ରେମୀ ତଥା ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ।

■ ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## କେନ୍ଦ୍ରାପଡ଼ାକୁ ହରାଇ ଫାଇନାଲ୍‌ରେ ୱେଷ୍ଟବେଙ୍ଗଲ

ବୀରମହାରାଜପୁର, ୨୨।୧୧ (ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରାରେ ସ୍ଥାନୀୟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ(କମିରା କ୍ରିକେଟ କପ୍)ର ଶନିବାର ଥିଲା ଚତୁର୍ଥ ଦିବସ। ଶନିବାର ଦିନ ଦୁଇଟି ମ୍ୟାଚ୍ ହୋଇଥିଲା। ସେମିଫାଇନାଲରେ କେନ୍ଦ୍ରାପଡ଼ାକୁ ହରାଇ ୱେଷ୍ଟବେଙ୍ଗଲ ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍‌ଟି ଇମେଜ -୧୧ ଭଦ୍ରକ ଓ ସୁହାନୀ -୧୧ ୱେଷ୍ଟବେଙ୍ଗଲ ମଧ୍ୟରେ ହୋଇଥିଲା। ଏଥିରେ ୱେଷ୍ଟବେଙ୍ଗଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଜବାବରେ ଭଦ୍ରକ ଦଳ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ ରନ୍ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ପ୍ରଥମ ମ୍ୟାଚ୍‌ର ବିଜେତା ୱେଷ୍ଟବେଙ୍ଗଲ ଓ ଶୁକ୍ରବାରର ବିଜେତା ଡିସିସି ଶାନ୍ତାପୁର(କେନ୍ଦ୍ରାପଡ଼ା) ମଧ୍ୟରେ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୦୦ ରନ୍ କରିଥିଲା। ଜବାବରେ ୱେଷ୍ଟବେଙ୍ଗଲ ଦଳ ଆବଶ୍ୟକୀୟ ୧୦୧ ରନ୍‌କୁ ୧୦ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଓ କନ୍ଧମାଳର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶାନ୍ତନୁ କୁମାର ଥାଟି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍ ପାଇଁ ୱେଷ୍ଟବେଙ୍ଗଲର ଗୁରୁ ଦୀପନ ଜେନା ଓ ଦ୍ୱିତୀୟ ମ୍ୟାଚ୍ ପାଇଁ ବିଶ୍ୱରଞ୍ଜନ ପରିଡ଼ାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍ ଗୁଡିକରେ ସୁବାଷ ଭଏନା ଓ ମୁନୁ ନାଏକ ଅମ୍ପାୟାର, ଶ୍ରିଦାସ ବାରିକ ସ୍କୋରର ଏବଂ ସଚିନ ପ୍ରଧାନ ଓ ବୁଦ୍ଧଦେବ ମହାରଣା ଧାରାବିବରଣୀ ପ୍ରଦାନ କରିଥିଲେ। ରବିବାର ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ କମଣ୍ଡୋ -୧୧ ଭୁବନେଶ୍ୱର ଏବଂ ସୁହାନି -୧୧ ୱେଷ୍ଟବେଙ୍ଗଲ ମଧ୍ୟରେ ହେବ ବୋଲି ଆୟୋଜକ ସଚିନ ପ୍ରଧାନ ପ୍ରକାଶ କରିଛନ୍ତି।





# 'ଇସ୍କ ଟ୍ରାଫିକ୍'ରେ ୭ଟି ଗୀତ

ସାଧାରଣତଃ ଚଳଚ୍ଚିତ୍ରରେ ୪ଟି କିମ୍ବା ୫ଟି ଗୀତ ସ୍ଥାନିତ ହେଉଥିବା ଦେଖାଯାଏ । ତେବେ 'ଇସ୍କ ଟ୍ରାଫିକ୍' ସିନେମାରେ ସମୁଦାୟ ୭ଟି ଗୀତ ରହିଛି । ଖୁବ୍ ଶୀଘ୍ର ଏହା ପରଦାକୁ ଆସିବାକୁ ଯାଉଛି । ଏହାର ଥିମ୍ ସଙ୍ଗ, ରୋମାଣ୍ଟିକ୍ ଡୁଏଟ୍, ଆଇଟମ୍ ନମ୍ବର, ସୁଫିୟାନା ଏବଂ ବିରହ ଗୀତ ଦର୍ଶକଙ୍କୁ ଆକର୍ଷିତ କରିବ । ତପୁ ନାୟକ, ରଞ୍ଜନ ନାୟକ, ପୁଷ୍ପକ ପରିଡ଼ା ଓ ଅସଦ୍ ନିଜାମଙ୍କ ରଚିତ ଗୀତଗୁଡ଼ିକରେ ହ୍ୟୁମାନ ସାଗର, ମଣ୍ଟୁ ଛୁରିଆ, କୁଲଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅବିନାଶ କଣ୍ଠଦାନ କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯୁବପିଢ଼ିର ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅସଦ୍ ନିଜାମ । ଅମର ମ୍ୟୁଜିକ୍‌ରେ ଗୀତଗୁଡ଼ିକ ମୁକ୍ତିଲାଭ କରିଛି । ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଭାବପ୍ରବଣ କରିବା ସହ ମନୋରଞ୍ଜନର ଭରପୂର ଖୋରାକ ଯୋଗାଇବ ।। ମା'–ପୁଅ ଓ ମାମୁଁଙ୍କ ସମ୍ପର୍କକୁ ନେଇ ସିନେମାଟି ଗତିଶୀଳ ହୋଇଛି । କମେଡି ଅଭିନୟରେ ପପୁ ପମପମ୍ ଏହି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛନ୍ତି । ତା' ସାଙ୍ଗକୁ ନବାଗତ ଅଭିନେତା ପ୍ରେମଙ୍କ ଅଭିନୟ ବେଶ୍ ପ୍ରଭାବଶାଳୀ ହୋଇପାରିଛି । ଶୁଭ୍ରାଂଶୁ ବିଶ୍ୱାଳଙ୍କ କାହାଣୀ ଓ ସଂଳାପରେ ନିର୍ମିତ ଏହି ଚଳଚ୍ଚିତ୍ରରେ ରୋହନଜିତ ଦାସ ନିର୍ଦ୍ଦେଶନା ଦେଇଛନ୍ତି । 'ଗ୍ରୀନ୍ ଚିଲିଜ୍ ଆଣ୍ଡ ଏଣ୍ଟରଟେନମେଣ୍ଟ' ନିବେଦିତ ଫିଲ୍ମଟିରେ ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ସନ୍ତୁ ନିଜେ, ମହାପ୍ରସାଦ କର, ନୈନା ନାଥ, ପ୍ରିୟଙ୍କା ସାହୁ, ଅର୍ପିତା ସାହୁ, ଆନ୍ନା କମେଡି, ବାପି କମେଡି, କାଳିଆ, ସୁଧୀର ବାରିକ, ବେକାରିଆ ନୁକ ପ୍ରମୁଖ ଅଭିନୟ କରୁଛନ୍ତି । ସିନେମାଟି ଦର୍ଶକଙ୍କୁ ଏକ ପାରିବାରିକ ପ୍ରେମ କାହାଣୀ ଏବଂ ମନୋରଞ୍ଜନର ନୂତନ ଅନୁଭୂତି ପ୍ରଦାନ କରିବ । ■

## ଜାଗରଣ ଫିଲ୍ମ ଫେଷ୍ଟିଭାଲ୍‌ରେ 'ପୂୟୋଦକମ୍'



ମୁମ୍ବାଇଠାରେ ଅନୁଷ୍ଠିତ ଜାଗରଣ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ପୂୟୋଦକମ' ପ୍ରଦର୍ଶିତ ହୋଇଛି । ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି, ପ୍ରଯୋଜିକା ଗୁନଗୁନ, ରୀନା ଜେନା, କାର୍ଯ୍ୟକାରୀ ପ୍ରଯୋଜକ ନିର୍ମାଲ୍ୟ କୁମାର, ଖ୍ୟାତି ସମ୍ପନ୍ନ ସାଉଣ୍ଡ ଡିଜାଇନର ସୁବାସ ସାହୁ, ବର୍ଷିଆନ ଅଭିନେତ୍ରୀ ଓ ନିର୍ଦ୍ଦେଶିକା ବିଜୟା ଜେନା (ଡଲି) ପ୍ରମୁଖ ଯୋଗ ଦେଇଥିଲେ । ନଭେମ୍ବର ୧୩ ରୁ ୧୬ ତାରିଖ ଯାଏଁ ଆୟୋଜିତ ଏହି ଅନ୍ତର୍ଜାତୀୟ ମହୋତ୍ସବରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସା ସାଉଁଟିଛି । ବଳିଷ୍ଠ କାହାଣୀ, ସ୍ୱତନ୍ତ୍ର ଉପସ୍ଥାପନା, ପ୍ରଭାବୀ ଅଭିନୟ ଓ ଉଚ୍ଚକୋଟୀର ନିର୍ମାଣ ଶୈଳୀ ପାଇଁ ଏହା ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ଆଦୃତ ହୋଇଥିଲା । 'ଗୁନଗୁନ ଫିଲ୍ମସ୍' ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି । କେବଳ ନିର୍ଦ୍ଦେଶନା ନୁହେଁ, ଚିତ୍ରନାଟ୍ୟ ଓ ସଂଳାପ ରଚନା ସହ ସମ୍ପାଦନା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ବିଭିନ୍ନ ଭୂମିକାରେ ଗୁନଗୁନ, ଶ୍ରୀତମ ଦାସ, ଗାର୍ଗୀ ମହାନ୍ତି, ଅଭିଷେକ ଗିରି, ଶୁଭ୍ରାଂଶୁ ନାୟକ, ବିବୁ ଦାସ, ପୂର୍ଣ୍ଣେନ୍ଦୁ ଦତ୍ତ ପ୍ରମୁଖ ଅଭିନୟ କରିଛନ୍ତି । କ୍ୟାମେରାରେ ପ୍ରେମ ଜୟନ ଥିବାବେଳେ ସଙ୍ଗୀତରେ ଅଛନ୍ତି ସୁବାସ ସାହୁ ଓ ଅରୁଣ ଜ୍ୟୋତି । ସାଉଣ୍ଡ ଡିଜାଇନ କରିଛନ୍ତି ସୁବାସ ସାହୁ । ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ଏହା ବଡ଼ ପରଦାକୁ ଆସିବ ବୋଲି ଗୁନଗୁନ କହିଛନ୍ତି । ■

## ସର୍ବଗୁଣ ସମ୍ପନ୍ନ ଯୋଡ଼ି ରୁବିନା-ଅଭିନବ

କଲର୍ସ ଟିଭି ଏବଂ ଜିଓ ହଟ୍‌ଷ୍ଟାର୍‌ରେ ତିନି ମାସ ହେବ ଦର୍ଶକଙ୍କ ମନୋରଞ୍ଜନ କରି ଆସୁଥିଲା 'ପତି, ପତ୍ନୀ ଔର୍ ପଙ୍ଗା' ଶୋ' । ରୁବିନା ଦିଲାଇକ ଏବଂ ଅଭିନବ ଶୁକ୍ଲା ଶୋ'ର ବିଜେତା ହୋଇଛନ୍ତି । ଏହି ସିଜନ୍‌ରେ ଏହି ଦମ୍ପତିଙ୍କୁ ସର୍ବଗୁଣ ସମ୍ପନ୍ନ ଯୋଡ଼ିର ଟାଇଟଲ୍ ମିଳିଛି । ଏ ଦୁହିଁଙ୍କୁ ଶୋ'ର ସବୁଠୁ ଭଲ ଦମ୍ପତି ବୋଲି କୁହାଯାଇଛି । ଏହି ଶୋ'ରେ ପ୍ରତ୍ୟେକ ଦମ୍ପତି ନିଜ ସମ୍ପର୍କ ବିଷୟରେ ଖୋଲାଖୋଲି ଆଲୋଚନା କରିଥିଲେ । ଶୋ'ର ବିଜେତା ହୋଇ ଦୁହେଁ ଖୁବ୍ ଖୁସି ଏବଂ ଉତ୍ସାହିତ ଅଛନ୍ତି । ଅନ୍ୟପଟେ ଏହି ଶୋ'ରେ ହୀନା ଖାନ୍, ସ୍ୱରା ଭାସ୍କର, ଗୀତା ଫୋଗଟ, ସୁଦେଶ ଲହରୀ, ଦେବିନା ବାନାର୍ଜୀ, ଇଶା ମାଲବୀୟ, ଅଭିଷେକ କୁମାର, ଅବିକା ଗୌର ନିଜ ସାଥୀଙ୍କ ସହିତ ନଜର ଆସିଥିଲେ । ଶୋ'ର ବିଚାରପତି ଭାବେ ନଜର ଆସିଥିଲେ ସୋନାଲି ବିନ୍ଦ୍ରେ ଏବଂ ମୁନଵ୍ୱର ଫାରୁକି । ଶୋ'ରେ ସାମିଲ ପ୍ରତ୍ୟେକ ପ୍ରତିଯୋଗୀ ମଜାଦାର ଟାସ୍କ, ଡ୍ୟାନ୍ସ, ଗେମ୍ ଚ୍ୟାଲେଞ୍ଜ ପୂରା କରିଥିଲେ । ■




## ଚର୍ଚ୍ଚାରେ ଟାଇଗର୍



ଆକ୍ସନ ସିନେମା ଲାଗି ପରିଚିତ ବଲିଉଡ୍‌ର ଆଗଧାଡ଼ିର ଅଭିନେତା ଟାଇଗର୍ ଶ୍ରଫ୍ । ଏବେ 'ବାଗି-୪'ରେ ତାଙ୍କର ଆକ୍ସନ ଦୃଶ୍ୟକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି । ଏହାରି ଭିତରେ ଟାଇଗର ତାଙ୍କ ନୂଆ ସିନେମାକୁ ନେଇ ଚର୍ଚ୍ଚାରେ ଅଛନ୍ତି । ଫିଲ୍ମ ନିର୍ମାତା ରାମ ମାଧବାନୀଙ୍କ ସହିତ ଏକ ମଲ୍ଟି ଫିଲ୍ମ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଅବଶ୍ୟ ଏହି ସିନେମା ଉପରେ କାମ ଆରମ୍ଭ ହେଲାଣି । ସିନେମାର ଶୀର୍ଷକ ସ୍ଥିର ହୋଇ ନ ଥିଲେ ବି ସେ ଏହି ସିନେମାରେ ଆକ୍ସନ ଦୃଶ୍ୟରେ ନଜର ଆସିବେ । ତେବେ ଏହା ଏକ ଆଧ୍ୟାତ୍ମିକ ଆକ୍ସନ ଥ୍ରିଲର ସିନେମା ହେବ । ଯାହାକି ଭାରତୀୟ ସିନେମାରେ ପୂର୍ବରୁ କେବେ ହୋଇ ନ ଥିବା କୁହାଯାଉଛି । ସେହିପରି ଏହି ସିନେମା ଲାଗି ଟାଇଗର ବ୍ୟାପକ ପ୍ରସ୍ତୁତି କରିବେ । ସିନେମାର ସୁଟିଂ ୨୦୨୬ରେ ଆରମ୍ଭ ହେବ । ତା'ସହ ଫିଲ୍ମର ଏକ ବଡ଼ ଭାଗ ଜାପାନରେ ସୁଟିଂ ହେବ । ଅନ୍ୟପଟେ ଏବେ ଏହାର ନିର୍ମାତା ମୁଖ୍ୟ ଅଭିନେତ୍ରୀ ଏବଂ ଖଳନାୟକ ସନ୍ଧାନରେ ଅଛନ୍ତି । ■

## ୨୩ରେ 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍'ର ଗ୍ରାଣ୍ଡ ଫିନାଲେ

ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ରିୟାଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ'ର ଗ୍ରାଣ୍ଡ ଫିନାଲେ ଆଜି ଅର୍ଥାତ ନଭେମ୍ବର ୨୩ ତାରିଖ ସନ୍ଧ୍ୟା ୬ଟା ୩୦ ପ୍ରସାରିତ ହେବ । 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ । ପ୍ରତି ପ୍ରତିଯୋଗୀମାନେ ଏହି ଗ୍ରାଣ୍ଡ ଫିନାଲେରେ ନିଜର ଦମଦାର ପ୍ରଦର୍ଶନ ଦେଇଛନ୍ତି । ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି । ତେବେ ଶେଷ ପର୍ଯ୍ୟାୟରେ ଅର୍ଥାତ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ, ଯିଏ ପାଇବେ ବଡ଼ ପରଦାକୁ ପ୍ରବେଶ କରିବାର ବଡ଼ ସୁଯୋଗ । ବିଜୟୀ ପ୍ରତିଯୋଗୀଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ୍ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଶୋ'ର ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି । ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ । ଗ୍ରାଣ୍ଡ ଫିନାଲେରେ ସ୍ୱରାଜ ବାରିକ, ଶିବାନୀ ସଙ୍ଗୀତା, ସୁଜିତ, ଅସୀମା ପଣ୍ଡା, କୁଳଦୀପ ଓ ଗୌରବଙ୍କ ଆନନ୍ଦଙ୍କୁ ଦେଖିବାକୁ ମିଳିବ । ■



## 'ଅଭିନୟ ସମୟରେ ଚରିତ୍ରରେ ହଜିଯାଏ'

ଲିପ୍‌ସା ମହାରଣା, ଅଭିନେତ୍ରୀ

ଲୋକପ୍ରିୟ ପୁରୁଣା ଆଲବମ୍ ଦେଖି ସେ ଅଭିନୟ ଜଗତକୁ ଆସିବାକୁ ଭାବିଥିଲେ । ସୌଭାଗ୍ୟବଶତଃ ତାଙ୍କୁ ସେ ସୁଯୋଗ ମିଳିଲା । ଖୁବ୍ କମ୍ ବୟସରୁ କମେଡି ଶୋ'ରେ କାମ ଆରମ୍ଭ କରିଥିଲେ ଭୁବନେଶ୍ୱରର ଲିପ୍‌ସା ମହାରଣା । ପରବର୍ତ୍ତୀ ସମୟରେ ଦୁଇଟି ଓଡ଼ିଆ ସିନେମାରେ କାମ କରିଛନ୍ତି । ମ୍ୟୁଜିକ୍ ଭିଡିଓଠୁ ନେଇ ଧାରାବାହିକ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗକୁ ହାତ ଛଡ଼ା କରି ନାହାଁନ୍ତି ସେ । ଏକାଧାରାରେ ଲିପ୍‌ସା ବହୁମୁଖୀ ପ୍ରତିଭାର ଅଧିକାରିଣୀ । ଏହି ଲାଇନ୍‌କୁ ସେ କେମିତି ଆସିଲେ ତଥା ଆଗକୁ ତାଙ୍କର କ'ଣ ଯୋଜନା ରହିଛି ଜାଣିବା ତାଙ୍କ ମୁହଁରୁ ।

**ଅଭିନୟ ଜଗତରେ କାମ କରିବାକୁ କେତେ ସଂଘର୍ଷ କରିଛନ୍ତି ?**

● ଭୁବନେଶ୍ୱରରେ ମୋର ଜନ୍ମ । ବ୍ରହ୍ମପୁରରେ ପାଠ ପଢ଼ିଛି । ପିଲାଦିନେ ନାଚ, ଗୀତ, ଅଭିନୟ କରୁଥିଲି । ଆଲବମ୍ ଅଭିନେତା ସ୍ୱର୍ଗତ ପପୁ ଭାଇଙ୍କ ମୃତ୍ୟୁ ପରେ ମୋ ସାନ ଭାଇର ନାଁ ରଖାଗଲା ପପୁ । ସେବେଠୁ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ମୁଁ ପରିବାର ବୋଲି ମାନି ନେଇଥିଲି । ଟିଭିରେ ଯାହା ଦେଖୁଥିଲି ସେମିତି ନିଜକୁ ନକଲ କରୁଥିଲି । ସୌଭାଗ୍ୟବଶତଃ 'ଏଇଟା ବାୟାଟା' କମେଡି ଶୋ'ରେ ପପୁ ଭାଇଙ୍କ ସହ ମୋର ମୋର ପ୍ରଥମ କାମ ଆରମ୍ଭ କରିଥିଲି । ପରେ ପରେ ତରଙ୍ଗରେ 'ଯାହା କହିବି ସତ କହିବି' କରିଥିଲି । ଏହି ଶୋ'କୁ ମୋ ବାପା ବହୁତ ଭଲ ପାଇଥିଲେ । 'ଶ୍ରୀମାନ ଶ୍ରୀଯୁକ୍ତ', 'ବଦମାସିଆ ପ୍ରେମ' ସିନେମା କରିଛି । ଏହା ରିଲିଜ୍ ହୋଇନି । ପପୁ ଭାଇଙ୍କ ସହ 'ମାଇପ ପ୍ରେମ ସର୍ବୋତ୍ତମ' ମ୍ୟୁଜିକ୍ ଭିଡିଓ କରିଛି । 'ସାଥି ସାତ ଜନ୍ମର' ଧାରାବାହିକରେ ନାୟିକାର ସାଙ୍ଗ ଚରିତ୍ରରେ ନଜର ଆସିଥିଲି । ନିକଟରେ ମୋର ଅଭିନୀତ 'ବାଲିଯାତ୍ରା' ଟେଲି ଫିଲ୍ମ ରିଲିଜ୍ ହୋଇଛି । ଏଥିରେ ମୁଁ ସାଧବ ବଡ଼ ବୋହୂ ଭୂମିକାରେ ଅଭିନୟ କରିଛି । ଅନେକ ଇଭେଣ୍ଟର ପରିଚାଳନା କରିବାକୁ ମୋତେ ଦାୟିତ୍ୱ ମିଳିଛି ।

**କ୍ୟାମେରାକୁ କେମିତି ସାମ୍ନା କରିଥିଲେ ?**

● ପ୍ରଥମେ କମେଡି ଶୋ' ସୁଟିଂ ପାଇଁ ପପୁ ଭାଇ ଡାକିଥିଲେ । ପ୍ରଥମେ ପ୍ରଥମେ କାମକୁ ନେଇ ବହୁତ ଡର ଥିଲା ମୋ ଭିତରେ । କାମକୁ ଯିବି କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ଥିଲି । ତେଣୁ ବୁଲିବା ଲକ୍ଷ୍ୟରେ ସୁଟିଂ ସେଟ୍‌କୁ ଯାଇଥିଲି । ପପୁ ଭାଇ ପରୀକ୍ଷାମୂଳକଭାବେ ମେକ୍‌ଅପ୍ ନେଇ କଷ୍ଟ୍ୟୁମ୍ ପିନ୍ଧିବାକୁ କହିଥିଲେ । କଷ୍ଟ୍ୟୁମ ପିନ୍ଧିଲା ପରେ ମୁଁ ସେ ଚରିତ୍ରରେ ପୂରା ପଶିଗଲି ଆଉ ଅଭିନୟ କରିଥିଲି । ସେବେଠୁ ମୋର ଯାତ୍ରା ଚାଲିଛି ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି ?**

● ଗୀତ ଗାଇବାକୁ ଭଲ ପାଏ । ଚିତ୍ର ଆଙ୍କେ । ନିଜକୁ ସମୟ ଦିଏ । ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

**ସୋସିଆଲ ମିଡିଆକୁ କେମିତି ବ୍ୟବହାର କରନ୍ତି ?**

● ସାମାଜିକ ଗଣମାଧ୍ୟମରେ ଥିଲେ ବି ଏତେ ସକ୍ରିୟ ରହେନି । ସେଥିରେ ମୋତେ କିଛି ଭଲ ପ୍ରତିକ୍ରିୟା ଦିଅନ୍ତି । ଆଉ କିଛି ଖରାପ ପ୍ରତିକ୍ରିୟା ଦିଅନ୍ତି । ତାଳି ଆଉ ଗାଳି ହିଁ ଜଣେ ଅଭିନେତ୍ରୀ ପାଇଁ ଆଶୀର୍ବାଦ । ତେଣୁ ସେଥିରୁ କେଉଁଠି ମୋ ଅଭିନୟରେ ତ୍ରୁଟି ରହିଲା, କେମିତି ନିଜକୁ ଆଗକୁ ସଜାଡ଼ିବି ସେ ଦିଗ ପ୍ରତି ସଜାଗ ରହେ । ତେଣୁ ଗୋଟିଏ କଥା କହିବି ସାମଜିକ ଗଣମାଧ୍ୟମକୁ ସର୍ବଦା ସଦୁପଯୋଗ କରିବା ଆବଶ୍ୟକ ।

**ଡ୍ରିମ୍ ରୋଲ ?**

● ଭବିଷ୍ୟତରେ ମୋତେ ଯାହା ବି ଚରିତ୍ର ମିଳିବ, ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେବି । ସବୁ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରିବି ।

**ଆଗାମୀ ଯୋଜନା ?**

● ଆଗକୁ ଭଲ କାହାଣୀର ସିନେମାକୁ ଅପେକ୍ଷା କରିଛି । ଯେତେ ଦିନ ଯାଏଁ ଏହି ଲାଇନ୍‌ରେ ରହିଛି, ଦର୍ଶକଙ୍କ ମନୋରଞ୍ଜନ କରୁଥିବି । ■




**ଅଭିନୟକୁ ଭଲ କରିବାକୁ କ'ଣ କରନ୍ତି?**

● ଜଣେ ଭଲ ଅଭିନେତ୍ରୀ ସବୁ ଚରିତ୍ରରେ ଅଭିନୟ କରିପାରିବେ । ଏହାକୁ ମନେ ରଖି ମୁଁ ଅଭିନୟ କରେ । ପୁରୁଣା ସିନେମା, ଧାରାବାହିକ ସେଗୁଡ଼ିକ ସବୁବେଳେ ଦେଖେ । ସେଥିରୁ କିଛି ନା କିଛି ଭଲ କଥା ଗ୍ରହଣ କରେ । ତେବେ ମୋ ବାପା ଦୁନିଆରେ ନାହାଁନ୍ତି ସତ, କିନ୍ତୁ ବାପାଙ୍କ ଆଶୀର୍ବାଦ ଯୋଗୁଁ ମୁଁ ଅଭିନେତ୍ରୀଟିଏ ହୋଇପାରିଛି । ଆଉ ଗୋଟେ କଥା ପପୁ ଭାଇଙ୍କ ସାଙ୍ଗେ କାମ ଆରମ୍ଭ କରିଥିବାରୁ ମୁଁ ସବୁକାମ ସହଜରେ କରିପାରେ । ଯେଉଁ ଚରିତ୍ର ମିଳିଲେ ବି ବିନା ସ୍କ୍ରିପ୍ଟରେ ସଂଳାପ କହିପାରେ ।

## ପରଦା ପଛର କାହାଣୀ

# ମାନବେତର ଜୀବର ଚମତ୍କାର ଅଭିନୟ

ଅନେକ ଚଳଚ୍ଚିତ୍ରରେ ମଣିଷ ଓ ପଶୁର ସୁସମ୍ପର୍କକୁ ଚମତ୍କାର ଭାବେ ଚିତ୍ରଣ କରାଯାଇଛି । ରାଜେଶ ଖନ୍ନାଙ୍କ 'ହାତୀ ମେରା ସାଥୀ'ର ହାତୀ ହେଉ ଅବା ଦେବାନନ୍ଦଙ୍କ 'ଇନ୍‌ସାନିୟତ୍' ଫିଲ୍ମର ସିମ୍ପାଜୀ ହେଉ । ମାନବେତର ଜୀବଜନ୍ତୁଙ୍କ ଅଭିନୟକୁ ଖୁବ୍ ସୁନ୍ଦର ଭାବେ ପରଦାରେ ଚିତ୍ରଣ କରାଯାଇଛି । ୯ ଅଗଷ୍ଟ ୧୯୮୫ ମସିହାରେ ରିଲିଜ୍ ହୋଇଥିଲା 'ତେରୀ ମେହେରବାନିୟା' ଫିଲ୍ମ । ଏହା କନ୍ନଡ଼ ଫିଲ୍ମ 'ଥାଲିୟା ଭାଗ୍ୟ'ର ହିନ୍ଦୀ ରିମେକ ଥିଲା । ଏହି ଫିଲ୍ମରେ ମଣିଷ ପ୍ରତି କୁକୁରର ଭଲପାଇବା ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । ଫିଲ୍ମର କାହାଣୀ ଅନୁଯାୟୀ ଅଭିନେତା, ଅଭିନେତ୍ରୀଙ୍କ ମୃତ୍ୟୁ ପରେ ଶେଷରେ କୁକୁର ଶତ୍ରୁଙ୍କଠାରୁ ପ୍ରତିଶୋଧ ନେଇଥିଲା । ଆଜି ମଧ୍ୟ ଏହି ଫିଲ୍ମ ଦେଖିଲେ ଦର୍ଶକଙ୍କ ଆଖିରେ ଲୁହ ଜକେଇ ଆସେ । ଏହି ସିନେମାରେ ଜ୍ୟାକି ଶ୍ରଫ୍ 'ରାମ', ପୁନମ ଢିଲ୍ଲୋ 'ବିଜୁଳି' ଓ ଅମରୀଶ ପୁରୀ 'ଠାକୁର ବିଜୟ ସିଂ' ଭୂମିକାରେ ଅଭିନୟ କରିଥିଲେ । ଏଥିରେ 'ବ୍ରାଉନି ମୋତି' ନାମକ ଏକ ବିଶ୍ୱସ୍ତ କୁକୁର ଥିଲା । ଫିଲ୍ମର କାହାଣୀ ଜଣେ ଦାୟିତ୍ୱବାନ ଯୁବକ ରାମଙ୍କୁ ନେଇ ଗତିଶୀଳ । ସେ ବାଇକ୍‌ରେ ଯିବାବେଳେ ଅଜାଣତରେ ଗୋଟିଏ କୁକୁରକୁ ଧକ୍କା ଦେବା ପରେ ତାକୁ ଘରକୁ ଆଣି ସେବାଯତ୍ନ କରି ରଖିଥିଲେ । ଗାଁକୁ ଯିବାପରେ ସେ ଭ୍ରଷ୍ଟାଚାରୀ ଠାକୁର ବିଜୟ କୁମାରଙ୍କ ଅତ୍ୟାଚାରର ଶିକାର ହୁଅନ୍ତି । ରାମ ଭଲ ପାଆନ୍ତି ବିଜୁଳିଙ୍କୁ । ହେଲେ ଠାକୁର ତାଙ୍କ ଉପରେ ନଜର ରଖନ୍ତି । ରାମ ଗାଁ ଲୋକଙ୍କୁ ଏକତ୍ର କରି ତାଙ୍କୁ ନ୍ୟାୟ ଦିଅନ୍ତି । କିନ୍ତୁ ଠାକୁର ଗୁଣ୍ଡା ଲଗାଇ ରାମଙ୍କୁ ମାରି ଦିଅନ୍ତି । ଏହାପରେ ମୋତି ସମସ୍ତ ଅପରାଧୀଙ୍କ ଠାରୁ ପ୍ରତିଶୋଧ ନିଏ । ସମସ୍ତ ଗୁଣ୍ଡାକୁ ମାରି ପ୍ରମାଣ ଏକତ୍ର କରି ପୋଲିସକୁ ହସ୍ତାନ୍ତର କରେ । ବ୍ରାଉନି ମୋତି ଏଥିରେ ଚମତ୍କାର ଅଭିନୟ କରିଛି । ଏହି ଫିଲ୍ମକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ଏହି ଫିଲ୍ମର ବଜେଟ୍ ୧.୨୦ କୋଟି ଟଙ୍କା ଥିଲା । ଏହା ଭାରତରେ ୨.୮ କୋଟି ଆୟ କରିଥିଲା । ଏହି ଫିଲ୍ମରେ ପାଞ୍ଚଟି ଗୀତ ଥିଲା । ଗୀତଗୁଡ଼ିକକୁ ଗାଇଥିଲେ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍ । ଫିଲ୍ମର ସବୁଠୁ ଲୋକପ୍ରିୟ ଗୀତ ଥିଲା 'ତେରୀ ମେହେରବାନିୟା' । ଏହି ଟାଇଟଲ୍ ଟ୍ରାକ୍‌ଟି ରାମ ଓ ମୋତି ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଇଥିଲା । ■



# ଭାରତ-ପାକ୍ ମୁକାବିଲା ଫେବୃଆରୀ ୧୫ରେ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଆସନ୍ତାବର୍ଷ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ଯାଏ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟ ଲାଗି ମୁମ୍ବାଇରେ ନଭେମ୍ବର ୨୫ ତାରିଖରେ ଡ୍ର ଘୋଷଣା କରାଯିବ । ଏହା ପୂର୍ବରୁ ମିଳିଥିବା ସୂଚନା ଅନୁଯାୟୀ ଡିଫେଣ୍ଡିଂ ଚାମ୍ପିଅନ ଭାରତ, ପାକିସ୍ତାନ ଓ ଆମେରିକା କ୍ରମାଗତ ଦ୍ୱିତୀୟ ସଂସ୍କରଣରେ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି । ଏହି ଗ୍ରୁପ୍‌ରେ ଅନ୍ୟ ଦୁଇଦଳ ଭାବେ ନେଦରଲାଣ୍ଡସ ଓ ନାମିବ୍ୟା ସ୍ଥାନ ପାଇବେ । ଭାରତ ଓ ପାକିସ୍ତାନ ମଧ୍ୟରେ ଫେବୃଆରୀ ୧୫ରେ ମୁକାବିଲା ହେବ । ଏହା ଶ୍ରୀଲଙ୍କାର କଲମ୍ବୋ ସହରରେ ଖେଳାଯିବ । ଆଇସିସି, ଏସିସି, ବିସିସିଆଇ ଓ ପିସିବି ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନରେ ଟୁର୍ଣ୍ଣାମେଣ୍ଟ ହେଲେ ନିରପେକ୍ଷ ଭେନ୍ୟୁରେ ଏମାନଙ୍କ ମଧ୍ୟରେ ମୁକାବିଲା ହେବ । ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ଭାରତ ନଂ-୧, ପାକିସ୍ତାନ ନଂ-୭, ନେଦରଲାଣ୍ଡସ ନଂ-୧୩, ନାମିବ୍ୟା ନଂ-୧୫ ଓ ଆମେରିକା ନଂ-୧୮ ସ୍ଥାନରେ ଥିବାରୁ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇବେ । କିନ୍ତୁ ସହ ଆୟୋଜକ ଦେଶ ଶ୍ରୀଲଙ୍କା କଷ୍ଟସାଧ୍ୟ ଗ୍ରୁପ୍‌ରେ ରହିବ । ଗୋଟିଏ ଗ୍ରୁପ୍‌ରେ ଅଷ୍ଟ୍ରେଲିଆ, ଜିମ୍ବାୱେ, ଆୟର୍ଲାଣ୍ଡ, ଓମାନ ସହ ଶ୍ରୀଲଙ୍କା ସ୍ଥାନ ପାଇବ । ଏଥର ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ । ଏହି ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯିବ । ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ରହିବେ ।

୨୦୨୬ ଟି-୨୦ ବିଶ୍ୱକପ୍


## ଗୌହାଟୀର 'ବର୍ଷାପଡ଼ା'ରେ ଖେଳାଗଲା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍

# ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୨୪୭/୬

ଗୌହାଟୀ, ୨୨।୧୧ (ଏଜେନ୍ସି):

ଭାରତର ୩୦ତମ ଟେଷ୍ଟ ଭେନ୍ୟୁ ଗୌହାଟୀସ୍ଥିତ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି । ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ଟେଷ୍ଟ ଆଜିଠାରୁ ଆରମ୍ଭ ହୋଇଛି । ଏଠାରେ ଦକ୍ଷିଣ ଆଫ୍ରିକାର ଅଧିନାୟକ ତେମ୍ବା ବଭୁମା କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମ ଦିନ ଖେଳ ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୨୪୭ ରନ୍ ସଂଗ୍ରହ କରିନେଇଛି । ଷ୍ଟମ୍ପ ଅପସାରଣ ବେଳକୁ ସେନୁରନ ମୁଥୁସ୍ୱାମୀ ୨୫ ଓ କାଏଲ ଭେରିନ ୧ ରନ୍‌ରେ ବ୍ୟାଟିଂ କରୁଥିଲେ । ଦଳ ପକ୍ଷରୁ ପ୍ରଥମ ୫ଜଣ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ଜଣେ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ । ସେମାନଙ୍କ ମଧ୍ୟରେ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ ୪୯, ତେମ୍ବା ବଭୁମା ୪୧, ଆଇଡେନ୍ ମାରକ୍ରମ ୩୮, ରିୟାନ ରିକେଲଟନ ୩୫ ଓ ଟୋନି ଡି ଜୋର୍ଜି ୨୮ ରନ୍ କରିଥିଲେ । ଭାରତ ପକ୍ଷରୁ ବାମହାତୀ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୩ଟି, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି । ଆଲୋକ ଅଭାବରୁ ୮ ଓଭର ପୂର୍ବରୁ ଖେଳ ବନ୍ଦ କରାଯାଇଥିଲା । ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର କୋଲକାତାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।

କୋଲକାତାରେ ଖେଳିଥିବା ପ୍ରଥମ ଟେଷ୍ଟରୁ ଭାରତ ଆହତ ଅଧିନାୟକ ଶୁବମନ ଗିଲ୍ ଓ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ବାଦ୍ ଦେଇଥିଲା । ସେମାନଙ୍କ ସ୍ଥାନରେ ସାଇ ସୁଦର୍ଶନ ଓ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିଛି । ଦକ୍ଷିଣ ଆଫ୍ରିକା ପେସ୍ ବୋଲିଂ ଅଲରାଉଣ୍ଡର କୋର୍ବିନ ବୋଶ୍‌ଙ୍କ ସ୍ଥାନରେ ସ୍ପିନ ବୋଲିଂ ଅଲରାଉଣ୍ଡର ସେନୁରନ ମୁଥୁସ୍ୱାମୀଙ୍କୁ ଖେଳିବାକୁ ସୁଯୋଗ ଦେଇଛି । ଏହି ଟେଷ୍ଟରେ ପ୍ରଥମେ ଚା'ପାନ ବିରତି ହୋଇଥିଲା । ଦ୍ୱିତୀୟ ସେସନ ପରେ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା ।


ବର୍ଷାପଡ଼ା ଷ୍ଟାଡିୟମ୍, ଗୌହାଟୀ



ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୭/୬, ୮୧.୫ ଓଭର (ଷ୍ଟବ୍ସ-୪୯, ବଭୁମା-୪୧, ମାରକ୍ରମ-୩୮, କୁଲଦୀପ-୩/୪୮) ।

## ୧୦୪ ବର୍ଷ ପରେ...

# ଟେଷ୍ଟରେ ଟ୍ୱିଷ୍ଟ: ୨ ଦିନରେ ଖେଳ ଶେଷ

ପର୍ଥ, ୨୨।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଅନୁଷ୍ଠିତ ୨୦୨୫ ଆସେସ୍ ସିରିଜ୍‌ର ପ୍ରଥମ ଟେଷ୍ଟ ଦୁଇଦିନ ଭିତରେ ଶେଷ ହୋଇଛି । ଏଥିରେ ଘରୋଇ ଅଷ୍ଟ୍ରେଲିଆ ଦଳ ୮ ୱିକେଟରେ ବିଜୟୀ ହୋଇଛି । ଦୀର୍ଘ ୧୦୪ ବର୍ଷ ପରେ ଏକ ଟେଷ୍ଟ ମ୍ୟାଚ୍ ଦୁଇ ଦିନରେ ଶେଷ ହେବାର ରେକର୍ଡ ହୋଇଛି । ଶେଷ ତଥା ୧୯୨୧ ନଟିଂହାମରେ ଖେଳାଯାଇଥିବା ଇଂଲଣ୍ଡ- ଅଷ୍ଟ୍ରେଲିଆ ଟେଷ୍ଟ ୨ ଦିନ ଭିତରେ ଶେଷ ହୋଇଥିଲା । ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୭ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।



ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ସକାଳେ ଆଉ ୯ ରନ୍ କରିବା ପରେ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସ ୧୩୨ ରନ୍‌ରେ ଶେଷ ହୋଇଥିଲା । ୪୦ ରନ୍‌ରେ ଅଗ୍ରଣୀ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬୪ ରନ୍‌ରେ ଅଲଆଉଟ ହୋଇଥିଲା । ଏହା ଫଳରେ ଅଷ୍ଟ୍ରେଲିଆ ଆଗରେ ୨୦୫ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା । ଇନିଂସ ଓପନ କରିବାକୁ ସୁଯୋଗ ପାଇଥିବା ଟ୍ରାଭିସ୍ ହେଡ୍‌ଙ୍କ ୬୯ ବଲ୍‌ରେ ଶତକ ତଥା ୮୩ ବଲ୍‌ରେ ୧୨୩ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ମାତ୍ର ୨୮.୨ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ମାର୍ନସ ଲାବୁସେନ ୫୧ ରନ୍‌ରେ ଶେଷଯାଏ ବ୍ୟାଟିଂ କରିଥିଲେ । ବ୍ରିସ୍‌ବେନ୍‌ର ଗାବ୍‌ବାରେ ଦ୍ୱିତୀୟ ଟେଷ୍ଟ ଡିସେମ୍ବର ୪ରୁ ଖେଳାଯିବ ।

## ବିବାହର ଦିନକୁ ପୂର୍ବରୁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

# ପଲାଶଙ୍କୁ ହରାଇଲେ ମନ୍ଧାନା

ମୁମ୍ବାଇ, ୨୨ ।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ରବିବାର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି । ସଙ୍ଗୀତ ନିର୍ଦ୍ଦେଶକ ପଲାଶ ମୁଛଲଙ୍କ ହାତ ଧରି ୨୯ ବର୍ଷୀୟା ମନ୍ଧାନା ତାଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ । ମନ୍ଧାନାଙ୍କ ଘରୋଇ ସହର ସାଙ୍ଗଲୀରେ ଏହି ଚର୍ଚ୍ଚିତ ବିବାହ ଅନୁଷ୍ଠିତ ହେବ । ବିବାହ ପୂର୍ବରୁ ଗତ ଦୁଇଦିନ ଧରି ହଳଦୀ ଓ ମେହେନ୍ଦୀ ଉତ୍ସବ ଖୁବ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ମନ୍ଧାନାଙ୍କ ବିବାହ ଉତ୍ସବରେ ସାମିଲ ହୋଇଥିବା ମହିଳା କ୍ରିକେଟ୍ ଦଳର ସାଥୀ ଖେଳାଳିମାନେ ହାତରେ ମେହେନ୍ଦୀ କରି ଖୁବ୍ ମସ୍ତି କରୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ତେବେ ପ୍ରି-ୱେଡିଂର ଏକ କାର୍ଯ୍ୟକ୍ରମ ସ୍ୱରୂପ ବର ଓ କନ୍ୟା ପକ୍ଷ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ କନ୍ୟା ତଥା ଟିମ୍ ବ୍ରାଇଡ୍‌ର ନେତୃତ୍ୱ ନିଜେ ମନ୍ଧାନା ନେଇଥିଲେ । ସେହିଭଳି ପଲାଶଙ୍କ ନେତୃତ୍ୱରେ 'ଟିମ୍ ଗ୍ରୁମ୍' ଖେଳିଥିଲା । ଏହି ମ୍ୟାଚରେ କନ୍ୟା ପକ୍ଷ ତଥା ମନ୍ଧାନାଙ୍କ ଦଳ ବିଜୟୀ ହୋଇଥିଲା । ମନ୍ଧାନାଙ୍କ ଟିମ୍‌ରେ ଭାରତୀୟ ଦଳର ସାଥୀ ଖେଳାଳି ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ, ଶ୍ରେୟଙ୍କା ପାଟିଲ, ରେଣୁକା ସିଂ ଠାକୁର, ରାଧା ଯାଦବ ଓ ରିଚା ଘୋଷ ପ୍ରମୁଖ ଖେଳିଥିଲେ ।



ଆଜି ସକାଳ ୯ ଘଟିକା

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

Presented by: BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary

In Association with:
CBSE-XI & XII
SRI VINAYAKA Concept School
BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୭୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୭୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୬୫୧୭୬୧୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ , ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୬୫୬୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୬୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |
| ରାୟଗଡା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡା | ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୮୮୨୧୦୫ |
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଡୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡା | ନ୍ୟାସନାଲ ହାଇସ୍କୁଲ ନୂଆପଡା | ଘନଶ୍ୟାମ ଭୋଇ - ୯୯୩୭୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୧୪୯୧୬୬ |
| ରାଉରକେଲା | ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍, ଉଦିତନଗର, ରାଉରକେଲା - ୭୬୯୦୦୨ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |
| ଝାରସୁଗୁଡା | PKSS କଲେଜ, ଝାରସୁଗୁଡା | ତୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବକୁଲ ପାଢ଼ୀ - ୯୪୩୭୫୨୯୪୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୬୧୩୩୦ |

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS